

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



RNI Regn No- ODIODI/2014/57766.

Vol.11 . No.82 Bhubaneswar, Thursday, November 28, 2024 | ବର୍ଷ- ୧୧ ସଂଖ୍ୟା-୮୨ ଭୁବନେଶ୍ୱର ଗୁରୁବାର, ନଭେମ୍ବର ୨୮.୨୦୨୪ | ପୃଷ୍ଠା - ୮ | ମୂଲ୍ୟ : ୨.୦୦/-

## ନିଯୁକ୍ତି ପାଇଲେ ୯୪୧ ଅଗ୍ନିଯୋଦ୍ଧା




ଭୁବନେଶ୍ୱର, ୨୭/୧୧ : ଆଗାମୀ ଦିନରେ ଫାୟାର ମ୍ୟାନ ପଦବୀରେ ମହିଳାଙ୍କ ନିଯୁକ୍ତି ବିଷୟକୁ ବିଚାରକୁ ନିଆଯିବ। ଏଥିପାଇଁ ଆବଶ୍ୟକୀୟ ସଂଶୋଧନ ଜରିଆରେ ପଦବୀକୁ ଫାୟାର ଫାଇଟର ବା ଅଗ୍ନିଯୋଦ୍ଧା ଭାବେ ନାମିତ କରାଯିବ। ଏହାଫଳରେ ମହିଳାମାନେ ମଧ୍ୟ ଏଥିରେ ନିଯୁକ୍ତିର ସୁଯୋଗ ପାଇ ପାରିବେ ବୋଲି ଆଜି ରାଜ୍ୟ ସ୍ତରୀୟ ଅଗ୍ନିଯୋଦ୍ଧା ନିଯୁକ୍ତି ସମାରୋହରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଓୟୁଏଟି ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଗ୍ନିଯୋଦ୍ଧା ମାନଙ୍କୁ ନୂତନ ଦାୟିତ୍ୱ ନେଇଥିବାରୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଜନସାଧାରଣଙ୍କ ସେବା କରିବା ପାଇଁ ଓ ସେମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଆପଣମାନଙ୍କୁ ଆଜି ସୁଯୋଗ ମିଳିଛି। ମଣିଷ ଜୀବନ ବଞ୍ଚାଇବା ମହାପୂଣ୍ୟ କାମ। ଦରମା ତ ପ୍ରତ୍ୟେକ କର୍ମଚାରୀ ପାଉଛନ୍ତି, କିନ୍ତୁ ଜୀବନ ରକ୍ଷାକରି ପୂଣ୍ୟ ଅର୍ଜନ କରିବାର ସୁଯୋଗ ସମସ୍ତଙ୍କୁ ମିଳେ ନାହିଁ । ସମାଜର ପ୍ରଶଂସା ଓ ସମ୍ମାନ ଆପଣଙ୍କ ଜୀବନର ସବୁଠାରୁ ବଡ ସଫଳତା ହେବ। ଆପଣମାନଙ୍କର କାର୍ଯ୍ୟ କ୍ଷେତ୍ରରେ ସୁନାମ ରାଜ୍ୟକୁ ସୁରକ୍ଷିତ କରି ରଖିବ। ସେ କହିଥିଲେ , ରାଜ୍ୟରେ ମୋଟ ୩୮୩୨ଟି ଆଗ୍ନିକ ଓ ୩୮୭ଟି ପଦବୀ ରହିଛି। ଆଜି ଖାଲି ଥିବା ୮୨୬ଟି ଆଗ୍ନିକ ଓ ୧୧୫ଟି ଆଗ୍ନିକ ଗାଡିଚାଳକ ପଦବୀ ପୂରଣ ହେଲା। ଗୋଟିଏ ଦିନରେ ସମ୍ପୂର୍ଣ୍ଣ ପଦବୀ ସଂଖ୍ୟାର ୨୨ ଭାଗ ପଦବୀ ପୂରଣ କରାଗଲା। ରାଜ୍ୟରେ ସରକାରୀ ପଦବୀ ଖାଲି ରହିଲେ, ଏହାର ପ୍ରଭାବ ବିଭାଗ ଉପରେ ପଡ଼େ। ଅଗ୍ନିଶମ ବିଭାଗ ପରି ଏକ ଜରୁରୀକାଳୀନ ସଂସ୍ଥାରେ ପଦବୀ ଖାଲି ରହିବା ଗ୍ରହଣୀୟ ନୁହେଁ। ୯୪୧ ଜଣ ନୂଆ ଅଗ୍ନିଯୋଦ୍ଧାଙ୍କ ଯୋଗଦାନ ବିଭାଗକୁ ସୁଦୃଢ କରିବ ଏବଂ ବିଭାଗ ଲୋକଙ୍କ ଧନଜୀବନ ସୁରକ୍ଷା କରିବା ପାଇଁ ଅଧିକ ସକ୍ଷମ ହେବ। ଗୃହ ବିଭାଗରେ ଖାଲିଥିବା ପଦବୀ ଓ ନୂଆ ପଦବୀ ମିଶି ପ୍ରାୟ ୧୦,୦୦୦ ପଦବୀ ଖୁବ୍ ଶୀଘ୍ର ପୂରଣ ହେବ। ସେହିପରି ୨୦୨୦ ଠାରୁ ଗୃହରକ୍ଷୀ ନିଯୁକ୍ତି ବନ୍ଦ ଅଛି। ଏବେ ପ୍ରାୟ ୨୪୧୬ଟି ପଦବୀ ଖାଲି ଅଛି। ଖୁବ୍ ଶୀଘ୍ର ଏ ଗୁଡ଼ିକ ମଧ୍ୟ ପୂରଣ ହେବ। ଆଗାମୀ ୫ ବର୍ଷ ମଧ୍ୟରେ ଆମ ସରକାର ୧.୫ ଲକ୍ଷ ସରକାରୀ ପଦବୀ ପୂରଣ କରିବା ପାଇଁ ସ୍ଥିର କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଉପସ୍ଥିତ ରହି ଅଗ୍ନିଶମ ବାହିନୀରେ ଝିଅମାନଙ୍କୁ ସୁଯୋଗ ଦେବା ପାଇଁ ପ୍ରସ୍ତାବ ରଖିଥିଲେ। ଏହା ଉପରେ ବିଚାର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ଏବଂ ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ମହାନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

## ୪୦ ହଜାରରେ ବିକିଲେ ୪ ବର୍ଷର ଝିଅକୁ



ଭୁବନେଶ୍ୱର, ୨୭/୧୧: ବଡ଼ ସହରରେ ବଡ଼ ଖବର। ୪୦ ହଜାର ଟଙ୍କାରେ ବିକ୍ରି ହେଲା ୪ ବର୍ଷର ଝିଅ। ଦାରିଦ୍ର୍ୟତା ପାଇଁ ନୁହେଁ, ବରଂ ପାରିବାରିକ ଗଣ୍ଡଗୋଳ ପାଇଁ ବିହାରୀ ଦମ୍ପତି ନିଜ ଝିଅକୁ ବିକ୍ରି କରିଥିବା ଅଭିଯୋଗ ହେଉଛି। ଆଉ ଏହି ପିଲା ବିକ୍ରିରେ ମଧ୍ୟସ୍ଥି ସାଜିଥିବା ଦଲାଲ୍‌ମାନେ ମାଲାମାଲ ହୋଇଥିବା ଚର୍ଚ୍ଚା ହେଉଛି। ରାଜଧାନୀ ଭୁବନେଶ୍ୱରରେ ଏପରି ଲଜ୍ଜାଜନକ ଘଟଣା ଘଟିଛି। ପୂରା ଘଟଣା ଏମିତି। ବିହାର ରାଜ୍ୟର ଶୁବୋଧ ଶର୍ମା ଜଣେ କାଠ ମିସ୍ତ୍ରୀ। ତାଙ୍କ ପ୍ରଥମ ସ୍ତ୍ରୀଙ୍କଠାରୁ ଗୋଟିଏ ଝିଅ ଅଛି। ତା'ର ବୟସ ପ୍ରାୟ ୪ ବର୍ଷ ହେବ। ପରବର୍ତ୍ତୀ ସମୟରେ ସେ ଗୁଡ଼ିଆ ଦେ'ଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ବିବାହ କରିବା ପରେ ଉଭୟ ସ୍ୱାମୀ-ସ୍ତ୍ରୀ, ଝିଅ(ପ୍ରଥମ ସ୍ତ୍ରୀଙ୍କଠାରୁ ହୋଇଥିବା)କୁ ଓଡ଼ିଶା ପଳାଇ ଆସିଥିଲେ। ରାଜଧାନୀ ଭୁବନେଶ୍ୱର ଟଙ୍କପାଣି ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲେ। କାଠ କାମରୁ ଯାହା ରୋଜଗାର କରୁଥିଲେ, ସେଥିରେ ଚଳୁଥିଲା ପୂରା ପରିବାର। ହେଲେ ସଉତୁଣୀ ଝିଅକୁ ଆଉ ଆଖିରେ ଦେଖୁନଥିଲେ ଗୁଡ଼ିଆ। ଯେଉଁଥିପାଇଁ ଅନେକ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ନିଜର ୪ ବର୍ଷର ଝିଅକୁ ଅନାଥାଶ୍ରମରେ ରଖିବାକୁ ନିଷ୍ପତ୍ତି ନେଇଥିଲେ ଶୁବୋଧ। ହେଲେ ସେମିତି କିଛି ବ୍ୟବସ୍ଥା ହୋଇପାରିଲା ନାହିଁ। ପରବର୍ତ୍ତୀ ସମୟରେ ଦ୍ୱିତୀୟ ପତ୍ନୀ ଗୁଡ଼ିଆଙ୍କ ପ୍ରରୋଚନାରେ ଝିଅକୁ ବିକ୍ରି କରିବା ପାଇଁ ଯୋଜନା କରିଥିଲେ। ଏଥିପାଇଁ ସେମାନେ ୨ ଜଣ ମହିଳା ଦଲାଲଙ୍କ ସହ ଯୋଗାଯୋଗ କରିଥିଲେ। ଦୁଇ ମହିଳା ଦଲାଲ ଗ୍ରାହକ(ଛୁଆ କିଣିବାକୁ ରାଜି ଥିବା ଦମ୍ପତି) ଯୋଗାଡ କରିଥିଲେ। ବହୁ ଖୋଜାଖୋଜି ପରେ ପୁରୀ ଜିଲ୍ଲା ପିପିଲି ଅଞ୍ଚଳର ରଘୁନାଥ ବେହେରା ଓ ତାଙ୍କ ପତ୍ନୀଙ୍କୁ ପାଇଥିଲେ। ଦଲାଲମାନେ ପ୍ରଥମେ ରଘୁନାଥଙ୍କୁ ଫୋନ୍ କରି ଝିଅ ବିକ୍ରି ସମ୍ପର୍କରେ କଥା ହୋଇଥିଲେ। ବହୁ ମୂଲଚାଲ ପରେ ୪୦ ହଜାର ଟଙ୍କାରେ ଡିଲ୍ ଫାଇନାଲ୍ ହୋଇଥିଲା। ରଘୁନାଥ ଓ ତାଙ୍କ ପତ୍ନୀ ନଗଦ ୩୫ ହଜାର ଟଙ୍କା ଏବଂ ଫୋନ୍ ପେ'ରେ ବାକି ୫ ହଜାର ଟଙ୍କା ଶୁବୋଧଙ୍କ ୨ୟ ପତ୍ନୀ ଗୁଡ଼ିଆଙ୍କୁ ଦେଇଥିଲେ। ତା'ପରେ ଝିଅକୁ ନେଇ ଯାଇଥିଲେ। ସେପଟେ ଘର ମାଲିକ ଗତ ଦୁଇ ଦିନ ହେଲା ଶୁବୋଧଙ୍କ ୪ ବର୍ଷର ଝିଅକୁ ଦେଖିବାକୁ ପାଇନଥିଲେ। ତେଣୁ ସେ ଝିଅ ସମ୍ପର୍କରେ ପଚରାଉଚରା କରିଥିଲେ। ମାତ୍ର ସେ ସନ୍ତୋଷ ଜନକ ଉତ୍ତର ପାଇନଥିଲେ। ଶୁବୋଧ ଓ ତାଙ୍କ ପତ୍ନୀଙ୍କ କଥାବାର୍ତ୍ତାକୁ ନେଇ ସନ୍ଦେହ କରୁଥିଲେ ଘର ମାଲିକ। ଝିଅ ବିକ୍ରି କରାଯାଇଥିବା ନେଇ ସେ କୌଣସି ସୂତ୍ରରୁ ଖବର ପାଇଥିଲେ। ଘର ମାଲିକ ଏନେଇ ବଡ଼ଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ମାମଲାର ଖୋଳତାଡ ଆରମ୍ଭ କରିଥିଲା। ପ୍ରଥମେ ଶୁବୋଧ ଓ ତାଙ୍କ ଦ୍ୱିତୀୟ ପତ୍ନୀ ଗୁଡ଼ିଆକୁ ଉଠାଇ ଆଣି ପଚରାଉଚରା କରିଥିଲେ। ସବୁଠାରୁ ମଜାଦାର କଥା ହେଉଛି ୪୦ ହଜାର ଟଙ୍କାରେ ଅୟସ୍ କରୁଥିବା ଶୁବୋଧ ପୁଲିସ୍ ଆଗରେ କିଛି ଜାଣିନଥିବା କହିଥିଲେ।ଆଉ ସବୁ ଦୋଷ ପତ୍ନୀଙ୍କ ଉପରେ ଢ଼ାଳି ଦେଇଥିଲେ। ତେଣୁ ପୁଲିସ୍ ଗୁଡ଼ିଆଙ୍କୁ ଦୀର୍ଘ ସମୟ ଧରି ପଚରାଉଚରା କରିଥିଲେ। ଜେରା ବେଳେ ଗୁଡ଼ିଆ ସବୁ ଦୋଷ ସ୍ୱୀକାର କରିଥିଲେ। ଦୁଇ ମହିଳା ଦଲାଲଙ୍କ ନାଁ ମଧ୍ୟ କହିଥିଲେ। ତା'ପରେ ପୁଲିସ୍ ସେମାନଙ୍କୁ ଉଠାଇଆଣି ଜେରା କରୁଛି। ଛୁଆ ବିକ୍ରି ଅଭିଯୋଗରେ ପୁଲିସ୍ ଶୁବୋଧ, ତାଙ୍କ ଗୁଡ଼ିଆ; ଛୁଆ କିଣିଥିବା ରଘୁନାଥ ଓ ତାଙ୍କ ପତ୍ନୀ ଏବଂ ଦୁଇ ମହିଳା ଦଲାଲଙ୍କୁ ଜେରା କରୁଛି କମିସନରେଟ୍ ପୁଲିସ୍। ଏହି ମାମଲାରେ ଆଉ ଯେଉଁମାନେ ସମ୍ପୃକ୍ତ ଥିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୁଲିସ୍ କହିଛି।

## ସରକାର ଅଧିକ ଧାନ କିଣନ୍ତୁ

ଭୁବନେଶ୍ୱର, ୨୭/୧୧: ସରକାର ଧାର୍ଯ୍ୟ କରିଥିବା ପରିମାଣ ତୁଳନାରେ ଚାଷୀମାନେ ଅଧିକ ଧାନ ଉତ୍ପାଦନ କରୁଥିବାରୁ ସରକାର ଅଧିକ ପରିମାଣରେ ଧାନ କିଣିବାକୁ ବିଧାନସଭାରେ ଦାବି କରିଛନ୍ତି ବିଧାୟକ ସାରଦା ପ୍ରସାଦ ପ୍ରଧାନ । ପ୍ରଶ୍ନକାଳରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସରକାର ଜଳସେଚିତ ଜମିରୁ ଏକର ପିଛା ୧୯ କୁଇଣ୍ଟାଲ ଓ ଅଣଜଳସେଚିତ ଜମିରୁ ଏକର ପିଛା ୧୩ କୁଇଣ୍ଟାଲ ଧାନ କିଣିବାକୁ ସ୍ଥିର କରିଛନ୍ତି । ହେଲେ ଉପକୂଳ ଜିଲ୍ଲାର ଚାଷୀମାନେ ଏହାଠାରୁ ଅଧିକ ଧାନ ଫଳାଉଛନ୍ତି । ତେଣୁ ସରକାର ସବୁତକ ଧାନ ଖରିଦ କରନ୍ତୁ । ଶ୍ରୀ ପ୍ରଧାନ କହିଛନ୍ତି ଧାନଚାଷ କ୍ଷେତ୍ରରେ ତିନି ଟି ବିଭାଗ ଯଥା କୃଷି, ସମବାୟ ଓ ଯୋଗାଣ ବିଭାଗ ମଧ୍ୟରେ ସମନ୍ୱୟ ରହିବାକଥା । ପଶ୍ଚିମଓଡିଶାରେ ଧାନ କିଣା ହେବାର ଦେଢ ମାସ ପରେ ଉପକୂଳ ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ ମିଳୁଛି । ଯାହା ଫଳରେ ଏଠାରୁ କମ୍ ପରିମାଣରେ ଧାନ କିଣାଯାଉଛି । ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଚାଷୀମାନଙ୍କ ଠାରୁ ୨୦୨୨-୨୩ରେ ୩ଲକ୍ଷ ୬୦ହଜାର କୁଇଣ୍ଟାଲ ଧାନ କିଣାଯାଇଥିବାବେଳେ ୨୦୨୩-୨୪ ଏହା ୨ଲକ୍ଷ ୬୦ ହଜାର କୁଇଣ୍ଟାଲକୁ ହ୍ରାସ ପାଇଛି । ଯେହେତୁ ଚଳିତବର୍ଷ ନୂଆସରକାର ଧାନ ଦର ବୃଦ୍ଧି କରିଛନ୍ତି ତେଣୁ ଚାଷୀମାନେ ଅଧିକ ପରିମାଣରେ ଧାନ ବିକ୍ରି ପାଇଁ ଆଗ୍ରହୀ ଅଛନ୍ତି । ସରକାର ୨୦୨୨-୨୩ ବର୍ଷରେ କିଣିଥିବା ଧାନ ଠାରୁ ଅଧିକ ୧୦ ପ୍ରତିଶତ ଟାର୍ଗେଟ ରଖନ୍ତୁ । ସେହିଭଳି ମଣ୍ଡିଗୁଡିକରେ ଚାଷୀମାନେ ଧାନ ଓଜନ ପାଇଁ ୪/୫ ଦିନ ଧରି ଅପେକ୍ଷା କରୁଥିବା ପ୍ରସଙ୍ଗ ଉଠାଇ ବିଧାୟକ ଶ୍ରୀ ପ୍ରଧାନ କହିଥିଲେ ଯେ ଚାଷୀମାନେ ଦିନକୁ ହଜାରେ କୁଇଣ୍ଟାଲ ଧାନ ଧରି ଆସୁଥିବାବେଳେ ମିଲରମାନେ ୨୦୦ କୁଇଣ୍ଟାଲ ନେବାପାଇଁ ଗାଡି ଧରି ଆସି ପହଞ୍ଚୁଛନ୍ତି । ତେଣୁ ଚାଷୀମାନେ ମଣ୍ଡିରେ ଧାନ ଓଜନ ପାଇଁ ଅପେକ୍ଷା କରୁଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ସମବାୟ ସମିତିଗୁଡିକ ଚାଷୀଙ୍କ ଠାରୁ ଧାନ ଓଜନ କରି ରଖିଦିଅନ୍ତୁ । ମିଲରମାନେ ଯେତେବେଳେ ଚାହିଁବେ ନେଇପାରିବେ । ଶ୍ରୀ ପ୍ରଧାନଙ୍କ ପ୍ରଶ୍ନର ଉତ୍ତରରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଥିଲେ ଯେ ଉପକୂଳରେ ବିଳମ୍ବରେ ଧାନ ଅମଳ ହେଉଥିବାର ଚାଷୀମାନଙ୍କୁ ପରେ ଟୋକନ ମିଳୁଛି । ତେବେ ଚଳିତବର୍ଷ କେତେ ଧାନ ଉତ୍ପାଦନ ହୋଇଛି ଓ ଚାଷୀମାନେ କେତେ ଧାନ ବିକ୍ରି କରିବେ ତାହାର ସର୍ଭେ କରାଯାଉଥିବା ମନ୍ତ୍ରୀ କହିଥିଲେ ।

## ମାଗଣା ଚାଉଳ ପାଇଁ କେନ୍ଦ୍ରର ଖର୍ଚ୍ଚ ୮୯୬୭ କୋଟି ଟଙ୍କା

ଭୁବନେଶ୍ୱର, ୨୭/୧୧ : ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍‌ରେ ଓଡିଶାକୁ କେନ୍ଦ୍ର ସରକାର ଚାଉଳ ଯୋଗାଣ ବାବଦରେ ବର୍ଷକୁ ହାରାହାରି ୮୯୬୭ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଏଥିରେ ଚାଉଳର ଦରସହିତ ପରିବହନ ଓ ବିତରଣ ଖର୍ଚ୍ଚ ସାମିଲ ଅଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କର ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ଶ୍ରୀ ପାତ୍ର କହିଛନ୍ତି ଯେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅଧିରେ ୯୩,୨୩,୦୭୯ ପରିବାରର ୩,୨୬,୩୩,୦୯୭ ସଦସ୍ୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧିନରେ ୩,୧୫,୦୨୪ ପରିବାରର ୧୦,୦୩,୭୧୯ ସଦ୍ୟଙ୍କୁ ମାଗଣାରେ ଚାଉଳ ଯୋଗାଇ ଦିଆଯାଉଛି । କେନ୍ଦ୍ର ସରକାର ଜାତୀ ଖାଦ୍ୟ ସୁରକ୍ଷା ଆଇନ୍ ଅଧିନରେ ଆବଶ୍ୟକ ପଡୁଥିବା ବାର୍ଷିକ ହାରାହାରି ୨୨ଲକ୍ଷ ୪୪ ହଜାର ମେଟ୍ରିକ ଟନ୍ ଚାଉଳ ଯୋଗାଇ ଦେଉଛନ୍ତି । ଏହି ଚାଉଳର କିଲୋପିଛା ଖର୍ଚ୍ଚ ହାରାହାରି ୩୯.୯୬ ଟଙ୍କା । ଏ ବାବଦରେ ବର୍ଷକୁ ପ୍ରାୟ ୮୯୬୭ କୋଟି ଟଙ୍କା ଖର୍ଚ୍ଚ ହେଉଛି । ତେବେ ଏଥିରେ ପରିବହନ ଓ ବିତରଣ ବାବଦରେ କିଲୋପିଛା ହାରାହାରି ୯୦ ପଇସା ଖର୍ଚ୍ଚ ହେଉଛି । ସେହିଭଳି ରାଜ୍ୟ ସରକାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧିନରେ ବର୍ଷକୁ ହାରାହାରି ୬୦ହଜାର ମେଟ୍ରିକ ଟନ୍ ଚାଉଳ ଯୋଗାଇ ଦେଉଛନ୍ତି ଯାହାର କିଲୋପିଛାକର୍ଚ୍ଚ ୪୧.୩୩ ଟଙ୍କା । ଏ ବାବଦରେ ବର୍ଷକୁ ମୋଟ ? ୨୫ କୋଟି ଖର୍ଚ୍ଚ ହେଉଛି । ଏଥି ମଧ୍ୟରେ ପରିବହନ ଏବଂ ବିତରଣ ବାବଦରେ କିଲୋପିଛା ହାରାହାରି ୨.୨୬ ଟଙ୍କା ଖର୍ଚ୍ଚ ହେଉଛି ସେହିଭଳି ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ନୂତନ ରାସନକାର୍ଡ ପାଇବାକୁ ୬,୧୯,୮୩୬ ଜର ଆବେଦନ କରିଥିବା ମନ୍ତ୍ରୀ ଶ୍ରୀ ପାତ୍ର ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ।

## ପୁରୀରେ ପାଳନ ହେବ ନୌସେନା ଦିବସ



ପୁରୀ, ୨୭/୧୧: ଓଡ଼ିଶାରେ ପ୍ରଥମ ଥର ପାଇଁ ପୁରୀ ତଟରେ ଡିସେମ୍ବର ୪ ତାରିଖରେ ପାଳନ ହେବ ନୌସେନା ଦିବସ। ଏଥିରେ ମୁଖ୍ୟଅତିଥି ଭାବରେ ଯୋଗଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏଥିପାଇଁ ଆରମ୍ଭ ହୋଇଯାଇଛି କାଉଣ୍ଟଡାଉନ। ରାଷ୍ଟ୍ରପତିଙ୍କ ସମେତ ପ୍ରତିରକ୍ଷା ମନ୍ତ୍ରୀ ଓ ତିନି ସେନାର ମୁଖ୍ୟ ବସିବା ପାଇଁ ବ୍ଲୁ ଫ୍ଲାଗ୍ ବିଚ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ଲାଇଟ୍ ହାଉସ୍ ଠାରୁ ଦିଗବାରେଣି ଖୁଣ୍ଟି ଏବଂ ନୀଳାଦ୍ରି ବିଚରୁ ପେଣ୍ଠକଟା ପର୍ଯ୍ୟନ୍ତ ସବୁସ୍ଥାନରେ ଦେଖିହେବ ନୌସେନାର ରଣ କୌଶଳ। ଯୁଦ୍ଧଭୂମିର ଭ୍ରମ। ଘୁଁ ଘୁଁ ଗର୍ଜନ ସହ ପ୍ରସ୍ତୁତ ହେଉଛି ଯୁଦ୍ଧ ଟ୍ୟାଙ୍କ। ବ୍ଲୁ ଫ୍ଲାଗ ବିଚ୍‌ରେ ନେଭି ଡେ' ପାଳନ ପାଇଁ ଆରମ୍ଭ ହୋଇଯାଇଛି କାଉଣ୍ଟଡାଉନ। ବାହ୍ୟ ଶତ୍ରୁ ଆକ୍ରମଣର ମୁକାବିଲା ସହ ପରାକ୍ରମ ଦେଖାଇବାକୁ କେତେ ସଜାଗ ଭାରତୀୟ ନୌସେନା, ସେନେଇ ପ୍ରଦର୍ଶିତ ହେବ ଦୁଃସାହସିକ ରଣକୌଶଳ। ନୌସେନାର ବୀରତ୍ୱର ବାର୍ତ୍ତା ଦେଇ ପରେଡ୍ କରିବେ ଭାରତୀୟ ନୌସେନା ଯବାନ। ଏଥିପାଇଁ ଜୋରସୋରରେ ଚାଲିଛି ଅଭ୍ୟାସ। ସେପଟେ ରେଡ୍ କାର୍ପେଟରେ ସଜେଇ ହେଲାଣି ବ୍ଲୁ ଫ୍ଲାଗ୍ ବିଚ୍। ମଝିରେ ତିଆରି ହୋଇଛି ମଞ୍ଚ। ଯେଉଁଠି ବସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ତାଙ୍କର ଠିକ ସମ୍ମୁଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପଡିଛି ବିରାଟ ଷ୍ଟେଜ। ୩ ହଜାରରୁ ଅଧିକ ଅତିଥି ବସିବା ପାଇଁ ସ୍ୱତନ୍ତ୍ର ଚେୟାରର ବ୍ୟବସ୍ଥା କରାଯାଇଛି। ନୌସେନାର ରଣକୌଶଳ ସମ୍ପର୍କରେ ସୂଚନା ଦେବାକୁ ପାଖରେ ନିର୍ମାଣ ହୋଇଛି ଅପରେଟିଂ ରୁମ୍। କେବଳ ବ୍ଲୁ ଫ୍ଲାଗ୍ ବିଚ୍‌ରେ ନୁହେଁ, ଦିଗବାରେଣୀ ଖୁଣ୍ଟିଠାରୁ ଲାଇଟ୍ ହାଉସ୍ ବେଳାଭୂମି ଓ ନୀଳାଦ୍ରି ବିଚରୁ ପେଣ୍ଠକଟା ପର୍ଯ୍ୟନ୍ତ ସବୁଠି ରହି ନୌସେନାର ଦୁଃସାହସିକ କୌଶଳ ଦେଖିହେବ। ତେଣୁ ସମସ୍ତେ ବ୍ଲୁ ଫ୍ଲାଗ୍ ବିଚ୍ ନଆସିବାକୁ ଅନୁରୋଧ କରିଛି ପୁରୀ ପ୍ରଶାସନ। ଏଥିସହ ନାଭାଲ୍ ଡେ ପାଳନ ଅବସରରେ ନୌକା ଓ ଜାହାଜ ଚଳାଚଳରେ ଲାଗିବ କଟକଣା। ବନ୍ଦ ରହିବ ଡ୍ରୋନ୍ ଉଡାଣ। ଯୁଦ୍ଧ ବିମାନ ସହ ବାର୍ଡ ହିଟ୍ ଆଶଙ୍କା କରି ବାହାରେ ଅଳିଆ ଆବର୍ଜନା ନପକାଇବାକୁ ପରାମର୍ଶ ଦିଆଯାଇଛି। ଓଡ଼ିଶା ତଥା ପ୍ରାଚୀନ କଳିଙ୍ଗ ସହ ବିଶ୍ୱର ବିଭିନ୍ନ ଦେଶର ନୌବାଣିଜ୍ୟ ସମ୍ପର୍କ ରହିଛି। ଗର୍ବ ଓ ଗୌରବର ଏହି ସ୍ମୃତିକୁ ଉଜାଗର ରଖିବାକୁ ପ୍ରଥମ ଥର ପାଇଁ ଓଡ଼ିଶାରେ ପାଳନ ହେବାକୁ ଯାଉଛି ନୌସେନା ଦିବସ। ଏହି ଅବସରରେ ୫୦ରୁ ଅଧିକ ଏୟାରକ୍ରାଫ୍ଟ ରଣକୌଶଳ ଦେଖାଇବେ। ଯାହାର ସାକ୍ଷୀ ରହିବେ ହଜାର ହଜାର ଜନତା।

## ପ୍ରଧାନମନ୍ତ୍ରୀ ମୋଦି କରିବେନି ରୋଡ୍ ଶୋ'

ଦିନକ ପରେ ଅର୍ଥାତ୍ ୨୯ତାରିଖ ଅପରାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱରରେ ପହଂଚିବେ । ୩ଦିନିଆ ଓଡ଼ିଶା ଗସ୍ତରେ ଆସୁଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଖରେ ରାଜ୍ୟର ମୋହନ ସରକାର ନିଜର ରିପୋର୍ଟ କାର୍ଡ ରଖିବେ । ଏହାସହିତ ପ୍ରଧାନମନ୍ତ୍ରୀ ମୋଦି ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ଯାଇ ସେଠାରେ ଦଳୀୟ ବିଧାୟକ,ସାଂସଦ ଓ ମନ୍ତ୍ରୀଙ୍କ ସମେତ ବରିଷ୍ଠ କର୍ମକର୍ତ୍ତାଙ୍କ ସହ ରାତ୍ରିଭୋଜନ କରିବେ ବୋଲି ଜଣାପଡ଼ିଛି । ଆଜି ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦି ୨୯ତାରିଖ ଅପରାହ୍ନ ୪ଟା ୧୫ମିନିଟରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯିବ । ସେହି ବିମାନ ବନ୍ଦର ନିକଟରେ ଏକ ସାଧାରଣ ସଭାକୁ ପ୍ରଧାନମନ୍ତ୍ରୀ ମୋଦି ସମ୍ବୋଧିତ କରିବେ । ସେଠାରୁ ସିଧାସଳଖ ରାଜଭବନ ଯିବେ । ସନ୍ଧ୍ୟା ସାଢ଼େ ୬ଟାରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପହଂଚିବେ । ପ୍ରାୟ ଦୁଇ ଘଂଟା ରହିବେ । ଦଳର ମନ୍ତ୍ରୀ, ସାଂସଦ, ବିଧାୟକ ଓ ରାଜ୍ୟ ପଦାଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ ଓ ପରେ ଏକାଠି ସମସ୍ତେ ପ୍ରଧାନମନ୍ତ୍ରୀଙ୍କ ସହ ରାତ୍ରିଭୋଜନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ସାମଲ କହିଛନ୍ତି । ସ୍ୱାଧୀନତା ପରେ ପ୍ରଥମଥର ପାଇଁ ଓଡ଼ିଶାରେ ସର୍ବଭାରତୀୟ ପୁଲିସ ଡିଜି ସମ୍ମିଳନୀ ଆୟୋଜନ ହେଉଛି । ସମ୍ମିଳନୀର ଦ୍ୱିତୀୟ ଦିନ ଅର୍ଥାତ୍ ନଭେମ୍ବର ୩୦ତାରିଖରେ ପ୍ରଧାନମନ୍ତ୍ରୀ ଏହି ସମ୍ମିଳନୀରେ ଯୋଗ ଦେଇ ଡିସେମ୍ବର ୧ରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ । ତେବେ ମୋଦିଙ୍କ ଗସ୍ତବେଳେ ରୋଡ୍ ଶୋ' ହେବନି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଆଜି ପୂର୍ବାହ୍ନରେ ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପଂଚାୟତିରାଜ ମନ୍ତ୍ରୀ ରବି ନାଏକ, ମୁଖ୍ୟ ସଚିବ ମନୋଜ ଆହୁଜା, ପୁଲିସ ଡିଜି ୱାଇବି ଖୁରାନିଆ ପ୍ରମୁଖ ଯାଇ ସୁରକ୍ଷା ବ୍ୟବସ୍ଥା ଓ ପ୍ରସ୍ତୁତି ଯାଂଚ କରିଛନ୍ତି । ଏହାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପଂଚାୟତିରାଜ ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ଯେ,ରାଜ୍ୟରେ ବିଜେପି ସରକାରର ପ୍ରଦର୍ଶନର ସମୀକ୍ଷା ପ୍ରଧାନମନ୍ତ୍ରୀ କରିବେ । ଏହା ଆମମାନଙ୍କ ପାଇଁ ଗର୍ବର କଥା ଯେ ପ୍ରଧାନମନ୍ତ୍ରୀଙ୍କୁ ଆମେ ରିପୋର୍ଟ କାର୍ଡ ଦେବୁ ବୋଲି ସେ କହିଛନ୍ତି ।





ପ୍ରାପ୍ତବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଯକ୍ଷ୍ମା ପ୍ରତିଷେଧକ ଟୀକାକରଣ

୨୦୨୫ ମସିହା ସୁଦ୍ଧା ଦେଶକୁ ଯକ୍ଷ୍ମାମୁକ୍ତ କରିବା ନିମନ୍ତେ ଭାରତ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ପୂର୍ବରୁ କେବଳ ଶିଶୁମାନଙ୍କୁ ଯକ୍ଷ୍ମା ପ୍ରତିଷେଧକ ବି.ସି.ଜି. ଟୀକା ଦିଆଯାଉଥିବା ବେଳେ ଏବେ ବୟସ୍କ ଲୋକମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ଟୀକାକରଣ ଶିବିରରେ ଏହି ଟୀକା ଦିଆଯାଉଅଛି। ଯେଉଁମାନେ ଏହି ଟୀକା ନେବାକୁ ଯୋଗ୍ୟ ସେମାନେ ହେଲେ –

- ୬୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି
- ୧୮ ବର୍ଷରୁ ୬୦ ବର୍ଷ ବୟସ ମଧ୍ୟରେ ଥିବା ବ୍ୟକ୍ତି ଯିଏକି –
  - ବିଗତ ୫ ବର୍ଷ ମଧ୍ୟରେ ଯକ୍ଷ୍ମା ରୋଗୀ ଭାବେ ଚିହ୍ନଟ ଓ ଚିକିତ୍ସିତ ହୋଇଥିବେ,
  - ବିଗତ ୩ ବର୍ଷ ମଧ୍ୟରେ ଯକ୍ଷ୍ମା ରୋଗୀର ସଂସ୍ପର୍ଶରେ ଆସିଥିବେ,
  - ମଧୁମେହ ରୋଗୀ ହୋଇଥିବେ,
  - ଧୂମପାନ କରୁଥିବେ କିମ୍ବା
  - କୁପୋଷଣର ଶିକାର ହୋଇଥିବେ

ଏହି କାର୍ଯ୍ୟକ୍ରମ ପାଇଁ ଆମ ରାଜ୍ୟର ୧୫ଟି ଜିଲ୍ଲା (ବଲାଙ୍ଗୀର, ବାଲେଶ୍ୱର, ବୌଦ୍ଧ, କଟକ, ଢେଙ୍କାନାଳ, ଗଜପତି, ଝାରସୁଗୁଡା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡା, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ, ରାୟଗଡା ଓ ସୁନ୍ଦରଗଡ) ଚିହ୍ନଟ ହୋଇଛି।

କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆପଣମାନଙ୍କର ସହଯୋଗ ଏକାନ୍ତ କାମ୍ୟ।

ଆସନ୍ତୁ ସମସ୍ତେ ମିଶି ଏହାକୁ ସଫଳ କରିବା, ଦେଶକୁ ଯକ୍ଷ୍ମାମୁକ୍ତ କରିବା

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

DSPL-225 OIPR-10003/13/0108/2425

# ଆମ୍ବେଦକର ସ୍ମୃତି କମିଟି ଫୁଲବାଣୀରେ ପାଳନ କଲା ୭୫ତମ ଜାତୀୟ ସମ୍ବିଧାନ ଦିବସ





ଫୁଲବାଣୀ ୨୭/୧୧ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) ଆଜି ଦେଶ ତାର ୭୫ ତମ ଜାତୀୟ ସମ୍ବିଧାନ ଦିବସ ପାଳନ କରୁଛି । ଅନୁରୂପ ଭାବେ ରାଜ୍ୟର ପ୍ରତିଟି ଗ୍ରାମ ପଂଚାୟତ ସ୍ତରରୁ ଆରମ୍ଭ କରି ବିଭିର୍ଣ୍ଣ ସ୍ୱେଚ୍ଛାସେବୀ ସଂଗଠନ ମାନେ ମଧ୍ୟ ମିଳିତ ଭାବେ ଆଜିର ଦିବସକୁ ଅତି ଆଡମ୍ବର ସହକାରେ ପାଳନ କରୁଥିବା ଦେଖିବାକୁ ମିଳିଛି । ତଦନୁ ଯାଇ କନ୍ଧମାଳ ଜିଲ୍ଲାରେ ଆଜି ପ୍ରଥମ ଥର ପାଇଁ ବିଭିର୍ଣ୍ଣ ସାମାଜିକ ସଂଗଠନର ମିଳିତ ଉଦ୍ୟମରେ ବିଶ୍ୱର ସର୍ବ ବୃହତ ସମ୍ବିଧାନ ତଥା ଭାରତୀୟ ଆଇନ ସଂହିତା କୁ ଆଜି ଜାତୀୟ ସମ୍ବିଧାନ ଦିବସ ରୂପେ ପାଳନ କରାଯାଉଛି । କନ୍ଧମାଳ ଜିଲ୍ଲାର ସମସ୍ତ ସାମାଜିକ ସଂଗଠନ କର୍ମକର୍ତ୍ତା, ଅଗଣିତ ଜନସାଧାରଣ ମାଦି କୁଦା ଛକରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଆସି କୋର୍ଟ ଛକ ସ୍ଥିତ ଗାନ୍ଧୀ ସ୍ମୃତି ଭବନରେ ପହଞ୍ଚିଥିଲା । ଏହାପରେ ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ମୁଖ୍ୟ ଅତିଥିଭାବେ କୁଇ ସମାଜ ସମନ୍ୱୟ ସମିତିର ସାଧାରଣ ସମ୍ପାଦକ ତଥା ସର୍ଦ୍ଦାର ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ଲମ୍ବୋଦର କହଁର ଯୋଗଦାନ କରିଥିବା ବେଳେ ସନମାନୀତ ଅତିଥିଭାବେ ପୂର୍ବତନ ବିଧାୟକଶ୍ରୀ ଦୁଗୁନି କହଁର, ଅନାମ ନାୟକ, ସତ୍ୟନାରାୟଣ ବେହେରା, ଶ୍ରୀମତୀ ନଳିନି କହଁର, ରୋଦନ ମଳିକ, ଅବନୀ କହଁର, ମୁକୁନ୍ଦ ମଳିକ, ଦୟାନିଧି କହଁର, ପ୍ରେମାନନ୍ଦ ମାଝୀ, ଜିଲ୍ଲା ସମିତି ସଭ୍ୟ ସଙ୍ଘର ସଭାପତି ଶ୍ରୀ ବାଦ୍ୟନାଥ ବେହେରା, ସମୀର ଘଟାଲ,ପ୍ରଦୀପ ପ୍ରଧାନ, ସମେତ ଅନ୍ୟ ସମସ୍ତ ସାମାଜିକ ସଂଗଠନ ର ସଭାପତି, ସମ୍ପାଦକ, ମୁସଲିମ ସାମ୍ପ୍ରଦାୟ ଜାମା ମସଜିଦର ସଭାପତି ଅବଦୁଲ ରଜତ ଖାନ , ଖ୍ରୀଷ୍ଟିଯାନ ସମ୍ପ୍ରଦାୟର ସଭାପତି ପ୍ରବୀଣ ନାୟକ, ପ୍ରସନ ବିଶୋଇ,ସମେତ ଅନ୍ୟ ସମସ୍ତ ଜାତିଭିତ୍ତିକ ସଂଗଠନ ର ସଭାପତି ମାନେ ଉପସ୍ଥିତ ଥିଲେ । ମଞ୍ଚ ପରିଚାଳନା କରିଥିଲେ ଖଜୁରୀପଡା ବ୍ଲକର ପୂର୍ବତନ ଚେୟାରମ୍ୟାନ ଶ୍ରୀ ବୀରେନ୍ଦ୍ର କହଁର, ଚନ୍ଦ୍ରମୋହନ ନାୟକ, ଶିବଶଙ୍କର ସାହାଣୀ । ବହୁ ବ୍ୟକ୍ତି ବିଶେଷଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଉପଢୌକନ ଦେଇ ସନମାନୀତ କରାଯାଇଥିଲା । ଅନୁଷ୍ଠାନର ସଭାପତି ସମୀର ଘଟାଲ ସମ୍ବିଧାନ ଦିବସ ଉପରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ସଂଯୋଜକ ଶ୍ରୀ ବୀରେନ୍ଦ୍ର କହଁର ବିବରଣୀ ପ୍ରଦାନ କରିଥିଲେ । ପ୍ରଥମେ ବକ୍ତା ଭାବେ ଦୁଗୁନି କହଁର ସମ୍ବିଧାନ ଗଠନ ଓ ପରିଚାଳନା ବିଷୟରେ ଉଦବୋଧନ ରଖିଥିଲେ । ସତ୍ୟନାରାୟଣ ବେହେରା ମଧ୍ୟ ଅତି ସୁନ୍ଦର ଭାବେ ସମ୍ବିଧାନ ନୀତି ଆଦର୍ଶ, ଓ ଅଧିକାର ଉପରେ ଆଲୋକ ପାତ କରିଥିଲେ ଓ ଉପସ୍ଥିତ ଜନସାଧାରଣ ଙ୍କୁ ସମ୍ବିଧାନ ପୁସ୍ତକ ପଢିବା ପାଇଁ ଆହ୍ୱାନ କରିଥିଲେ । ଅବଦୁଲ ରଜତ ଖାନ ନିଜ ବକ୍ତବ୍ୟରେ କହିଥିଲେ କି,ଆଜି ଯଦି ମୁଁ ଏଇଠି ଠିଆ ହୋଇଛି, ତାହେଲେ ଠିଆ ହେବାପାଇଁ ସାମ୍ବିଧାନିକ ଅଧିକାର କେବଳ ବାବା ସାହେବ ଆମ୍ବେଦକର ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ । ୨ବର୍ଷ ୮ମାସ ୧୮ ଦିନରେ ଆମ ଭାରତୀୟ ସମ୍ବିଧାନ କୁ ବାବା ସାହେବ ଆମ୍ବେଦକର ରଚନା କରିଥିଲେ ବୋଲି ଅଧାପକ ଶ୍ରୀ ପ୍ରସନ ବିଶୋଇ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସମାଜସେବୀ ତଥା ସମ୍ବିଧାନ ବିଶାରଦ ଶ୍ରୀ ମିହିର ଦିଗାଲ ଲୋକଙ୍କ ପାଇଁ ସମ୍ବିଧାନର ପ୍ରତ୍ୟେକଟି କୋଣ ଅନୁକୋଣ ଉପରେ ନ୍ୟାୟିକ , ସାମାଜିକ, ମୌଳିକ ଶିକ୍ଷାଗତ ଅଧିକାର ଉପରେ ବିଷଦ ଆଲୋଚନା କରି ଲୋକଙ୍କୁ ସମ୍ବିଧାନ ଉପରେ ଅଧ୍ୟୟନ କରିବାକୁ ଆହ୍ୱାନ କରିଥିଲେ । ଶୀର୍ଷକ ଆଦିବାସୀ ଯୁବନେତା ସମାଜସେବୀ ଓ ସମ୍ବିଧାନ ବିଶାରଦ ଶ୍ରୀ ଦୟାନିଧି କହଁର , ସମ୍ବିଧାନ ଓ ତାର ନିୟମାବଳୀ, ଅଧିକାର ଉପରେ ବିଷଦ ଭାବେ ଆଲୋକ ପାତ କରିଥିଲେ । ଶେଷରେ ମୁଖ୍ୟ ଅତିଥି ଶ୍ରୀ ଲମ୍ବୋଦର କହଁର ମଧ୍ୟ ସମ୍ବିଧାନରେ ଉଲ୍ଲିଖିତ ସମସ୍ତ ନିୟମ ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ସମସ୍ତ ଙ୍କ ପାଇଁ ରହିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଆମେ ଆମ ନାର୍ଯ୍ୟ ଅଧିକାର ରୁ ବଞ୍ଚିତ ହୋଇରହିବା କଥା ପ୍ରକାଶ କରିଥିଲେ, ଏବଂ ସମସ୍ତଙ୍କୁ ଆଗାମୀ ଦିନରେ ସଂଗଠିତ ହୋଇ ନିଜର ସାମାଜିକ ନାୟିକ, ମୌଳିକ ଅଧିକାର ଛଡେଇ ଆଣିବା ପାଇଁ ଆହ୍ୱାନ କରି ନିଜ ବକ୍ତବ୍ୟ ସମାପନ କରିଥିଲେ । ଫୁଲବାଣୀ ସଦର ମହକୁମାରେ ଆମ୍ବେଦକର ଙ୍କର ଏକ ପ୍ରତିମୂର୍ତ୍ତି ନିର୍ମାଣ କରିବାପାଇଁ ଆଗାମୀ ଜାଗ୍ରତ କନ୍ଧମାଳ ର ପ୍ରତିଷ୍ଠା ଦିବସବା ବାବା ସାହେବ ଙ୍କ ତିରୋଧାନ ଦିବସରେ ଭିତ୍ତି ପ୍ରସ୍ତର ସ୍ଥାପନ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ ଓ ମୁଖ୍ୟ ଅତିଥି ଶ୍ରୀ କହଁର ଉକ୍ତ ପ୍ରସ୍ତାବକୁ ଗ୍ରହଣ କରିଥିଲେ । ଆଜିର କାର୍ଯ୍ୟକ୍ରମ କୁ କାର୍ଯ୍ୟକାରୀ ସଭାପତି ଶ୍ରୀ ମହେନ୍ଦ୍ର ଦିଗାଲ କୋଷାଧକ୍ଷ ଶ୍ରୀ ତ୍ରିନାଥ ମାଝୀ ଙ୍କ ନିଷ୍ପାପର ଉଦ୍ୟମ ଯୋଗୁଁ କନ୍ଧମାଳ ଜିଲ୍ଲାରେ ପ୍ରଥମ କରି ବାବା ସାହେବ ଆମ୍ବେଦକର ଙ୍କର ସମ୍ବିଧାନ ଦିବସ ପାଳନ କରାଯାଇ ପାରିଥିବା ଯୋଗୁଁ ସମସ୍ତ ଶ୍ରେୟ ଆମ୍ବେଦକର ସ୍ମୃତି ଚାରଣ କମିଟି ର ସମସ୍ତ କର୍ମକର୍ତ୍ତା ମାନଙ୍କୁ ପ୍ରଦାନ କରାଯାଇଥିଲା ।

## ଧାରଣାରେ ପରିବାର ସହିତ ଶ୍ରମିକ



ଖୋର୍ଦ୍ଧା-ଖୋର୍ଦ୍ଧା ନିକଟ ତରତୁଆରେ ଥିବା ମଦ ନିଗମରେ ୪୦ରୁ ଉର୍ଦ୍ଧ ଶ୍ରମିକ କୁ କୌଣସି କାରଣ ନ ଥାଇ ୧ ନଭେମ୍ବର ଠାରୁ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ କାର୍ଯ୍ୟରୁ ଛଟେଇ କରିଛନ୍ତି ଓ ଶ୍ରମିକ ମାନେ ଛଟେଇ ବିଷୟରେ ଜିଲ୍ଲାପାଳ, ଶ୍ରମ ଅଧିକାରୀ ଓ ନିଗମର ଉପରିସ୍ଥ ଅଧିକାରୀ ମାନଙ୍କୁ ଜଣାଇ ନିରାଶ ହେବା ପରେ ଆଜି ନିଗମର ମୁଖ୍ୟ ଗେଟ ସାମ୍ନାରେ ପରିବାର ସହିତ ଧାରଣା ରେ ବସିଥିଲେ ।ଗଣମାଧ୍ୟମର ପ୍ରତିନିଧିମାନେ ନିଗମର ଅଧିକାରୀ ବିମ୍ବାଧର ସେଠୀ ପଚାରି ବାରୁ କହିଲେ , ମୋ ଉପରିସ୍ଥ ଅଧିକାରୀ ମାନଙ୍କ ବିନା ଅନୁମତିରେ ମୁଁ କିଛି କରିପାରିବି ନାହିଁ କ୍ଷ ଧାରଣାରେ ବସିଥିବା ଶ୍ରମିକ ଓ ତାଙ୍କ ପରିବାର କୁହନ୍ତି ଆମ ଉପରେ କାହାର କୋପଦୃଷ୍ଟି ପଡି ଯାଇଛି, ନଚେତ୍ ସ୍ୱାମୀ କାମ କରି ଦି ପଇସା ନେଲେ ଆମ ଗୁଜୁରାଣ ଚଳେ। ତାଙ୍କୁ ଆଜି ନିଗମ ବେକାର କରି ବସେଇ ଦେଇଛି । ଯେ ପର୍ଯ୍ୟନ୍ତ ପୁନଃ ନିଯୁକ୍ତି ନ ମିଳିଛି ସେ ପର୍ଯ୍ୟନ୍ତ ଧାରଣାରେ ବସିଛୁ ,ବୋଲି କହିଥିଲେ ।ସ୍ଥାନୀୟ ଅଂଚଳରେ ଯାହା ଶୁଣିବାକୁ ପାଇଲୁ , ଖୋର୍ଦ୍ଧା ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଏହି ଠିକା ଶ୍ରମିକ ମାନଙ୍କ ପାଇଁ ସୋଇ ରହିଥିବା ବେଳେ ଏଠାରେ ୪୦/୪୨ ଠିକା ଶ୍ରମିକ ଓ ତାଙ୍କ ପରିବାର ଭୋକ ଉପାସରେ ସମୟ ଅତିବାହିତ କରୁନଥାନ୍ତେ। ଆଜିର ଧାରଣା ପାଇଁ ନିଗମର ପ୍ରାୟ ତିନି କୋଟିରୁ ଅଧିକ କାରବାର ଠପ୍ ହୋଇଥାଇପାରେ ।ଆହୁରି ମଧ କହିଲେ ଏ ଦିଗରେ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଧାରଣାରେ ବସିଥିବା ଶ୍ରମିକ ଓ ତାଙ୍କ ପରିବାର ଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ,ସ୍ଥାନୀୟ ଅଞ୍ଚଳରେ ଦାବୀ ହୋଇଛି ।

# ଦକ୍ଷିଣାଞ୍ଚଳ ଶୁଦ ସମାଜ ଜିଲ୍ଲା ସ୍ଥରୀୟ ନିର୍ବାଚନ ଅନୁଷ୍ଠିତ

## ବିରାଟ ବିଶୋଇ ସଭାପତି ଓ ଶଶୀଭୁଷଣ ହେଲେ ସମ୍ପାଦକ

ଚକାପାଦ ତା,୨୭/ ୧୧ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) ବର୍ତ୍ତମାନ କନ୍ଧମାଳ ଜିଲ୍ଲା ରେ ବିଭିର୍ଣ୍ଣ ଜାତିଭିତ୍ତିକ ସାମାଜିକ ସଂଗଠନ ଗୁଡିକ ନିଜ ଜାତିର ଉତ୍ତରଉତ୍ତର ଉର୍ନ୍ନତି କରିବା ପାଇଁ ଅଣ୍ଟା ଭିଡି ସରକାର ଙ୍କ ନିକଟରୁ ନିଜର ନ୍ୟାର୍ଯ୍ୟ ଦାବୀ ହାସଲ କରିବା ପାଇଁ ନିଜ ସାମାଜିକ ସଂଗଠନ କୁ ପୁନର୍ଗଠନ କରିବା ସହିତ ନୂତନ କର୍ମକର୍ତ୍ତା ଚୟନ କରି ଆଗକୁ ବଢ଼ିବା ପାଇଁ ଅଗ୍ରସର ହେଉ ଥିବାର ଦେଖିବାକୁ ମିଳୁଛି । ତଦନୁରପେ ଦକ୍ଷିଣାଞ୍ଚଳ ଶୁଦ ସମାଜ କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକର ଚକାପାଦ ପଂଚାୟତ ଅନ୍ତର୍ଗତ ନୁଆଁ ସାହି ଆମ୍ବ ତୋଟାରେ ବାରକୋଷ କେନ୍ଦ୍ରକମିଟି ସହ ୫ ଟି କେନ୍ଦ୍ରକୁ ନେଇଁ ଦକ୍ଷିଣାଞ୍ଚଳ ସୁଦକୂଳ ସମାଜର ଦକ୍ଷିଣାଞ୍ଚଳ ଜିଲ୍ଲା ସ୍ଥରୀୟ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଛି । ଦକ୍ଷିଣାଞ୍ଚଳ ଜିଲ୍ଲା ସଭାପତି ଶ୍ରୀ ଉଦ୍ଧବ ବିଶୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ନିର୍ବାଚନୀ ବୈଠକରେ ଦକ୍ଷିଣାଞ୍ଚଳ ଶୁଦ ସମାଜର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ସାମ୍ବାଦିକ ଶ୍ରୀ ଉତ୍ତମ ଖମାରି ଯୋଗ ଦେଇ ନିର୍ବାଚନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧରେ ପ୍ରାଦେଶିକ ବୋର୍ଡ଼ ତଥା ରାଜ୍ୟ ସଭାପତି ଶ୍ରୀନିବାସ ବିଶୋଇ, ପ୍ରାଦେଶିକ ବୋର୍ଡ଼ ଉପ ସଭାପତି ଶ୍ରୀ ବିରାଟ ବିଷୋଇ, ପ୍ରାଦେଶିକ ବୋର୍ଡ଼ ସହ ସମ୍ପାଦକ ଶ୍ରୀ କୃପାସିନ୍ଧୁ ବିଶୋଇ, ପଞ୍ଚକୋଷ କେନ୍ଦ୍ର ସଭାପତି ଶ୍ରୀ କୃପାସିନ୍ଧୁ ବିଷୋଇ, ବରକୋଷ କେନ୍ଦ୍ର ସଭାପତି ଶ୍ରୀ ସମୀର ବିଶୋଇ, ଦଶପଲ୍ଲା ନଶହ ଘର୍ଣିଗୋଛା କେନ୍ଦ୍ର ସଭାପତି ଶ୍ରୀ ଧୂବେଇ ଭୁକ୍ତା, ହଦଗଡ଼ କେନ୍ଦ୍ର ସଭାପତି ଶ୍ରୀ ଗୋବିନ୍ଦ ଅମାତ୍ୟ, ଚଉଦ କୋଷ କେନ୍ଦ୍ର ସଭାପତି ଶ୍ରୀ ଅରୁଣ ନାୟକ ସଂମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ନିର୍ବାଚନ ବୈଠକ ପ୍ରାରମ୍ଭ ପୂର୍ବରୁ ସମାଜ ର ରୀତିନୀତି ଓ ସମସ୍ତ୍ୱିଧି ଅନୁସାରେ ପ୍ରଥମେ କଳସୀ ଯାତ୍ରା ସହ ଝାଞ୍ଜ ମୃଦଙ୍ଗ, ନଦିଆ ସଂକୀର୍ତନ ଓ ବାଦ୍ୟର ତାଳେ ତାଳେ ସଭା ମଣ୍ଡପକୁ ନିକଟସ୍ଥ ନଦୀରୁ ଜଳପୂର୍ଣ୍ଣ କଳସୀ ଆଣି ସ୍ଥାପନ କରା ଯାଇଥିଲା। ପ୍ରାଦେଶିକ ସ୍ତରରୁ କେନ୍ଦ୍ର ବୋର୍ଡ଼ ଓ ଜିଲ୍ଲା ବୋର୍ଡ଼ର କର୍ମକର୍ତା ଙ୍କୁ ଆୟୋଜକ କମିଟି ଦ୍ୱାରା ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସନମାନିତ କରାଯାଇଥିଲା , ପରେ ଦକ୍ଷିଣାଞ୍ଚଳ ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଉତ୍ତମ ଖମାରିଙ୍କ ଦ୍ୱାରା ନୂତନ ଜିଲ୍ଲା କର୍ମକର୍ତା ନିର୍ବାଚନ କରା ଯାଇଥିଲା। ପାଞ୍ଚୋଟି କେନ୍ଦ୍ରରୁ ବିଭିନ୍ନ ଆବଶ୍ୟକ ପଦବୀ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ସଭାପତି ଭାବରେ ବିରାଟ ବିଶୋଇ, ଉପ ସଭାପତି ଭାବେ ଶ୍ରୀ ସତ୍ୟ ନାରାୟଣ ଭୁକ୍ତା ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ କ୍ରମାଗତ ଭାବେ ଶ୍ରୀ ଶଶିଭୂଷଣ ବିଶୋଇ, ସହ ସମ୍ପାଦକ ଶ୍ରୀ ଭିକାରି ଭୁକ୍ତା, କୋଷାଧକ୍ଷ ଶ୍ରୀ ଧାର୍ମିକ ବିଶୋଇ ନିର୍ବାଚିତ ହୋଇଥିବା ବେଳେ ସମାଜର ମହିଳା ନେତ୍ରୀ ଭାବେ ଶ୍ରୀମତୀ ପିଙ୍କି ବିଶୋଇ, ଓ ପରାମର୍ଶ ଦାତା ଭାବରେ ଶ୍ରୀ ପ୍ରଶାନ୍ତ ଭୁକ୍ତା, ଶ୍ରୀ ଲୋଚନ ଅମାତ, ପ୍ରକାଶ ଦେହୁରୀ, ମୃତ୍ୟଞ୍ଜୟ ଅମାତ ଓ ସଭାଜନ ଭୁକ୍ତା ଙ୍କୁ ଚୟନ କରା ଯାଇଥିଲା। ଏତଦ ବ୍ୟତୀତ ପ୍ରତ୍ୟେକ କେନ୍ଦ୍ର ସ୍ଥରରୁ ଜିଲ୍ଲା ବୋର୍ଡ଼ ପରିଚାଳନା ପାଇଁ ୨୧ ଜଣ ସଭ୍ୟ/ସଭ୍ୟା ଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ପଦାଧିକାରୀ ମାନେ ଶିକ୍ଷା, ସ୍ୱାସ୍ଥ୍ୟ, ନିଶା ନିବାରଣ ଉପରେ ଅଭିଭାଷଣ ପୂର୍ବକ ସଚେତନ ବାର୍ତା ପ୍ରଦାନ ସହ ଜାତିକୂଳ ସମାଜର ଉତ୍ତରଉତ୍ତର ଉର୍ନ୍ନତି କରିବା ପାଇଁ ବାର୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେସମାଜର ଯୁବନେତା ଶ୍ରୀ ରାମ ଚନ୍ଦ୍ର ବିଷୋଇ ଓ ଶ୍ରୀ ଶିଶିର ବିଶୋଇ ସଭାମଞ୍ଚ ପରିଚାଳନା କରିଥିଲେ। ନିର୍ବାଚନ ପ୍ରକ୍ରିୟାରେ ୨ ଜଣ ଆଇନ ପରାମର୍ଶ ଦାତା ଅଶୋକ ବିଶୋଇ ଓ ଅଶୋକ ବେହେରା ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ର ତଦାରଖ କରିଥିଲେ। ପାଞ୍ଚଟି କେନ୍ଦ୍ରରୁ ୩ ହଜାର ରୁ ଉର୍ଦ୍ଧ ସୁଦ କୂଳ ସ୍ୱଜାତି ଭାଇ ଭଉଣୀ ବାପା ମା ଯୋଗ ଦେଇଥିଲେ।







# ବେଲଗୁଣ୍ଠା ଠାରେ ସତ୍ୟସାଇ ବାବାଙ୍କ ୯୯ତମ ଜୟନ୍ତୀ ମହା ସମାରୋହରେ ପାଳିତ

ବେଲଗୁଣ୍ଠା, ୨୭/୧୧ (ନି.ପ୍ର):ବେଲଗୁଣ୍ଠା ଶ୍ରୀ ସତ୍ୟସାଇ ସେବା ସମିତି ତରଫରୁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ୯୯ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଦୁଇଦିନ ଧରି ଏହି ମହୋତ୍ସବ ପାଳିତ ହୋଇଥିଲା । ୨୨ ତାରିଖ ଦିନ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଶତାଧିକ ଆଶ୍ରିତଗଣ ଶ୍ରୀ ସତ୍ୟସାଇ ବାବାଙ୍କୁ ଏକ ସୁସଜ୍ଜିତ ରଥରେ ଆଧ୍ୟାତ୍ମିକ ପରିବେଶରେ ସଜାଇ ନଗର ପରିକ୍ରମା କରିଥିଲେ । ନଭେମ୍ବର ୨୩ ସାଇଙ୍କ ଜନ୍ମଜୟନ୍ତୀ ଅବସରରେ ପ୍ରାତଃରେ ଓଁ କାର, ସୁପ୍ରଭାତମ୍, ନଗର ସଂକୀର୍ତ୍ତନ ହୋଇଥିଲା । ସକାଳେ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲା ସଭାପତି ଦେବାଶିଷ ମିଶ୍ର ପ୍ରଶାନ୍ତି ପତାକା ଉତ୍ତୋଳନ କରିବା ପରେ ସତ୍ୟସାଇ ସେବା ସମିତିରେ ପୂଜା, ହୋମ, ଭଜନ ଆଦି କାର୍ଯ୍ୟକ୍ରମ ହୋଇଥିବା ବେଳେ ବହୁ ସାଇ ଭକ୍ତ ବାବାଙ୍କ ମହିମା ସହିତ ଅନୁଭୁତି ବର୍ଣ୍ଣନା କରିଥିଲେ । ସ୍ୱାମୀ ସତ୍ୟସାଇ ନିଜ ଦିବ୍ୟ କାଳରେ କିପରି ସ୍ନେହ, ପ୍ରେମ ଓ ସେବା ଦ୍ୱାରା ସମଗ୍ର ବିଶ୍ୱକୁ ଏକାକାର ରଖିବାକୁ ଉପଦେଶ ଦେଉଥିଲେ ବିଭିନ୍ନ ଭକ୍ତ ଆଲୋକପାତ କରିଥିଲେ । ଜାତିଗତ ନିର୍ବିଶେଷରେ କେବଳ ମାନବତା ହିଁ ସମଗ୍ର ବିଶ୍ୱକୁ ବାନ୍ଧି ରଖିବ ବୋଲି ସତ୍ୟ ସାଇବାବା ବାଣୀ ପ୍ରଚାର କରୁଥିଲେ ତାହା ଆଜି ମଧ ବିଭିନ୍ନ ସତ୍ୟସାଇ ସେବା ସମିତି ଦ୍ୱାରା ପ୍ରଚାରିତ ହେଉଛି । କାର୍ଯ୍ୟକ୍ରମ ପରେ ମଧ୍ୟାହ୍ନରେ ନାରାୟଣ ସେବା, ପ୍ରସାଦ ସେବନ, ସଂଧ୍ୟାରେ ୯୯ ପ୍ରଦୀପ ପ୍ରଜ୍ୱଳନ, ସତସଙ୍ଗ, ଝୁଲା ଭଜନ ଓ ମଙ୍ଗଳ ଆଳତୀ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମରେ ଆବାହକ ବିଷ୍ଣୁ ଚରଣ ପାଢୀ, ଜିଲ୍ଲା ସଂଯୋଜକ ମଧୁସୁଦନ ମହାପାତ୍ର, ଯୁବ ସଂଯୋଜକ ଦିନେଶ ପାତ୍ର, ଆଧ୍ୟାତ୍ମିକ ସଂଯୋଜକ ଅମର ନାଥ ପାତ୍ର, ରବି ନାରାୟଣ ପାତ୍ର, ଗୌରୀ ଶଙ୍କର ପତି, ବିବେକାନନ୍ଦ ବିଷୋୟୀ ପରିଚାଳନା କରିଥିବା ବେଳେ ଶତାଧିକ ଭକ୍ତ ଯୋଗ ଦେଇଥିଲେ ।

## ଜିଲ୍ଲାପାଳଙ୍କୁ ପ୍ରଦର୍ଶିତ କଲେ ହସ୍ତ ନିର୍ମିତ ଖଦି ସାମଗ୍ରୀ କଳା

କେନ୍ଦ୍ରାପଡା, ୨୭/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଗୋଲରାହାଟ ଗ୍ରାମର ସୁନାମଧନ୍ୟ ଉତ୍କଳ ଗ୍ରାମୀଣ ପ୍ରତ୍ୟୁସର ଗ୍ରୁପର ମହିଳା ମାନେ ବିଭିନ୍ନ ପ୍ରକାର ଖଦିର ହସ୍ତ ସାମଗ୍ରୀ ନିର୍ମାଣ କରି ଜିଲ୍ଲାପାଳଙ୍କୁ ପ୍ରଦର୍ଶିତ କରିଛନ୍ତି । ଉତ୍କଳ ଗ୍ରାମୀଣ ପ୍ରତ୍ୟୁସର ଗ୍ରୁପରେ ପ୍ରାୟ ଶତାଧିକ ମହିଳା ନିଜର ପରିବାର ପୋଷଣ କରୁଥିବା ଜଣାପଡିଛି । ଏହି ଗ୍ରୁପରେ ହସ୍ତ ଦ୍ୱାରା ନିର୍ମିତ ବିଭିନ୍ନ ରଂଗର ଖଦି କପଡା ଉପରେ ଏମ୍ବ୍ରୋଡରୀ ଡିଜାଇନ, ଟସର ଜ୍ୟାକେଟ, ଖଦି ସାର୍ଟ, ପଞ୍ଜାବୀ, ଲେଡିଜ କୁର୍ତି, ଲେଡିଜ ଡ୍ରେସ, ଟେବୁଲ କ୍ଲଥ, ଛାତ୍ରଛାତ୍ରୀଙ୍କ ଡ୍ରେସ, ଚାନ୍ଦୁଆ, ଡୋର ସ୍କ୍ରିନ, କାନ୍ଥରେ ଝୁଲା ଡିଜାଇନ ଆଦି କରିବା ସହ ବିଭିନ୍ନ ସାମଗ୍ରୀ ତିଆରି କରି ସରକାରଙ୍କର ମେଳା ମାଧ୍ୟମରେ ଜିଲ୍ଲାରେ ବିଭିନ୍ନ ଅଂଚଳରେ ପ୍ରଦର୍ଶନ କରିବା ସହ ରାଜ୍ୟ ଏବଂ ରାଜ୍ୟ ବାହାରେ ମଧ ମେଳାରେ ପ୍ରଦର୍ଶନ କରି ରୋଜଗାରକ୍ଷମ ହୋଇପାରିଛି । ଅନୁଷ୍ଠାନର ସଭାନେତ୍ରୀ ଲେସାତୁନ ବିବି ଓ ସଂପାଦିକା ରେସମା ବେଗମ ଜିଲ୍ଲାପାଳଙ୍କୁ ହସ୍ତ ନିର୍ମିତ ପ୍ରଦର୍ଶିତ କରି ଜିଲ୍ଲାପାଳଙ୍କୁ ତାଙ୍କ ଅନୁଷ୍ଠାନ ବୁଲି ଦେଖିବା ପାଇଁ ଅନୁରୋଧ କରିଛନ୍ତି । ଖଦି ଓ ଟସର କପଡା ଉପରେ ହସ୍ତ ନିର୍ମିତ ବିଭିନ୍ନ କଳାକୁ ଦେଖି ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନ ଅନୁଷ୍ଠାନର ପ୍ରଶଂସା କରିଛନ୍ତି ।

## କବି ଅନନ୍ତ ସ୍ମୃତି ପାଠାଗାରର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଯାଜପୁର, ୨୭/୧୧ (ନି.ପ୍ର): ଦଶରଥପୁର ବ୍ଲକ ଅଧିନସ୍ଥ ବିଜୁ କଲ୍ୟାଣ ମଣ୍ଡପ, ଥାଲକୁଡି ଠାରେ ଆଜି କବି ଅନନ୍ତ ସ୍ମୃତି ପାଠାଗାର ଓ ସାଂସ୍କୃତିକ ପରିଷଦର ୩୪ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଡ଼ଃ ବିଜୟ କିଶୋର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଚିନ୍ତାମଣି ପଣ୍ଡା, ମୁଖ୍ୟବକ୍ତା ଭାବେ ପ୍ରଫେସର ମାନସ ବେହେରା, ସମ୍ମାନିତ ଅତିଥି ଭାବେ ବରିଷ୍ଠ କବି ଜ୍ଞାନ ରଞ୍ଜନ ତ୍ରିପାଠୀ ଯୋଗଦେଇ ଥିଲେ । ପ୍ରଥମେ ଅତିଥି ମାନେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିବା ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଏହି ପରିପ୍ରେକ୍ଷୀରେ କବି ଅନନ୍ତ ସ୍ମୃତି ପାଠାଗାର ଓ ସାଂସ୍କୃତିକ ପରିଷଦର ସମ୍ପାଦକ ଶ୍ରୀଯୁକ୍ତ ଶଶିକାନ୍ତ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ନାଟ୍ୟକାର ନିର୍ମଳ ଚନ୍ଦ୍ର ପତିଙ୍କ ଲିଖିତ ଏବଂ କଳାକାର କାର୍ତିକ ଚନ୍ଦ୍ର ଜେନାଙ୍କ ନିର୍ଦ୍ଦେଶିତ ସାମାଜିକ ସଚେତନ ଧର୍ମୀ ନାଟକ 'ମଣିଷ' ପରିବେଷଣ ହୋଇଥିଲା । କଳା, ସାହିତ୍ୟ, ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ପ୍ରତିଭାବାନ ବ୍ୟକ୍ତିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିବା ବେଳେ ବରିଷ୍ଠ କବି ନିରଞ୍ଜନ ପତିଙ୍କ ଲିଖିତ ପୁସ୍ତକ 'ଶାମୁକାର ସ୍ୱପ୍ନ' ଲୋକାର୍ପିତ ହୋଇଥିଲା । ପାଠାଗାର ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପାଠାଗାର ପକ୍ଷରୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କବି ହରେରାମ ପଣ୍ଡା, ସମ୍ଭକାର ଡ଼ ବାସୁଦେବ ମିଶ୍ର, ସାମ୍ବାଦିକ ଉମାକାନ୍ତ ଧଳ, କବି ଓ ଗାଳ୍ପିକ ଶୁଭେନ୍ଦୁ ମହାପାତ୍ର, ଶିଶୁ ସାହିତ୍ୟିକ ଧୀରେନ୍ଦ୍ର ମଲ୍ଲିକ, ବରିଷ୍ଠ ଶିକ୍ଷାବିତ ନିରଞ୍ଜନ ବିଶ୍ୱାଳ, ପ୍ରଦୀପ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ପାଠାଗାର ପକ୍ଷରୁ ସଭାପତି ଦୁର୍ଯ୍ୟୋଧନ ଜେନା, ସନାତନ ନାୟକ, ଅକ୍ଷୟ ମଲ୍ଲିକ, ଗୌତମ ବେହେରା, ଅଭୟ କରଙ୍କ ସମେତ ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଆଇନମନ୍ତ୍ରୀଙ୍କ ଉପସ୍ଥିତିରେ ପଦ୍ମ ଧରିଲେ ସରପଞ୍ଚ ଓ ବିଜେଡି କର୍ମୀ



ବାଲୁଗାଁ, ୨୭/୧୧ (ନି.ପ୍ର): ରବିବାର ଦିନ ଚିଲିକା ବ୍ଲକ ଅନ୍ତର୍ଗତ ହାଟବରଡ଼ିହ ଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ମିଶ୍ରଣ ପର୍ବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଓ ଆଦର୍ଶ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ବିକାଶମୂଳକ କାର୍ଯ୍ୟ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ କାର୍ଯ୍ୟଧାରାରେ ଆକୃଷ୍ଟ ହୋଇ ହାଟବରଡ଼ିହ ଗ୍ରାମ ପଞ୍ଚାୟତର ସରପଞ୍ଚ ହୁଲ୍ଲାସ ବେହେରା, ବହୁ ୱାର୍ଡ଼ ମେମ୍ବର ଏବଂ ବିଜେଡ଼ି କାର୍ଯ୍ୟକର୍ତ୍ତା ମାନେ ବିଜୁ ଜନତା ଦଳକୁ ପରିତ୍ୟାଗ କରି ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିଲେ । ଶ୍ରୀ ବେହେରା ଓ ସାମିଲ ହୋଇଥିବା ସମସ୍ତ କାର୍ଯ୍ୟକର୍ତ୍ତା ମାନଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ଭାଜପା ପରିବାରକୁ ସ୍ୱାଗତ କରିଥିଲେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଓ ଚିଲିକା ପୂର୍ବତନ ବିଧାୟକ ଡ଼ାଃ ବିଭୂତି ଭୂଷଣ ହରିଚନ୍ଦନ । ଏହି ଅବସରରେ ଜିଲ୍ଲା ଭାଜପା ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ଚିଲିକା ବ୍ଲକ ଅଧକ୍ଷା ଜ୍ୟୋସ୍ନା ବେହେରା, ଉପାଧକ୍ଷ ଅରୁଣ ପଟ୍ଟନାୟକ, ଜିଲ୍ଲା ଭାଜପା ଉପସଭାପତି ସୁମନ୍ତ ପଟ୍ଟନାୟକ, ଚଣ୍ଡେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୀନବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଆଇନ ମନ୍ତ୍ରୀଙ୍କ ନିରବଛିନ୍ନ ପରିଶ୍ରମ ଦ୍ୱାରା ଚିଲିକାରେ ବିଜେପି ସଂଗଠନ ଆହୁରି ମଜଭୁତ ହେଉଥିବା ଦେଖିବାକୁ ମିଳିଛି ।

## କୃଷି ସମବାୟ ସମିତି କାର୍ଯ୍ୟାଳୟ ଗୃହ ଉଦଘାଟନ କଲେ ଆଇନ ମନ୍ତ୍ରୀ

ବାଣପୁର, ୨୭/୧୧ (ନି.ପ୍ର): ବାଣପୁର ବଡହନ୍ତୁଆଡ଼ ପ୍ରାଥମିକ କୃଷି ସମବାୟ ସମିତି ଲିଃ ର ନୂତନ କାର୍ଯ୍ୟାଳୟ ଗୃହ ଉଦଘାଟନ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଏହାକୁ ଉଦଘାଟିତ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ସମାଜସେବୀ ବୀରଭଦ୍ର କାଣ୍ଡି, ସଭାପତି ମାଧବ ଚନ୍ଦ୍ର ବାରିକି, ସମବାୟବିତ ଗୋଲଖ ବିହାରୀ ପଟ୍ଟନାୟକ, ହରିହର ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ବାଣପୁର ବ୍ଲକର ସମସ୍ତ ୧୩ ଗୋଟି ସମବାୟ ସମିତିର ସଭାପତି ଓ ସମ୍ପାଦକ ମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । କୃଷକ ମାନଙ୍କ ବିଭିନ୍ନ ସମସ୍ୟା ଯଥା ଆଗକୁ ଆସୁଥିବା ମଣ୍ଡିରେ ଧାନକ୍ରୟ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଉପସ୍ଥିତ ଅତିଥି ମାନେ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ମନ୍ତ୍ରୀ ଉକ୍ତ ସମସ୍ୟାକୁ ହୃଦୟଙ୍ଗମ କରିବା ସହ ଏହାର ସମାଧାନ ଦିଗରେ ପ୍ରତିଶୃତି ଦେଇଥିଲେ ।

# ଜିଲ୍ଲା ସ୍ତରୀୟ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ ; ସୁରକ୍ଷିତ ଶୈଶବ, ସଶକ୍ତ ଭାରତ ଓ ବାଲ୍ୟ ବିବାହ କୁ ନାଁ

ଯାଜପୁର ଅଦ୍ୟ ତା. ୨୭.୧୧ ରିଖ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ଶ୍ରୀମତୀ ଅନୁପମା ଦେବୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବେଳେ ଏପଟେ ଓଡ଼ିଶାର ଯାଜପୁର ଜିଲ୍ଲାର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନ ଯାଜପୁର ଜିଲ୍ଲା ପ୍ରଶାସନ ଓ ରୁଚିକା ସମାଜ ମଙ୍ଗଳ ସଂଗଠନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି. ଏହି ପରିପ୍ରେକ୍ଷୀରେ ଏକ ବିଶାଳ ଶୋଭାଯାତ୍ରା ଓ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ସବିତା ଚ୍ୟାଉପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ ଯୋଗଦେଇ ଏକ ବିଶାଳ ମହମବତୀ ଶୋଭାଯାତ୍ରା ର ଶୁଭରମ୍ଭ କରିଥିଲେ , ମୁଖ୍ୟ ଅତିଥି ବକ୍ତବ୍ୟରେ କହିଲେ କି ଅଂଶୀଦାର ସମୂହଙ୍କ ମଧ୍ୟରେ ଉତ୍ତମ ସମ୍ମନ୍ୱୟ ରହିଲେ ଯାଜପୁର ଜିଲ୍ଲା କୁ ବାଲ୍ୟ ବିବାହ ମୁକ୍ତ ସମ୍ଭବ ହୋଇପାରିବ। ଅନ୍ୟ ସମ୍ମାନିତ ଅତିଥି ରୂପେ ଉପଜିଲ୍ଲାପାଳ ଅଂଶୁମାନ ଶତପଥି



ବାଲ୍ୟ ବିବାହ ର କୁପରିଣତି ବିଷୟରେ ଅଂଶଗ୍ରହଣକାରୀ ଙ୍କ ଉଦ୍ଦେଶ୍ୟରେ ମତ ରଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ବାଲ୍ୟ ବିବାହ ସମ୍ପର୍କିତ ବକ୍ତବ୍ୟ ରଖିଥିଲେ।, ଜିଲ୍ଲା ପକଙ୍କ ସଂଯୋଜକ, ମିଶନ ଶକ୍ତି, ଶ୍ରୀ ସୀତାଂଶୁ ଶେଖର ସାହୁ, ଭାରପ୍ରାପ୍ତ ଅଧିକାରୀ ଟାଉନ ଥାନା,ଯାଜପୁର ଶ୍ରୀ ଶରତ ଚନ୍ଦ୍ର ପାତ୍ର ଓ ରୁଚିକା ସମାଜ ମଙ୍ଗଳ ସଂଗଠନ ର ଜିଲ୍ଲା ସଂଯୋଜକ ଦେବପ୍ରସାଦ ପାଠକ ଓ ଅନ୍ୟତମ ସଂଯୋଜକ ଶୁଭସ୍ମିତ ମହାନ୍ତି, ଶ୍ରୀଧର ସାହୁ, ନିରଞ୍ଜନ ମହାରଣା, ସସ୍ମିତା ସାହୁ, ଅରୁଣ ଦାସ, ପ୍ରତାପ ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟ କ୍ରମ ପରିଚାଳନା କରିଥିଲେ। ୩୦୦ ରୁ ଉର୍ଦ୍ଧ ମହିଳା ଓ ମିଶନ ଶକ୍ତି କର୍ମକର୍ତ୍ତା ମହମ ବତୀ ଶୋଭାଯାତ୍ରା କରିବାସହ ବାଲ୍ୟ ବିବାହ ମୁକ୍ତ ଉଦ୍ଦେଶ୍ୟରେ ଶପଥ ପାଠ କରିଥିଲେ। କାର୍ଯ୍ୟ କ୍ରମରେ ଆକ୍ସନଏଡ଼ ର ରୋଜାଲିନ ପଣ୍ଡା ଓ ଚାଇଲ୍ଡ ହେଲ୍ପଲାଇନ ର ସଂଯୋଜକ ବରେନ୍ଦ୍ର ଦାଶ ଓ ଶିଶୁ ସୁରକ୍ଷା ଇଉନିଟ ର କର୍ମଚାରୀ ଉପସ୍ଥିତ ରହିଥିଲେ.ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ କର ଧନ୍ୟ ବାଦ ଅର୍ପଣ କରିଥିଲେ।

# ଆମ ଆଦମି ପାର୍ଟିର ତ୍ରୟୋଦଶ ତମ ପ୍ରତିଷ୍ଠା ଦିବସ ପାଳିତ

ଫୁଲବାଣୀ : କନ୍ଧମାଳ ଜିଲ୍ଲା ଆମ ଆଦମି ପାର୍ଟିର ତ୍ରୟୋଦଶ ତମ ପ୍ରତିଷ୍ଠା ଦିବସ ତଥା ସମ୍ବିଧାନର ୭୫ ତମ ବର୍ଷ ଦିବସ ଆପ ପକ୍ଷରୁ ଜିଲ୍ଲା ସଭାପତି ଜାର୍ବସ ଦିଗାଲଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଏହି ଅବସରରେ 'କନ୍ଧମାଳ ଜିଲ୍ଲା ଅନୁନ୍ନତର କାରଣ କଣ ? ' ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା କ୍ଷ ଏଥି ସହିତ କନ୍ଧମାଳ ଜିଲ୍ଲାରେ ଟାଟା ପାୱାର କମ୍ପାନୀ ଦ୍ୱାରା ଲଗାଇବାକୁ ଯାଉଥିବା ସ୍ମାର୍ଟ ମିଟର ବନ୍ଦ କରିବା ଓ ଜିଲ୍ଲାର ଜନହିତକର କାର୍ଯ୍ୟ ଅନୁଧ୍ୟାନ କରି ଆସୁ ପ୍ରତିକାର ମୂଳକ ପଦକ୍ଷେପ ନେବା ନିମନ୍ତେ ଏକ ୧୨ ଦଫା ସମ୍ବଳିତ ଏକ ସ୍ମାରକପତ୍ର କନ୍ଧମାଳ ଜିଲ୍ଲାପାଳଙ୍କୁ ଦଳ ପକ୍ଷରୁ ପ୍ରଦାନ କରାଯାଇଥିଲା କ୍ଷ ଏଥିରେ ଉଲ୍ଲେଖ ରହିଛି ଯେ କନ୍ଧମାଳ ଏକ ପାହାଡ, ନଦୀ, ନାଳ ଘେରା ଅବହେଳିତ ଅନୁନ୍ନତ ଜିଲ୍ଲା ଭାବେ ପରିଚିତ ଅଧିକାଂଶ ଅଞ୍ଚଳରେ ବର୍ତ୍ତମାନ ବି ମୋବାଇଲ ଟାୱାର ନାହିଁ । ଏହି ପରିପ୍ରେକ୍ଷୀରେ ବିଜୁଳି ଶକ୍ତି ବିତରଣ ପାଇଁ ଯଦି ସ୍ମାର୍ଟ ମିଟର ବସାଇ ଦିଆଯାଏ, ତାହା ହେଲେ ଜନସାଧାରଣ ଅକଥନୀୟ ଯନ୍ତ୍ରଣା ଭୋଗିବେ, ଛାତ୍ର, ଛାତ୍ରୀ, ମେଡିକାଲ କେସ, କୃଷି କ୍ଷେତ୍ର ଇତ୍ୟାଦିରେ ସମ ସମସ୍ୟା ଉପୁଜିବ, ମୋବାଇଲ ନେଟ ନଥିବା ଯୋଗୁଁ ଲୋକେ ସ୍ମାର୍ଟ ମିଟରରେ ପଇସା ରିଚାର୍ଜ କରିପାରିବେ ନାହିଁ, ଯାହାଦ୍ୱାରା ପାୱାର ତତକ୍ଷଣାତ କଟିଯିବ । ଆଗରୁ ଉପଭୋକ୍ତା ସେକ୍ୟୁରିଟ ଡିପୋଜିଟ ଦେଇ ମିଟର ବକ୍ସ ଲଗାଇଛନ୍ତି, ବର୍ତ୍ତମାନ ପୁଣି ଆଉ ଥରେ ମିଟର ବସାଇବେ,ଏହା ଦ୍ୱାରା ଲୋକ ଶ୍ୱସଣର ଶିକାର ହେବେ । ଜିଲ୍ଲାରେ ବାରଂ ବାରଂ ବିଜୁଳି କାଟ୍ ହେଉଛି ।ଏହା ବ୍ୟତୀତ ମିଟର ବକ୍ସ ଖରାପ ଦେଖାଇ ମନ ଇଚ୍ଛା ପେନାଲ୍ଟି ଓ ଚାର୍ଜ ପଳାଉଛନ୍ତି । ଏହାର ପ୍ରତିକାର ନିହାତି ଆବଶ୍ୟକ । ଅନେକ ସମୟରେ ପାୱାର ଲୋ ଭୋଲଟ୍ଟେଜ ରହିଥାଏ ଏହାଦ୍ୱାରା କମ୍ପ୍ୟୁଟର, ଫ୍ରୀଜ, ପାଣି ମୋଟର, ଇତ୍ୟାଦି ଚାଲିନଥାଏ ।



ଇଲେକ୍ଟ୍ରି ପାୱାର ଚାର୍ଜ ନେବା ମୁତାବକ ସେବା ପ୍ରଦାନ କରାଯାଉନାହିଁ । ଓଡିଶା ରାଜ୍ୟରେ ବିଜୁଳି ଶକ୍ତି ଉତ୍ପନ ହୋଇ ବାହାର ରାଜ୍ୟ କୁ ବିକ୍ରି କରାଯାଏ ଦିଲ୍ଲୀ, ପଞ୍ଜାବ ରାଜ୍ୟ ବାହାରୁ ବିଜୁଳି କିଣି ଏତେ ମାତ୍ରାରେ ହଇରାଣ ହେବାକୁ ପଡୁନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ ଆପ ପକ୍ଷରୁ କୁହାଯାଇଛି କ୍ଷ ସେହି ପରି ବର୍ତ୍ତମାନ ଦାୟିତ୍ୱରେ ଥିବା ସରକାର ନିଜେ ନିର୍ବାଚନ ପ୍ରଚାରରେ ପ୍ରତିଶ୍ରୁତି ଦେଇଥିବା ପ୍ରକାରେ ସାରା ଦେଶରେ ୩୦୦ ଇଉନିଟି ପର୍ଯ୍ୟନ୍ତ ବିଜୁଳି ଫ୍ରି କରନ୍ତୁ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଦାରଖ ଓ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ ରୀତିମତ ହେଉନଥିବା ହେତୁ ନିକଟରେ ଆମ୍ବଟାକୁଆ ମୃତ୍ୟୁ ତଥା ତତଜନିତ ଅଶୁସ୍ଥ ଦାରିଙ୍ଗିବାଡି ବ୍ଲକ ମାଣ୍ଡିପଙ୍କା ଠାରେ ଘଟିଛି । ସମ୍ପୃକ୍ତ ବିଭାଗ ଉକ୍ତ ସ୍ଥାନରେ ପହଞ୍ଚି ସ୍ଥିତି ଅନୁଧ୍ୟାନ ତଥା ପ୍ରତିକାର ମୂଳକ ପଦକ୍ଷେପ ନେବାକୁ ସରକାରୀ ପ୍ରଶାସନଙ୍କୁ ଆପ ପକ୍ଷରୁ ଅନୁରୋଧ କରାଯାଇଛି । ଆମ୍ବଟାକୁଆ ମୃତ୍ୟୁ ସମ୍ପର୍କୀୟ ମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦିଆଯାଉ । ଆକ୍ରାନ୍ତ ମାନଙ୍କର ଆରୋଗ୍ୟ ନିମନ୍ତେ ସମସ୍ତ ମେଡିକାଲ ଖର୍ଚ୍ଚ ସରକାର ବହନ କରନ୍ତୁ । ଖାଦ୍ୟ ସାମଗ୍ରୀ ବିତରଣକାରି ତଥା ଦୋକନି ମାନଙ୍କର ଲାଇସେନ୍ସ ତଦାରଖ କରି ଖାଦ୍ୟର ମାନ ତଥା ମୂଲ୍ୟ ନିରୂପଣ କରି ପ୍ରତ୍ୟେକ ଦୋକାନରେ ତାହାର ତାଲିକା ମରାଯାଉ । ଖାଦ୍ୟ ଅପମିଶ୍ରଣ ଉପରେ ଗୁରୁତ୍ୱ ଦେଇ ତାର ପ୍ରତିକାର ମୂଳକ ପଦକ୍ଷେପ ନିଆଯାଉ ମାପ ଓ ଓଜନ ସଠିକ ବିତରଣ ନିମନ୍ତେ ବିଭାଗୀୟ ପ୍ରଶାସନ ଜିଲ୍ଲାର ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ମୃତୟନ କରାଯାଉ । ଲାଇସେନ୍ସ ପ୍ରାପ୍ତ ଦୋକାନୀ ମାନଙ୍କୁ ମାଛ, ମାଂସ, ଅଣ୍ଡା ଇତ୍ୟାଦି, ସଜ, ତଟକା ତଥା ଉଚିତ ମୂଲ୍ୟରେ ବିକ୍ରୟ ପାଇଁ ଅନୁମତି ଦିଆଯାଉ ଏହା ଉପରେ ବିଭାଗୀୟ କର୍ମଚାରୀ ମାନଙ୍କର ତଦାରଖ ଓ ସୁରକ୍ଷ୍ୟା ଉପରେ ପଦକ୍ଷେପ ନେବାର ଦୃଷ୍ଟି ଗୋଚର କରାଯାଉ । ଜିଲ୍ଲା ର ମାପ ଓ ଓଜନ କାର୍ଯ୍ୟାଳୟ ପ୍ରାୟ ସବୁ ବେଳେ ବନ୍ଦ ରହୁଛି ତାହାର ସଠିକ ଭାବରେ କାର୍ଯ୍ୟକ୍ଷମ ଓ ସୁପରିଚାଳନ। ଉପରେ ଗୁରୁତ୍ୱ ଦେଲେ ଲୋକ ଉପକୃତ ହୁଅନ୍ତେ । କନ୍ଧମାଳ ଜିଲ୍ଲାର ପ୍ରତ୍ୟେକ ବ୍ୟାଙ୍କ ଗୁଡିକରେ ଉପଭୋକ୍ତା ମାନଙ୍କର ଅହେତୁକ ଗହଳି ଗ୍ରାମାଞ୍ଚଳରୁ ଲୋକେ ସକାଳ ୬ ଟା ରେ ଆସି ଲାଇନରେ ଛିଡା ହୋଇଥାନ୍ତି ବ୍ୟାଙ୍କ କାଉଣ୍ଟର ରେ ପହଞ୍ଚିଲା ବେଳକୁ ଉପରବେଳା ୩/୪ ଟା ହୋଇଥାଏ ସେଥିରେ ପୁଣି ବ୍ୟାଙ୍କ କର୍ମଚାରୀଙ୍କ ରୁକ୍ଷ ବ୍ୟବହାର କାହାର ତ କଣଉ ହେଇନି ବା ମିନି ବ୍ୟାଙ୍କ ରେ ଖାତା ଖୋଲା ହେଇଛି ଆକ୍ଟିଭ ହେଇନି ଆଜି ହେବନି ଇତ୍ୟାଦି କୁହାଯାଇ ସେବାରୁ ନିବୃତ କରାଯାଏ । ବ୍ୟାଙ୍କ ରେ କର୍ମଚାରୀ ଓ କାଉଣ୍ଟର ବହୁତ କମ ଥାଏ, ପ୍ରାୟ ଅଧିକାଂଶ ଏଟିଏମ ଗୁଡିକରେ ଟଙ୍କା ରହିନଥାଏ । ମହିଳା ଉପଭୋକ୍ତା ପିଲା ଛୁଆ ଧରି ବହୁତ ହଇରାଣ ହୋଇଥାନ୍ତି । ଏହା ଉପରେ ସଠିକ ତର୍ଜମା କରି ଲୋକଙ୍କୁ ଉଚିତ ସେବା ଦେବାର ବ୍ୟବସ୍ଥା କରାଯାଉ । ବ୍ୟାଙ୍କ ସେବା ସମସ୍ତଙ୍କ ପାଇଁ ଜରୁରୀ ଅଟେ ଗ୍ରାମାଞ୍ଚଳ ରେ ଲୋକ ବହୁତ ହଇରାଣ ହୁଅନ୍ତି ଏଥିପ୍ରତି ଧ୍ୟାନ ଦେଇ ସୁବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନେବାକୁ ଆପ ଦାବୀ କରିଛି । ଜିଲ୍ଲା ର ବିଭିନ୍ନ ଜନ ଗହଳି ପୂର୍ଣ ସହର ବା ସ୍ଥାନ ମାନଙ୍କରେ ବିଭିନ୍ନ କାରଣରୁ ରାସ୍ତା ଜାମ ହୋଇଥାଏ, ଯାହାରି ଫଳରେ ଦୁର୍ଘଟଣା ଘଟୁଛି ତାହାର ପ୍ରତିକାର ଓ ସୁବ୍ୟବସ୍ଥା କରିବା ସାରା ରାଜ୍ୟ ରେ କନ୍ଧମାଳର ଦାଦନ ସଂଖ୍ୟା ଅଧିକ ପ୍ରାୟ ଲୋକେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଛନ୍ତି କ୍ଷ ରେସନ କାର୍ଡରେ ଆଧାର ଲିଙ୍କ ନହେଲେ କାର୍ଯ୍ୟକ୍ଷ୍ୟମ ହେବନାହିଁ ବୋଲି ନିର୍ଦ୍ଦେଶ ଅଛି, ଏଣୁ କନ୍ଧମାଳ ଜିଲ୍ଲା ବାସିଙ୍କ ପାଇଁ ବୀନା ଆଧାର ଲିଙ୍କରେ ଅତିକମ ସେ ଏକ ବର୍ଷ ପାଇଁ ରେସନ କାର୍ଡ କାର୍ଯ୍ୟକ୍ଷମ କଲେ ଲୋକେ ଉପକାର ପାଇଥାନ୍ତେ ବୋଲି ଆପ ଦାବୀ କରିଛି । ଅନ୍ୟ ମାନଙ୍କ ମଧ୍ୟରେ କଳାହାଣ୍ଡି ଜିଲ୍ଲା ଆପ ର ରମେଶ ନାୟକ ଯୋଗ ଦେଇଥିଲେ ଜିଲ୍ଲା ସଭାପତି ଜାର୍ବସ ଦିଗାଲ ସମ୍ପାଦକ ଗିରିଶ ପଟ୍ଟନାୟକ ଆସଜ୍ ସିଂହ ରାକେଶ ରାଉତ ଉମେଶ ପାତ୍ର ମନୋଜ ଚୌଧୁରୀ ମଣି ଭାଇ ଅନ୍ୟ ସଦସ୍ୟ ମାନେ ଯୋଗ ଦେଇଥିଲେ।

## ସହୀଦ ଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ

ବ୍ରହ୍ମପୁର ତା- ୨୭/୧୧ (ନି.ପ୍ର): ଆଜି ବହୁମୁଖି ସମାଜ ମଙ୍ଗଳ ତରଫରୁ ଗାନ୍ଧୀ ନଗର ଛକ ସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ସହୀଦ ଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା ମୁମ୍ବାଇ ୨୬/୧୧/୨୦୦୮ ମସିହା ହେଉଛି ସେହି କଳାଦିନ ଯେଉଁ ଦିନ ଥରି ଉଠିଥିଲା ମୁମ୍ବାଇ ଲସ୍କର ଏ ତୈବାର ୧୦ ଆତଙ୍କ ବାଦୀ ମୁମ୍ବାଇ ଉପରେ କରିଥିଲେ ଆକ୍ରମଣ ଏବଂ ଚାରି ଦିନ ଧରି ଗୁଳିମାଡ଼ ବ୍ୟତିତ ଅନେକ ସ୍ଥାନରେ ବିସ୍ଫୋରଣ କରିଥିଲେ ଏହି ଆକ୍ରମଣରେ ୧୬୦ ରୁ ଉର୍ଦ୍ଧ ଲୋକ ପ୍ରାଣ ହରାଇଥିବା ବେଳେ ୬୦୦ରୁ ଅଧିକ ଲୋକ ଆହତ ହୋଇଥିଲେ ମୁମ୍ବାଇ ଥରାଇ ଦେଇଥିବା ଏହି ଆକ୍ରମଣକୁ ୧୬ ବର୍ଷ ପୁରଣ ହୋଇଛି କିନ୍ତୁ ଏହାର ସ୍ମୃତି ସତେଜ ଏବଂ ଏହାର ଫୋଟ ଦେଖିଲେ ଆଜି ମଧ ଲୋମ ଟାଙ୍କୁରି ଉଠେ ୯ ଜଣ ଆତଙ୍କ ବାଦିଙ୍କୁ ନିପାତ କରିଥିବାବେଳେ ଅମିର ଅଜମଲ କାସବଙ୍କୁ ଜିବନ୍ତ କାବୁ କରାଯାଇଥିଲା ଏବଂ ୨୦୧୨ ରେ ତାକୁ ଫାଶୀ ଦିଆଯାଇଥିଲା ଅମର ସହୀଦ ଙ୍କୁ ଆଜିର ଦିନରେ ମନେ ପକାଇ କେଣ୍ଡଲ ଜାଳି ପୁଷ୍ପ ଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା ଏହି କାର୍ଯ୍ୟକ୍ରମରେ ଟାଉନ୍ ଥାନାର ଜସ ଲକ୍ଷ୍ମୀ ନନ୍ଦନ, ଶ୍ବସ ବିଭୁତି ଭୁଷଣ ସେଠୀ, ବଶ୍ବସ ପାଣ୍ଡବ ରେଡ୍ଡୀ, କ୍ଷ୍ବସ ଅଶୋକ ଶାସମଳ, ହାବିଲଦାର- ଶତ୍ୟ ନାରାୟଣ, କନେଷ୍ଟବଳ - ସିଦ୍ଧ ଭୁୟାଁ,ବାଦଲ ରାମଚନ୍ଦ୍ର, ଅଚ୍ୟୁତ ମଲି, ସଭାପତି ଶଙ୍କର୍ଷଣ ପାତ୍ର, ଡଃ ଅବନୀ କାନ୍ତ ମିଶ୍ର,ସମ୍ପାଦକ ମହମ୍ମଦ ଆସଲାମ, ପୂର୍ବତନ କର୍ପୋରେଟର ଭିଷ୍ମାଚାର୍ଯ୍ୟ ଚୌଧୁରୀ, ସୁରେଶ ଚନ୍ଦ୍ର ତ୍ରିପାଠୀ, ମହେନ୍ଦ୍ର ନାଥ ସାହୁ, ବ୍ରଜେନ୍ଦ୍ର କୁମାର ଦାଶ, ସୁଦର୍ଶନ ବିଷୋୟୀ, ସୁନୀଲ କୁମାର ସାହୁ, ଡଃ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ତଥା ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ।

## ବାବା ଲୋକନାଥ ଓ ହର ହର ମହାଦେବରେ ପ୍ରକମ୍ପିତ ହେଲା ଯଜ୍ଞସ୍ଥଳ



ପୁରୀ - ଶ୍ରୀରାମ ସୁନ୍ଦରକାଣ୍ଡ ଚାରିଟେବୁଲ ଟ୍ରଷ୍ଟ (ଗୋବିନ୍ଦ ଗୋଧାମ ଗୋଶାଳା) ଏବଂ ରାଜସ୍ଥାନର ଶ୍ରୀ ସୀତାରାମ ଦାସ ଜୀ ମହାରାଜ ବଲଡାଧାମ ବିକାଶ ସମିତି ମିଳିତ ଆନୁକୁଲ୍ୟରେ ରାଷ୍ଟ୍ରୀୟ ୧୦୮ କୁଣ୍ଡୀୟ ଶ୍ରୀ ଶ୍ରୀ ୧୦୦୮ ଶ୍ରୀ ଜଗନ୍ନାଥ ପରମବ୍ରହ୍ମ ବିଶ୍ୱ କଲ୍ୟାଣ ଶାନ୍ତି ମହାଯଜ୍ଞର ଷଷ୍ଠ ଦିବସରେ ବାବା ଲୋକନାଥ ଓ ହର ହର ମହାଦେବରେ ପ୍ରକମ୍ପିତ ହେଲା ଯଜ୍ଞସ୍ଥଳ । ଓଡିଶାର ପ୍ରସିଦ୍ଧ ଶୈବପୀଠ ପୁରୀର ବାବା ଶ୍ରୀ ଲୋକନାଥଦେବଙ୍କ ୪୦ଜଣ ସେବାୟତ ସାମୁହିକଭାବେ ଯଜ୍ଞସ୍ଥଳରେ ଯୋଗଦେଇ ଯଜ୍ଞକୁଣ୍ଡ ଦର୍ଶନ ସହିତ ପ୍ରଦକ୍ଷଣ କରିବା ସମୟରେ ବାବା ଲୋକନାଥ ଜୀ କୀ ଜୟ ଓ ହର ହର ମହାଦେବ ଧ୍ୱନି ଉଚ୍ଚାରଣ କରି ଯଜ୍ଞସ୍ଥଳର ପାବନ ବାତାବରଣରେ ନିଜକୁ ହଜାଇ ଦେଇଥିଲେ । ଏହାପରେ ରାଜସ୍ଥାନ ବଲଡାଧାମର ପ୍ରସିଦ୍ଧ ସନ୍ଥ ଶ୍ରୀ ଶ୍ରୀ ୧୦୮ ଶ୍ରୀ ସୀତାରାମ ଦାସ ଜୀ ମହାରାଜଙ୍କର ଦର୍ଶନ କରିଥିଲେ । ସେହିଭଳି ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚା ଓଡିଶା ରାଜ୍ୟ ସଭାପତି ଡ. ଐଶର୍ଯ୍ୟା ବିଶ୍ୱାଳ, ପୁରୀର ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ, ଭାଜପାର ରାଷ୍ଟ୍ରୀୟ ପରିଷଦ ସଦସ୍ୟ ମଧୁସୂଦନ ସିଂହାରୀ ଯଜ୍ଞସ୍ଥଳରେ ବସି ଦୀର୍ଘଘଣ୍ଟା ଧରି ଆହୁତି କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ । ଏହାପରେ ଯଜ୍ଞସ୍ଥଳରେ ଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବୋଧନ କରି ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡ. ଐଶର୍ଯ୍ୟା ବିଶ୍ୱାଳ କହିଥିଲେ ଯଜ୍ଞ ଆତ୍ମାକୁ ପବିତ୍ର କରିବା ସହିତ ସମାଜର କଳୁଷିତ ମନୋଭାବ ଦୂର କରି ଶାନ୍ତି ପ୍ରତିଷ୍ଠା ସହ ରାମରାଜ୍ୟରେ ପରିଣତ ହେବ ଏଥିରେ ସନ୍ଦେହ ନାହିଁ । ତେଣୁ ଏହିଭଳି ଧାର୍ମିକ ପରିବେଶରେ ସାମିଲ ହୋଇ ନିଜକୁ ଧନ୍ୟ ମନେକରୁଛି । ସେହିଭଳି ବାବା ଲୋକନାଥଙ୍କ ସେବାୟତବୃନ୍ଦ ଭବ୍ୟ ଆୟୋଜନର ଉଦ୍ଦେଶ୍ୟ ବିଶ୍ୱଶାନ୍ତି, ଗୋମାତାଙ୍କ ସୁରକ୍ଷା,ସନାତନ ଧର୍ମର ରକ୍ଷା କ୍ଷେତ୍ରରେ ନିଶ୍ଚିତ ଫଳବତୀ ହୋଇପାରିବ ବୋଲି ମତପୋଷଣ କରିଥିଲେ । ସମସ୍ତ ଅତିଥିମାନଙ୍କୁ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷା ରଞ୍ଜିତା ପାଢୀ, ଗୋବିନ୍ଦ ଗୋଧାମ ଗୋଶାଳାର ପ୍ରତିଷ୍ଠାତା ତଥା ସଂପାଦକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା ଜୀ ମହାରାଜ ସ୍ୱାଗତ କରିଥିଲେ । ଆଜିର କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ଟ୍ରଷ୍ଟର ମୁଖପାତ୍ର ବିଷ୍ଣୁଦତ୍ତ ଦାସ ପରିଚାଳନା କରିଥିଲେ ।

# ଜିଲ୍ଲା ସ୍ତରୀୟ ଯୁଥ ରେଡ଼ କ୍ରସ ଶିବିର ଉଦଯାପିତ

ଫୁଲବାଣୀ :କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକରେ ଅବସ୍ଥାପିତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଜିଲ୍ଲା ସ୍ତରୀୟ ଯୁଥ ରେଡ଼ କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିରର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ପୂର୍ବତନ ସଂଯୋଜକ ଡଃ ସୁକାନ୍ତ କୁମାର ବେହେରା, ଜିଲ୍ଲା ସଂଯୋଜକ ଡଃ ଅଭୀପ୍ସା ବଳ, ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ କ୍ଷ ଷ୍ଟେଟ ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ଶ୍ରୀଯୁକ୍ତ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ । ସେ ଭାରତୀୟ ସମ୍ବିଧାନ ଦିବସ ବିଷୟରେ ବକ୍ତବ୍ୟ ରଖିବା ସହିତ ସାଇବର ସିକୁରିଟି ବିଷୟରେ ଆଲୋକ ପାତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ହୃଦ ରଞ୍ଜନ ସାହୁ ଶିବିରାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ । ଦୀର୍ଘ ତିନି ଦିନ ବ୍ୟାପୀ ଚାଲୁରହିଥ ?ବା ଶିବିରରେ ଶିବିରାର୍ଥୀ ମାନଙ୍କୁ ରିସୋର୍ସ ପର୍ଶନ ମାନଙ୍କ ଦ୍ୱାରା ବିଭିନ୍ନ ବିଷୟରେ ଯଥା ଯୁବ ରେଡକ୍ରସର ଇତିହାସ, ମୌଳିକ ନିୟମ, ରକ୍ତ ଦାନ ସମ୍ପର୍କିତ ସଚେତନା, ଯୋଗ, ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ବୌଦ୍ଧିକ ଓ ଆଧ୍ୟାତ୍ମିକ ବିକାଶ, ସମାଜସେବା ମାଧ୍ୟମରେ ବ୍ୟକ୍ତିତ୍ୱର ବିକାଶ, ଜଳବାୟୁ ପରିବର୍ତ୍ତନ ଓ ମହିଳା ସଶକ୍ତିକରଣ, ବିପର୍ଯ୍ୟୟ ପରିଚାଳନା ଓ ସାଇବର ସୁରକ୍ଷା ତାଲିମ ପ୍ରଧାନ କରଯାଇଥିଲା । ଶିବିରାର୍ଥୀ ମାନେ ଏକ ଶୋଭାଯାତ୍ରାରେ ଯାଇ ଗ୍ରାମ ପରିକ୍ରମା କରି ସ୍ଲୋଗାନ ମାଧ୍ୟମରେ ଗ୍ରାମବାସୀଙ୍କୁ ବିଭିନ୍ନ ବିଷୟରେ ସଚେତନ କରିଥିଲେ । ନିକଟସ୍ଥ ମନ୍ଦିର, ବସ ରହଣି ସ୍ଥଳ, ବିଦ୍ୟାଳୟ ପରିସରରେ ଶ୍ରମଦାନ କରି ପରିଷ୍କାର କରିବା ସହିତ ଏକ ସୁସ୍ଥ ଓ ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନର ବାର୍ତ୍ତା ଦେଇଥିଲେ । ଶିବିର ପରିଦର୍ଶନରେ ଆସିଥିବା ପଦସ୍ତ ଅଧିକାରୀଙ୍କ ମଧ୍ୟରେ ଥିଲେ ଜିଲ୍ଲା ଯୁବ ରେଡ କ୍ରୋସ ଚେୟାରମେନ ଡଃ ସୁବାଶ ଚନ୍ଦ୍ର ପ୍ରଧାନ, ଜିଲ୍ଲା ସଂଯୋଜକ ଡଃ ବିଭୁତି ଭୂଷଣ ଆଚାର୍ଯ୍ଯ , ଡଃ ଅଭୀପ୍ସା ବଳ, ପୂର୍ବତନ ସଂଯୋଜକ ଡଃ ସୁକାନ୍ତ କୁମାର



ବେହେରା, ଟିକାବାଲି ମହାବିଦ୍ୟାଳୟର ଅଧକ୍ଷ ଦୀନବନ୍ଧୁ ମହାନ୍ତି, ଲାଇନପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ଯକ୍ଷ ଡଃ ତ୍ରୈଲକ୍ୟ ସେନାପତି, ଡଃ ନଳୀନୀ କୁମାର ପାଣିଗ୍ରାହୀ, ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ଜାନକୀ ପ୍ରଧାନ,ନାୟବ ସରପଞ୍ଚ ଶ୍ରୀ ମାଲେସ୍ୱର କହଁର, ମୋ ସ୍କୁଲ ଅଭିଯାନ ସଭାପତି ବିଷ୍ଣୁ ଚରଣ ଦିଗାଲ , ଚକାପାଦ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଦ ରଞ୍ଜନ ସାହୁ । ଡେପୁଟି ଜେନେରାଲ ମ୍ୟାନେଜର (ଏସ . ବି. ଆଇ ) ଶ୍ରୀଯୁକ୍ତ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ । ଶିବିରାର୍ଥୀ ମାନଙ୍କ ମଧ୍ୟରେ ନୃତ୍ୟ, ସଂଗୀତ, କୁଇଜ, ସ୍ଲୋଗାନ ଲିଖନ ଆଦି ପ୍ରତିଯୋଗୀତା ଆୟୋଜନ କରଯାଇଥିଲା । ପ୍ରତିଯୋଗୀତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ପତିଯୋଗୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରଯାଇଥିଲା । ଶିବିରରେ ଯୋଗ ଦେଇଥିବା ସମସ୍ତ ଶିବିରାର୍ଥୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରତିନିଧିତ୍ୱ କରିଥିବା କାଉନସିଲରଙ୍କୁ ପ୍ରମାଣପତ୍ର ଓ ମାନପ ?ତ୍ର ପ୍ରଦାନ କରଯାଇଥିଲା । ଏଥିରେ ୧୦୦ ରୁ ଉର୍ଦ୍ଧ୍ୱ ଶିବିରାର୍ଥୀ ଓ ଅତିଥି ଯୋଗ ଦେଇଥିଲେ । ଏହି ଉଦ ?ଯାପନୀ ଉତ୍ସବରେ ବିଦ୍ୟାଳୟର ଅଧକ୍ଷ ଡଃ ସନ୍ତୋଷ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ । ବରିଷ୍ଠ ଅଧ୍ୟାପକ ଡଃ ବାବୁଲା ପାଟଜୋଶୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ଯୁବ ରେଡ଼କ୍ରସ ସଂଯୋଜକ ଶ୍ରୀ ଶିବରାମ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟ ଅତିଥିଙ୍କ ଶ୍ରୀଯୁକ୍ତ ସାହୁଙ୍କ ଦ୍ୱାରା ଯୁବ ରେଡ଼ କ୍ରସ ପତାକା ଅବତରଣ କରାଯାଇ ବିଦ୍ୟାଳୟର ଅଧକ୍ଷଙ୍କୁ ପ୍ରଦାନ କରଯାଇଥିଲା କ୍ଷ ସେ ଜିଲ୍ଲା ସଂଯୋଜକ ଡଃ ଅଭୀପ୍ସା ବଳଙ୍କୁ ଅର୍ପଣ କରିଥିଲେ ।

# ବିଶ୍ୱନାଥ ଦାସ ସ୍ମୃତି ସଂସଦ ପକ୍ଷରୁ ୭୫ ତମ ସମ୍ବିଧାନ ଦିବସ ପାଳିତ

ବ୍ରହ୍ମପୁର ଆଜି ସମ୍ବିଧାନ ଦିବସ ପାଳନ ଅବସରରେ ପୂର୍ବତନ ମୁଖ୍ୟ ମନ୍ତ୍ରୀ ତଥା ଉତ୍ତର ପ୍ରଦେଶର ପୂର୍ବତନ ରାଜ୍ୟପାଳ ,ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଭାରତ ସମ୍ବିଧାନ ନିର୍ମାଣରେ ଯୋଗଦାନ ଥିବା ମହାନ ମନିଷୀ ବିଶ୍ୱନାଥ ଦାସ ଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ବିଶ୍ୱନାଥ ଦାସ ସ୍ମୃତି ସଂସଦ ସାଧାରଣ ସମ୍ପାଦକ ଡାକ୍ତର ସାଗର ରଂଜନ ତ୍ରିପାଠୀ ଙ୍କ ସଂଯୋଜନା ରେ ଏବଂ ସଂସଦ ର ସଭାପତି ବରିଷ୍ଠ ଶିକ୍ଷାବିତ୍ ରାଜନୀତି ବିଜ୍ଞାନୀ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀଙ୍କ ସଭାପତିତ୍ୱ ରେ ଆୟୋଜିତ ସଭାରେ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଯୋଗଦାନ କରିଥଲେ ।କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ ପୂର୍ବତନ ଉପ ବାଚସ୍ପତି ରାମ ଚନ୍ଦ୍ର ପଣ୍ଡା। ଭାରତର ସମ୍ବିଧାନ ସମସ୍ତଙ୍କୁ ମୌଳିକ ଅଧିକାର ଦେଇଚି। ଅଭିବ୍ୟକ୍ତି ର ସ୍ୱାଧୀନତା ଏହି ବିଚାର ଅତୁଟ ଅମଳିନ ରହିଲେ ସମ୍ବିଧାନ ର ମୂଳଲକ୍ଷ୍ୟ ଓ ମୂଳ ଭାବନା ପୂରଣ ହେବ ବୋଲି ମୁଖ୍ୟ ଅତିଥି ଡାକ୍ତର ରମେଶ ଚନ୍ଦ୍ରଚ୍ୟାଉ ପଟ୍ଟନାୟକ ନିଜ ବକ୍ତବ୍ୟ ରଖିଥିଲେ। ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ନିଜ ବକ୍ତବ୍ୟ ପ୍ରଦାନ କରି କହିଥଲେ ଯେ ପରସ୍ପର ମଧ୍ୟରେ ସୁସମ୍ପର୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ସୁସମ୍ପର୍କ ରକ୍ଷା କରିବା ପାଇଁ ସମ୍ବିଧାନ ଦିବସ ପାଳନ ଅବସରରେ ସମ୍ବିଧାନ ର ଗୁରୁତ୍ୱ ପୂର୍ଣ୍ଣ ଦିଗ ଗୁଡିକ ଅନୁଶୀଳନ କରିବାର ଆବଶ୍ୟକତା ରହିଛି। ସମ୍ବିଧାନ ନିର୍ମାଣ ରେ ପ୍ରତିନିଧିତ୍ୱ କରିଥିବା ମହାନ୍ ବିଭୂତି ବିଶ୍ୱନାଥ ଦାସ ଙ୍କ ଜୀବନୀ ଉପରେ ଆଲୋଚନା କରିବା ସହ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ କହିଥିଲେ ଯେ ସାମାଜିକ ନ୍ୟାୟ ଓ ଗରିବ ଲୋକଙ୍କ ପାଇଁ କଲ୍ୟାଣ ପାଇଁ ଲୋକତନ୍ତ୍ର ର ଆଧାରଶୀଳା ସମ୍ବିଧାନ ଗଣତନ୍ତ୍ର ରାଷ୍ଟ୍ର ଭାରତ ର ପବିତ୍ର ଗ୍ରନ୍ଥ। ସମ୍ବିଧାନ ୭୫ ବର୍ଷ ଧରି ଆମ ଦେଶର ଅଖଣ୍ଡତା ଓ ସଂହତି ପାଇଁ ପ୍ରେରଣା ଦେଇ ଆସୁଚି ଏ ପବିତ୍ର ବିଚାର ସହ ଆଗକୁ ବଢ଼ିବା ପାଇଁ ସମ୍ବିଧାନ ଶୀର୍ଷେ ରେ ରହିଛି ରହିବ ବୋଲି ପ୍ରଫେସର ଚୌଧୁରୀ କହିଥିଲେ। ପ୍ରାରମ୍ଭ ରେ ଡାକ୍ତର ସାଗର ରଞ୍ଜନ ତ୍ରିପାଠ ସମ୍ବିଧାନ ନିର୍ମାଣ ର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କ ରେ ଆଲୋଚନା କରି ଥିଲେ। ଅନ୍ୟ ମାନଙ୍କ ମଧ୍ୟ ରେ ଅତିଥି ଭାବେ ଯୋଗ ଦେଇ ଥିବା ଲୋକ ସେବକ ମଣ୍ଡଳ ଆଜୀବନ ସଭ୍ୟ ରାଜେନ୍ଦ୍ର କୁମାର ଜେନା, ପରିବେଶ ପ୍ରେମୀ ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ସୁଭାଷ ମହାରଣା ବରିଷ୍ଠ ବିଜେପି ନେତା କାହ୍ନୁ ଚରଣ ପତି ବରିଷ୍ଠ ନେତା ଅରୁଣ ପଣ୍ଡା ବିଶିଷ୍ଟ ଶିକ୍ଷାବିତ ବିରୁପାକ୍ଷ ଦାଶ ଯୋଗ ଦେଇ ଆଲୋଚନା କରି କହି ଥିଲେ ଯେ ବିଶ୍ୱନାଥ ଦାସ ଙ୍କ ପରି ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଉତ୍ତର ପ୍ରଦେଶର ପୂର୍ବତନ ରାଜ୍ୟପାଳ ତଥା ସମ୍ବିଧାନ ନିର୍ମାଣ ସଦସ୍ୟ ବିଶ୍ୱନାଥ ଦାସ ଙ୍କ ପ୍ରତି ସମ୍ମାନ ଜଣାଇବା ପାଇଁ ସରକାର ରାଜ୍ୟ ସ୍ତର ରେ ତାଙ୍କ ଜୟନ୍ତି ପାଳନ କରିବା ଆବଶ୍ୟକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ରେ ବ୍ରହ୍ମପୁର ସହର ର ବହୁ ବିଶିଷ୍ଟ ବ୍ୟକ୍ତି ବୁଦ୍ଧିଜୀବୀ ମାନେ ଯୋଗ ଦେବା ସହ ସମ୍ବିଧାନ ଦିବସ ପାଳନ ଅବସରରେ ଆଲୋଚନା ରେ ଅଂଶ ଗ୍ରହଣ କରି ଥିଲେ। ବିଶିଷ୍ଟ କବି ହୃଷୀକେଶ ଦାଶ ସମ୍ବିଧାନ ନିର୍ମାଣ ସମ୍ପର୍କ ରେ କବିତା ପାଠ ପଢିଥିଲେ । ସଙ୍ଗଠନ ସମ୍ପାଦକ ଶ୍ରୀକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିବା ସହ ସମ୍ବିଧାନ ନିର୍ମାଣ ବିଷୟ ରେ ଆଲୋଚନା କରି ଥିଲେ।ବିଶ୍ୱନାଥ ଦାସ ସ୍ମୃତି ସଂସଦ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ରମା ରମଣ ପ୍ରହରାଜ, ବାବୁଲା ପାତ୍ର ,ସୁରେଶ ଚନ୍ଦ୍ର ତ୍ରିପାଠୀ, ବାଳକୃଷ୍ଣ ସାମନ୍ତରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ପରିଚାଳନା ରେ ସହଯୋଗ କରି ଥିଲେ।ବନ୍ଦେ ଉତ୍କଳ ଜନନୀ ଗାନ ସହ କରାଯାଇ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରା ଯାଇ ଥିଲା।ଏହା ପରେ ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ଙ୍କ ପ୍ରତିମୂର୍ତ୍ତି ରେ ବିଶ୍ୱନାଥ ଦାସ ସ୍ମୃତି ସଂସଦ ତରଫରୁ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା।



## ଜିଲ୍ଲା କୁଇ ସାମାଜ ସେବା ସମିତି ପକ୍ଷରୁ ସାମ୍ବିଧାନିକ ଦିବସ ପାଳିତ

ଫୁଲବାଣୀ : କନ୍ଧମାଳ ଜିଲ୍ଲା କୁଇ ସମାଜ ସେବା ସମିତି ଫୁଲବାଣୀ ଡ଼ ଭିମରାଓ ଆମ୍ବେଦକର ସ୍ମୃତି କମିଟି ପକ୍ଷରୁ ସଭାପତି ସମିର ଘଟା ଲଙ୍କ ସଭାପତିତ୍ୱରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ।ଆୟୋଜିତ ହୋଇଥିଲା। ଏହି ଅବସରରେ ବରିଷ୍ଠ ଆଇନଜୀବୀ ଲମ୍ବୋଦର କହଁର, ସତ୍ୟ ନାରାୟଣ ବେହେରା,କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର ଦିଗାଲ, କନ୍ଧ ଗୌଡ଼ ସମାଜର ସଭାପତି ସୁଭାଷ ବେହେରା, ପଛୁଆ ସମାଜ ସମ୍ପାଦକ ସୁରଞ୍ଜନ ନାୟକ, ଘାଷି ସମାଜ ସମ୍ପାଦକ ସୁଶାନ୍ତ କୁମାର ମୁଖି, ଗୋପାଳ ସମାଜ ସଭାପତି କପ୍ତନ ବର୍ଗତି, କୈବର୍ତ୍ତ ସମାଜ ସଭାପତି ଅରୁଣ କୁମାର ମାଝୀ, କୋଷାଧକ୍ଷ ତ୍ରୀନାଥ ମାଝୀ ତଥା ଜିଲ୍ଲା ସଂଯୋଜକ ବୀରେନ୍ଦ୍ର କହଁରଙ୍କ ସମେତ ଫୁଲବାଣୀ ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକର ବିଭିନ୍ନ ସମାଜର ସଭାପତି ମାନେ ଉପସ୍ଥିତ ଥିଲେ। ଏହି ଦିବସକୁ ଜୋରଦାର ଭାବରେ ପାଳନ କରାଯାଇଥିଲା । ମଞ୍ଚାସୀନ ଅତିଥି ମାନେ ଆମ୍ବେଦକରଙ୍କ ବାର୍ତ୍ତା ଓ ତାଙ୍କର କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ର ଆରମ୍ଭରେ ସର୍କିଟ ହାଉସ ଠାରୁ ସଭାଗୃହ ପର୍ଯ୍ୟନ୍ତ ଏକ ବିରାଟ ରାଲିରେ ଶତାଧିକ ଆମ୍ବେଦକର ପ୍ରେମୀ ଯୋଗ ଦେଇ ସଭାଗୃହ ଠାରେ ପହଞ୍ଚି ଥିଲେ । ଆଗକୁ ୧୨ ଟି ବ୍ଲକର ସଦସ୍ୟ ଯୋଡ଼ା ଯାଇ କାର୍ଯ୍ୟକ୍ରମ ଆହୁରି ଜୋରଦାର୍ କରାଯିବ ବୋଲି ସଭାପତି ଘଟାଲ କହିଥିଲେ।

## ଅଙ୍ଗନବାଡି ଚାଉଳ ଗୋଦାମ ସିଲ କଲେ ତହସିଲଦାର

ଧାମନଗର ୨୭/୧୧ (ନି.ପ୍ର): ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୬ନମ୍ବର ୱାର୍ଡ ଅଧିନ ମୁନସିପାଟଣା ଗ୍ରାମରେ ଥିବା ଅଙ୍ଗନବାଡ଼ି ଚାଉଳ ଗୋଦାମକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ଧାମନଗର ତହସିଲଦାର ଦୀପକ କୁମାର ଦାସ,ସିଡିପିଓ ଧରିତ୍ରୀ ପାଣିଗ୍ରାହୀ ଉଭୟ ମିଳିତ ଭାବେ ତଦନ୍ତ ପାଇଁ ଯାଇଥିଲେ। ସେଠାରେ ପହଞ୍ଚି ଦେଖିଲେ ଯେ ଗୋଦାମ ବନ୍ଦ ଅଛି ତେଣୁ ଗୋଦାମ ମାଲିକଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କଲେ ମଧ୍ୟ ସେ ବହୁ ଦୂରତା ରହିଯାଇଛି କହିବାରୁ ତାଙ୍କ ଅନୁପସ୍ଥିତ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଧାମନଗର ତହସିଲଦାର ଦୀପକ କୁମାର ଦାସ ଓ ସିଡିପିଓ ଧରିତ୍ରୀ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଉକ୍ତ ଅଙ୍ଗନବାଡି ଚାଉଳ ଗୋଦାମକୁ ସିଲ କରାଯାଇଛି ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଦୀର୍ଘ ଦିନ ଧରି ଯୋଗାଣ କାରି ସଂସ୍ଥା ଅଙ୍ଗନବାଡିର କୋମଳମତି ଶିଶୁ ମାନଙ୍କ ପାଇଁ ସରକାର ଯୋଗାଉଥିବା ଚାଉଳ ଯୋଗାଣରେ ବ୍ୟାପକ ଅନିୟମିତତା ହେଉଥିବାର ଅଭିଯୋଗ ହୋଇଥିବା ବେଳେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସାଧାରଣରେ ଆଲୋଚନା କରିଛନ୍ତି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ଏ ସପର୍କରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇଥିବା ସୂଚନା ମିଳିନାହିଁ।



## ଶିଶୁ ରୋଗୀଙ୍କ ମା'ବାପାଙ୍କୁ ଷ୍ଟାଫନର୍ସ ଦୁର୍ବ୍ୟବହାର ଅଭିଯୋଗ

ଧାମନଗର ୨୭/୧୧ (ନି.ପ୍ର): ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅସୁସ୍ଥ ୨ମାସର ଶିଶୁପୁତ୍ରକୁ ଚିକିତ୍ସା ପାଇଁ ନେଇ ଆସିଥିବା ମା' ବାପାଙ୍କୁ ଜଣେ କାର୍ଯ୍ୟରତ ଷ୍ଟାଫନର୍ସ ନର୍ସ ସେବା ବଦଳରେ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି ଓ ଜଣେ ଷ୍ଟାଫନର୍ସ ରୋଗୀକୁ ସେବା ପରିବର୍ତ୍ତେ ସେମାନଙ୍କୁ ଜାତିଆଣା ଆକ୍ଷେପ ସହ ଗାଳିଗୁଲଜ କରିଥିବା ଏନେଇ ସୋମବାର ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଧାଂଶୁ ଶେଖର ବଳ,ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ମନ୍ମୟ ସାମନ୍ତସିଂହାର ଏବଂ ଥାନା ଅଧିକାରୀଙ୍କ ନିକଟରେ ନର୍ସ ର ଏଭଳି ସଙ୍ଗୀନ ଅଭିଯୋଗ ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଅଭିଯୋଗ କାରି ତଥା ଶିଶୁପୁତ୍ର ମା' ବାପା ଧାମନଗର ଏନ ଏ ସି ଅନ୍ତର୍ଗତ ୩ନମ୍ବର ୱାର୍ଡ ଅଧୀନ ହବିବନଗରର ଗ୍ରାମର ଏମଡି ଜମିଲ କାଦିରୀ ଓ ପତ୍ନୀ ଜବିନା ଖାତୁନ ବୋଲି ଜଣାପଡ଼ିଛି। ଆମେ ଉଚିତ ନ୍ୟାୟ ନପାଇଲେ ଜିଲ୍ଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସାକାରୀଙ୍କ ନିକଟରେ ମଧ୍ୟ ଅଭିଯୋଗ କରିବା ସହିତ ଅଫିସ ଆଗରେ ଧାରଣା ଦେବାକୁ ଦୁର୍ଗାବହାରର ଶିକାର ହୋଇଥିବା ଶିଶୁର ମା'ବାପା ଓ ପରିବାର ଲୋକେ କହିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ,ଗତ ଶୁକ୍ରବାର ଶିଶୁପୁତ୍ରକୁ ନେଇ ଏହି ଡାକ୍ତରଖାନାକୁ ଆସିଥିଲେ। ଶିଶୁର ତୁରନ୍ତ ଭେନ୍ ଖୁବ୍? ଆବଶ୍ୟକ ପଡ଼ିବା ନେଇ ପ୍ରଥମେ କାର୍ଯ୍ୟରତ ଷ୍ଟାପ୍ ?ନର୍ସ ନାୟକଙ୍କୁ ଲଗାଇବାକୁ କହିଥିଲେ। କିନ୍ତୁ ସେ ଡାକ୍ତରଙ୍କ ପାଖରୁ ଲିଖିତ ଆଣିବାକୁ ପରାମର୍ଶ ଦେଇଥିଲେ। ସେହି ସମୟରେ କାର୍ଯ୍ୟରେ ଥିବା ଡାକ୍ତର ଶ୍ରୀମାଧବ ସେଠୀ ଶିଶୁର ଅବସ୍ଥା ଦେଖି ଭେନ୍ ଖୁବ୍ ଦେବାକୁ ନର୍ସଙ୍କୁ କହିଥିଲେ। ହେଲେ ନର୍ସ ଡାକ୍ତରଙ୍କ କଥାକୁ ବେଖାତିର କରି ମୁଁ କିଛି କରିବିନି ରୋକଠୋକ ମନା କରି ଓଲଟା ଜାତିଆଣା ମନ୍ତବ୍ୟ ସହ ଗାଳିଗୁଲଜ କରିଥିଲେ। ଅଭିଯୋଗ ବାବଦରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧୁକାରୀଙ୍କୁ ଅବଗତ କରା ?ଯିବ ଏବଂ ତଦନ୍ତ ପାଇଁ ନିର୍ଦ୍ଦେଶ ଆସିଲେ ଉଚିତ ପଦକ୍ଷେପ ନିଆଯିବ ବୋଲି ଅଧିକାରୀ ଡାକ୍ତର ସାମନ୍ତସିଂହାର ପ୍ରତିଶ୍ରୁତି ଦେଇଛନ୍ତି।

## 'କୋଣାର୍କ ମିଡ଼ିଆ ଫୋରମ' ର ନୁତନ କର୍ମକର୍ତ୍ତା ଚୟନ

କୋଣାର୍କ ୨୭/୧୧ (ନି.ପ୍ର):କୋଣାର୍କ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଗଠିତ 'କୋଣାର୍କ ମିଡ଼ିଆ ଫୋରମ' ର ମଙ୍ଗଳବାର ମଧ୍ୟାହ୍ନରେ କୋଣାର୍କ ଚନ୍ଦ୍ରଭାଗା ନିକଟରେ ଥିବା ଛୋଟାରାମ ବାବାଙ୍କ ଆଶ୍ରମ ପ୍ରାଙ୍ଗଣରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସଂଘର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ମଧ୍ୟ କରାଯାଇଥିଲା। ସମସ୍ତ ସଭ୍ୟଙ୍କ ଉପସ୍ଥିତରେ ସଂଘର ଦାୟିତ୍ୱରେ ଥିବା ପୁରାତନ କର୍ମକର୍ତ୍ତା ମାନେ ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ। ସମସ୍ତଙ୍କ ମତାମତ ଅନୁଯାୟୀ ସଂଘର ନୂତନ ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ମିଳନ କୁମାର ମହାନ୍ତି, ଉପ- ସଭାପତି ଭାବେ ଆଶିଷ ରଞ୍ଜନ ମିଶ୍ର, ସମ୍ପାଦକ ଭାବେ ଦୁର୍ଗା ପ୍ରସାଦ ମହାପାତ୍ର ଏବଂ କୋଷାଧ୍ୟକ୍ଷ ରୂପେ ଦେବାଶିଷ ସେଠୀଙ୍କୁ ମନୋନୀତ କରାଯାଇଥିଲା। ସଂଘର ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ଅବନୀ ଭୂଷଣ ବାରିକଙ୍କୁ ମନୋନୀତ କରାଯାଇଥିଲା ।ପରେ ସଂଘର ଉପଦେଷ୍ଟା ରାମକୃଷ୍ଣ ମହାନ୍ତି ଙ୍କ ସହ ଉପସ୍ଥିତ ଅନ୍ୟ ସଭ୍ୟ ମାନେ ନୂତନ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶୁଭେଚ୍ଛା ଜଣାଇଥିଲେ। ସଂଘର ସୁଦୃଢ଼ୀକରଣ ଦୃଷ୍ଟିରୁ ଏହାକୁ ଆହୁରି ସଶକ୍ତ କରିବା ଉଦ୍ଦେଶ୍ୟରେ ଏହି ବୈଠକରେ ନୂତନ କରି ସଦସ୍ୟ ଭାବେ ସାମ୍ବାଦିକ ପ୍ରଭାସ ପୃଷ୍ଟି , ସନ୍ତୋଷ ଦାସ, ବିରଞ୍ଜନ ମଲ୍ଲିକ ପ୍ରମୁଖ ଯୋଡି ହୋଇଥିଲେ। ନୂତନ ସଭ୍ୟଙ୍କୁ ସଂଘର ସଭାପତି ଅନୁଷ୍ଠାନ କୁ ସ୍ୱାଗତ ଜଣାଇ ଆଗାମୀ ଦିନରେ ସଂଘକୁ ଆଗକୁ ବଢ଼ାଇ ନେବାକୁ ଉପଦେଶ ଦେଇଥିଲେ।

ସଂପାଦକୀୟ

# ସମସ୍ୟା, ସମାଧାନ

ବର୍ତ୍ତମାନ ସମୟରେ ଦରଦାମ୍ ବୃଦ୍ଧି ତଥା ମହଙ୍ଗାଇ ଯେତିକି ବାଧୁଛି ତା'ଠାରୁ ଅଧିକ ବାଧୁଛି ମହଙ୍ଗାଇର ସପକ୍ଷରେ ଚାଲୁଥିବା ଭକ୍ତମାନଙ୍କର ବିତଣ୍ଡା ଯୁକ୍ତି । ଦରଦାମ୍ ବୃଦ୍ଧିକୁ ସମ୍ଭାଳିବା ପାଇଁ ଯେତିକି ସାହସ ଓ ଶକ୍ତି ଦରକାର ଦରଦାମ୍ ବୃଦ୍ଧି ବିଷୟରେ ଆଲୋଚନା କରିବା ପାଇଁ ତା'ଠାରୁ ଅଧିକ ଶକ୍ତି ଆବଶ୍ୟକ ପଡୁଛି । ଦରଦାମ୍ ବୃଦ୍ଧି ଯେତେ ବି ବାଧୁଛି ବାଧୁ କିନ୍ତୁ ଏହା ଦେଶର ବିକାଶ ପାଇଁ ଜରୁରୀ ବୋଲି କହିବାକୁ ହେବ । ନହେଲେ ତୁମେ ଦେଶଦ୍ରୋହୀ ଓ ବିଧର୍ମୀ ବୋଲି ପ୍ରମାଣିତ ହେବାକୁ ବେଶି ସମୟ ଲାଗିବ ନାହିଁ । ଗୋଟେ ବିରାଟ ଆଇ.ଟି. ସେଲ୍ ନିରୋଳା ଏହି କାମରେ ଲାଗିଛନ୍ତି । ଇତି ମଧ୍ୟରେ ଲୋକମାନଙ୍କର ରୋଜଗାରରେ ପାଂଚ ପ୍ରତିଶତ ବି ବଢ଼ିନାହିଁ । ବରଂ ଆମ ଦେଶର ସିଂହଭାଗ ଲୋକମାନଙ୍କର ରୋଜଗାର କମିଛି । କରୋନା ସଂକ୍ରମଣ ଓ ତଦ୍‌ଜନିତ ଲକ୍ ଡାଉନ୍ ଯୋଗୁ ଅଧିକାଂଶ ଲୋକଙ୍କ ପାଖରେ ରୋଜଗାର ନାହିଁ । କିନ୍ତୁ ଇତି ମଧ୍ୟରେ ବଜାରର ଦରଦାମ୍ ଏପରିକି ଖାଦ୍ୟ ଦ୍ରବ୍ୟ ଓ ପେଟ୍ରୋଲିୟମ୍ ଜାତ ଦ୍ରବ୍ୟର ଦାମ୍ ଆକାଶରେ ଉଡୁଛି । ଏପରି ପରିସ୍ଥିତିରେ ବିଚରା ସାଧାରଣ ଲୋକଟିଏ କରିବ କ'ଣ ? ପରିସ୍ଥିତି ଆଜି ଏପରି ହୋଇଛି ଯେ, ଗରିବ ଲୋକଙ୍କ ପାଇଁ ଭାତ ପିଆଜି କି ରୁଟି ଲୁଣ ବି ଆଜି କଷ୍ଟସାଧ୍ୟ ହୋଇଯାଇଛି । କାରଣ ଆଜିର ମହରଗ ବଜାରରେ ପିଆଜ ଓ ରନ୍ଧନ ଗ୍ୟାସ୍ ଅପୂର୍ବ ପାଲଟି ଯାଇଛି । ଗତ ଚାରି ମାସ ମଧ୍ୟରେ ଗ୍ୟାସ୍ ବି ଆସି ହଜାରେ ପାଖାପାଖି ହେଲାଣି । ପେଟ୍ରୋଲ୍ ଡ଼ିଜେଲ୍ ତ ପ୍ରତିଦିନ ବଢୁଛି । ଏଭଳି ପରିସ୍ଥିତିରେ ବିଚରା ସାଧାରଣ ଲୋକଟିଏ ବଂଚିବ କେମିତି ! ଯେତେବେଳେ ନିଜ ପିଲାଙ୍କ ପେଟକୁ ଦାନା ଯୋଗାଇ ପାରୁନି କି ଗାଡ଼ି ପାଇଁ ଟୋପାଏ ପେଟ୍ରୋଲ୍ କିଣିପାରୁନି, ସେତେବେଳେ ତା ମନରେ କ୍ଷୋଭ ଆସିବା ତ ସ୍ୱାଭାବିକ । କିନ୍ତୁ ଯଦି କଷ୍ଟ ସହିନପାରି ଆପଣ ପାଟି କରିବେ ବା ଦରଦାମ୍ ବାଧୁଛି ବୋଲି କହିବେ, ତେବେ ଭକ୍ତମାନେ ଦୌଡ଼ି ଆସିବେ । ସତେ ଯେମିତି ମହଙ୍ଗାଇର ଅନ୍ୟ ନାମ ମୋଦି ! ମହଙ୍ଗାଇ ବିଷୟରେ କହିବା ଅର୍ଥ ଆପଣ ମୋଦି ବିରୋଧୀ । ଆପଣ ଦେଶଦ୍ରୋହୀ । ତେଣୁ ମନର କ୍ଷୋଭ ବାହାର କରିବେ କ'ଣ ଆପଣଙ୍କୁ ଆପଣଙ୍କ ଭାଇଙ୍କ ସହିତ ଯୁକ୍ତି କରିବାକୁ ହେବ । ପ୍ରଥମ ଥର ପାଇଁ ଆମ ଦେଶରେ ଏପରି ପରିସ୍ଥିତି ଉପୁଜିଛି ।

ଏବେ ଜଣେ ଉତ୍ସାହୀ ଭକ୍ତ ଫେସ୍‌ବୁକ୍‌ରେ ଲେଖିଥିଲେ ଯେ, ଲୋକମାନେ ଧନତେରାସ୍‌ରେ ହଜାର ହଜାର କୋଟି ଟଙ୍କାର ସୁନା କିଣିଲେ, ପୁଣି ପେଟ୍ରୋଲ୍ ଡିଜେଲ୍ ଦର ଶହେ କୋଡ଼ିଏ ହେଲେ ବାଧୁଛି କାହିଁକି ? କି ଅଜବ ଯୁକ୍ତି ! କେଉଁ ପ୍ରକାର ମସ୍ତିସ୍କ ଧୂଳେଇ ହେଲେ ଜଣେ ଏପରି ଲେଖିପାରିବ ! ତାଙ୍କୁ କେମିତି ବୁଝାଯିବ ଯେ, ହଜାର ହଜାର କୋଟି ଟଙ୍କାର ସୁନା କିଣିଥିବା ଲୋକମାନଙ୍କର ସଂଖ୍ୟା ଆମ ଦେଶରେ ଅତି ବେଶିରେ ପାଂଚ ପ୍ରତିଶତ । ସେମାନଙ୍କୁ ତୈଳ ଦର ବାଧୁ ନଥାଇପାରେ କିନ୍ତୁ ୯୫ ପ୍ରତିଶତ ଲୋକଙ୍କୁ ଏହା ବାଧୁଛି । ଗୋଟିଏ ଗଣତାନ୍ତ୍ରିକ ଦେଶରେ ଏ ବିଷୟରେ ଆଲୋଚନା କରିବାର ଅଧିକାର ସମସ୍ତଙ୍କର ଅଛି । ଲୋକମାନେ ତାଙ୍କ ପୋଷ୍ଟର ଏପରି ଉତର ଦେବାରୁ ଉକ୍ତ ମହାଶୟା ଲେଖିଲେ ଯେ, ଶହେ କୋଟି ଲୋକ ଟୀକା ନେଲେ, ସରକାର କ'ଣ ତାଙ୍କ ଘରୁ ଟଙ୍କା ଆଣି ଦେଇଥାନ୍ତେ । ମୁଣ୍ଡ ତ ପୂର୍ବରୁ ଧୂଆଁ ହୋଇଯାଇଛି, ତେଣୁ ସେ ସଠିକ୍ କଥା କହିପାରନ୍ତେ ବା କେମିତି ! କେବଳ ଟୀକା ନୁହେଁ, ସରକାର ତ ସମସ୍ତ ପ୍ରକାର ଜନକଲ୍ୟାଣକାରୀ କାମ ପାଇଁ ଆମ ଠାରୁ ସକାଳୁ ସଂଜ ଯାଏ ପ୍ରତ୍ୟେକ କାମରେ କର ନେଉଛନ୍ତି । କୋଭିଡ୍ କାଳର ଏହି ଦୁଇ ବର୍ଷ ମଧ୍ୟରେ ନୂଆ ଡାକ୍ତରଖାନା ତ ସ୍ଥାପନା ହୋଇନାହିଁ । ସରକାର ସାଂସଦମାନଙ୍କ ହାତ ପାଂଠି ବନ୍ଦ କରିଦେଇଛନ୍ତି । ତଥାପି ଅଂଟିଲାନି ଯେ, ସରକାର ରାଷ୍ଟ୍ରାୟତ ସେବା ଓ ସ୍ୱାସ୍ଥ୍ୟ ଯଥା ରେଳ, ବିମାନ ଚଳାଚଳ, ଖଣି, ବିଜୁଳି, ବନ୍ଦର ଆଦି କ୍ଷେତ୍ରରେ ଥିବା ସରକାରୀ ଉଦ୍ୟୋଗ ଓ ସେବାକୁ ଘରୋଇ କଂପାନୀକୁ ବିକ୍ରି କରିଛନ୍ତି । ପୁଣି ଟଙ୍କା ପାଇଁ ସରକାର ପେଟ୍ରୋଲ୍ ଡିଜେଲ୍ ନାଁରେ ଲୋକଙ୍କ ଠାରୁ ରକ୍ତ ଶୋଷିବା ପରି କର ଆଦାୟ କରୁଛନ୍ତି । ଏଠି ଆଉ ଗୋଟିଏ କଥା ମଧ୍ୟ ବିଚାର କରାଯାଇପାରେ ଯେ, ଯଦି ଦରଦାମ୍ ବୃଦ୍ଧି କରି ଲୋକମାନଙ୍କୁ ଶୋଷଣ କରି ସେଇ ଟଙ୍କାରେ ଲୋକମାନଙ୍କୁ ଟୀକା ଦିଆଯାଇଛି, ତାହେଲେ ଟୀକାକରଣ କେବଳ ମୋଦି କରେଇଛନ୍ତି ବୋଲି ପ୍ରଚାର କରାଯାଉଛି କାହିଁକି ? ଯଦି ସରକାରଙ୍କର ଟଙ୍କା ଦରକାର, ତେବେ ବଡ଼ ବଡ଼ କର୍ପୋରେଟ୍ ମାନଙ୍କ ଉପରୁ କର ଛାଡ଼ ନକରି ତାଙ୍କ ଠାରୁ କର ଆଦାୟ କରୁନାହାନ୍ତି କାହିଁକି ? ମହଙ୍ଗାଇକୁ ନେଇ ଏବେ ଗୋଟିଏ ପ୍ରକାର ନୂଆ ଆଲୋଚନା ପ୍ରାୟୋଜିତ କରାଯାଉଛି । ବିଜେପି ନେତାମାନେ ଗଣମାଧ୍ୟମ ବୁଲି ବୁଲି କହୁଛନ୍ତି, ବିକାଶ ପାଇଁ ଦରଦାମ ବୃଦ୍ଧିର ଆବଶ୍ୟକତା ରହିଛି । ଆଶ୍ଚର୍ଯ୍ୟ କଥା ! ୨୦୧୪ ପୂର୍ବରୁ ବିଜେପି ନେତାମାନେ କ'ଣ ଏହା ବୁଝିନଥିଲେ ? ଉପା ସରକାର ସମୟରେ ସାମାନ୍ୟ ବି ଦରଦାମ୍ ବୃଦ୍ଧି ହେଲେ ସ୍ମୃତି ଈରାନୀଙ୍କ ଠୁ ଆରମ୍ଭ କରି ଅରୁଣ ଜେଟଲୀଙ୍କ ପର୍ଯ୍ୟନ୍ତ ବିଜେପି ନେତାମାନେ ରାଜରାସ୍ତାକୁ ଓହ୍ଲେଇ ଆସୁଥିବା ବେଳେ ଏବେ ଦରଦାମ୍ ବୃଦ୍ଧିଟା ଅବଶ୍ୟମ୍ଭାବୀ ହୋଇଗଲା କିପରି ? ଠିକ୍ ଅଛି, ମନେକରାଯାଉ ଯେ, ବିକାଶ ପାଇଁ ଦରଦାମ୍ ବୃଦ୍ଧି ଆବଶ୍ୟକ । ହେଲେ ଏହି ଦରଦାମ୍ ବୃଦ୍ଧିରେ ସାଧାରଣ ଗରିବ ଲୋକଟିଏ, କୋଭିଡ୍ ଜନିତ ଲକ୍ ଡାଉନ୍‌ର ମାଡ଼ରେ ଯାହାର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି, ସେ ବିଚରାଟି ବଂଚିବ କିପରି ? ତା ପିଲା ଛୁଆ ପାଠ ପଢ଼ିବେ କିପରି ? ସେହି ସାଧାରଣ ଲୋକମାନେ କ'ଣ ସରକାରଙ୍କ ତାଲିକାରେ ନାଗରିକ ନୁହଁନ୍ତି ? ଭାରତ ଇତିହାସରେ ସଂପ୍ରତି ମହଙ୍ଗାଇ ଶୀର୍ଷରେ ପହଂଚିଛି । ମହଙ୍ଗାଇର ଆଲୋଚନାକୁ ଯେପରି ଭାବେ ବିରୋଧ କରାଯାଉଛି, ମହଙ୍ଗାଇର ମାଡ଼ ଠାରୁ ଏହା ଆହୁରି ବିପଦଜନକ ।

# ହଜିଗଲାଣି ମଣିଷ ପଣିଆ

**ଇଂ. ବିଦ୍ୟାଧର ପଣ୍ଡା**

ଗପଟିକୁ ଅଳ୍ପ ବହୁତେ ସମସ୍ତେ ଜାଣିଥିବେ । ହେଲେ ଏମିତି ବହୁ ଘଟଣା ନିତିଦିନ ଆମ ସମାଜରେ ଘଟିଆସୁଛି, ଘଟୁଛି ଏବଂ ଆଉରି ଆଗକୁ ଅନେକ ସଂଖ୍ୟାରେ ଘଟିବାର ସମ୍ଭାବନା ମଧ ଅଛି । କିନ୍ତୁ ନିକଟ ଅତୀତରେ ଏଇ ଅଧମ ସ୍ତମ୍ଭକାର ସାମ୍ନାରେ ଏମିତି ଏକ ଦୁଃଖଦ ମର୍ମସ୍ପର୍ଶୀ ହୃଦୟବିଦାରକ ଘଟଣା ଘଟିଗଲା ଯାହାକୁ ପଢିଲେ ଜାଣିବେ କି ଆଜିକାଲି ମଣିଷ ତ ପୃଥିବୀରେ ସାତଶହ କୋଟି ପାଖାପାଖି ଅଛନ୍ତି ହେଲେ ଆଉ କାହାପାଖରେ ବୋଧହୁଏ ମଣିଷ ପଣିଆ ବୋଲି କିଛି ନାହିଁ । ଯେଉଁମାନଙ୍କୁ ଆମେ ଅମୃତର ସନ୍ତାନ ବୋଲି ଭାବୁଥିଲେ ସେମାନେ ବି ଆଜି କିଛି କୁଚକ୍ରୀ ଲୋକଙ୍କର ବିଷବଳୟ ପ୍ରରୋଚନା ଭିତରକୁ ପଶି ରାକ୍ଷସ ହେବାକୁ ବସିଲେଣି । ଅମାନୁଷିକ ଅତ୍ୟାଚର କରିବାକୁ ତିଳେହେଲେ ତା'ଙ୍କ ମନରେ ଦୟାଧର୍ମର ଭାବ ଦେଖିବାକୁ ମିଳୁନାହିଁ । ମୁଁ କେବଳ ଏକ ନିଛକ ସତ୍ୟ ଘଟଣାଟିକୁ ଏଠି ମୋର ବିଦଗ୍ଧ ପାଠକମାନଙ୍କୁ ପରୋକ୍ଷି ସମୀକ୍ଷା କରିବାକୁ ଛୋଟିଆ ଅନୁରୋଧଟିଏ ରଖିବି ।

ରାଜସ୍ଥାନର ନିପଟ ମଫସଲ ଗାଁର ଜୟ ଭଗବାନ ଜଣେ ଗରିବ ବୁଢାଲୋକ । ବୟସ ସତୁରି ହେଲେ କ'ଣ ହେବ ଏବେ ବଡଝିଅ ଚଉଦ ବର୍ଷରେ ଗୃହଯୋଗ୍ୟା ହେଲା । ଝିଅଟିକୁ ବାହାଦେବାକୁ ହେଲେ ଲକ୍ଷଟଙ୍କା ଦରକାର । କୋଉଠୁ ଆଣିବ ! ବଡଝିଅ ପଛକୁପଛ ଆଉ ଦୁଇଟା ବି ଗୌରୀ ଓ ରୋହିଣୀ ଅବସ୍ଥାରେ ବଢୁଛନ୍ତି । ଅଳ୍ପଦିନ ପରେ କନ୍ୟା ହେଲେ ତା'ଙ୍କ ପାଇଁ ବି ବିବାହ ଖର୍ଚ୍ଚ ଏହି ବୁଢାବାପକୁ ହିଁ ଉଠାଇବାକୁ ହେବ । ଜଣଙ୍କ ପାଇଁ ଘରଡିହ ବିକିବାକି ହାତକୁ ଦି'ହାତ କରିଦେଲେ ସମସ୍ୟାର ସମାଧାନ ହେବନି । ଏବେ ମନକୁମନ ଭାବୁଛି କାହିଁକି ବୁଢାଦିନେ ସିଏ ବାହା ହେଲା ? ବାହା ହେବାରୁ ସିନା ଏପରି ଜଞ୍ଜାଳରେ ଦହଗଞ୍ଜ ହେଉଛି ! ଜୟ ଭଗବାନର ମା' ଛୁଆବେଳେ ମରିଗଲା ବୋଲି ତା'ର ବାଲ୍ୟବିବାହ ହୋଇ ପାରଲାନି । ରାଜସ୍ଥାନର ସେହି ଅଁଚଳରେ ଯଦି ବାଲ୍ୟବିବାହ ନକରି କିଏ ପୁଅ ବା ଝିଅ ରହିଗଲେ, ଅର୍ଥାତ୍ ବାରବର୍ଷ ଡେଇଁଗଲା ତେବେ ଆଉ ବାଡୁଅପାଣି ଗାଧୋଇବା ସଂଯୋଗ ପ୍ରାୟ ଭବିଷ୍ୟତ ଜୀବନରେ ଜୁଟେନି । ଜୟ ଭଗବାନର ନାଁ ଭଲ ସିନା କିନ୍ତୁ କପାଳରେ ଖାଲି ପରାଜୟର କାହାଣୀ ସହ ଘାତଚନ୍ଦ୍ର ଯୋଗ ଲେଖା ଅଛି । କେଉଁ ଜନ୍ମର 'ଳ କେଜାଣି, ତା'କୁ ଭୋଗିବାକୁ ତ ପଡିବ ।

ତା'କୁ ଯେତେବେଳେ ଏକାବନ ବର୍ଷ ସେତେବେଳେ ଅଠର ବର୍ଷିୟ ଯୁବତୀ ଜଣେ ତା'ଙ୍କ ଗାଁରେ ବିଧବା ହେଲା । ସେହି ଯୁବତୀକୁ ତା'ର ସ୍ୱାମୀନିଆଁରେ ପୋଡି ମାରି ସତି କରିବାକୁ ଗାଁ ଲୋକ ଜବରଦସ୍ତି ନେଇ ଯାଉଥିବାବେଳେ ଜୟ ଭଗବାନ ସମସ୍ତଙ୍କ ଗୋଡତଳେ ପଡି ନେହୁରା ହୋଇ କହିଲା, "ଆପଣଙ୍କ ଆଜ୍ଞା ହେଲେ ମୁଁ ଏହି ବିଧବାକନ୍ୟାକୁ ବିବାହ କରିବି । ମୁଁ ଏବେ ଏକାଏକା ରହିପାରୁନି । ଭାବୁଛି ଆତ୍ମହତ୍ୟା କରିଦେବି । ଆପଣ ଯଦି ଏହି ସତିକନ୍ୟାକୁ ତା'ସ୍ୱାମୀ ଜୁଇରେ ନଜଳେଇ ମୋ'ସହିତ ବିବାହର ଆଜ୍ଞା ଦେଇ ଦୟା କରନ୍ତେ ତେବେ ମୁଁ ଆପଣମାନଙ୍କ ନିକଟରେ ଚିର କୃତଜ୍ଞ ରୁହନ୍ତି ।" ଜୟ ଭଗବାନର କଥାରେ ପଂଚପରମେଶ୍ୱରଙ୍କ ହୃଦୟ ତରଳିଗଲା । ସମସ୍ତେ ରାଜି ହୋଇ ସେ କନ୍ୟାକୁ ଜୟ ଭଗବାନ ହାତରେ ଛାଡିଦେଲେ । ଦୁଇ ତିନି ବର୍ଷରେ ପିଲାପିଚିକା ନହେବାରୁ ବୈଦ୍ୟକୁ ଦେଖେଇଲେ । ବୈଦ୍ୟ ଦେଖି କହିଲା ଦୁହିଁଙ୍କର କିଛି ଖୁଣ ନାହିଁ । କେବଳ ଚପଗ୍ରସ୍ତ ମନକୁ ହାଲୁକା କରି ଦୁହେଁ ମିଶିଲେ ଗର୍ଭ ରହିବାରେ କୌଣସି ଅସୁବିଧା ନାହିଁ । ତେବେ ଏସବୁ ପ୍ରୟୋଗରେ ଆଣିବାକୁ ଜୟ ଭଗବାନକୁ କିଛି ସମୟ ଲାଗିଲା । ଯେତେବେଳେ ତାକୁ ଛପନ ବର୍ଷ ସେତେବେଳେ ତାର ପ୍ରଥମ କନ୍ୟାରତ୍ନଟିଏ ଜନ୍ମ ନେଲା । ତା'ପରେ ପୁତ୍ରପ୍ରାପ୍ତିର ଲାଳସାରେ ଦୁଇଟି ସନ୍ତାନ ହେଲା ସିନା କିନ୍ତୁ ଦୁଇଟି ଯାକ ସେହି କନ୍ୟା, ପୁଅ ବୋଧେ ତା'ଭାଗ୍ୟରେ ନାହିଁ । ଏବେ ବଡଝିଅକୁ ଚଉଦ ବର୍ଷ । ତା'କୁ ଚରି ବର୍ଷବେଳେ ଥାଳିରେ ବସେଇ ଜଣଙ୍କ ହାତକୁ ଟେକିଦେଇଥିଲା । ଝିଅ ଗୃହଯୋଗ୍ୟା ହେବା ଶୁଣି ସିଏ ତା'ର ଯୁବା ପୁଅପାଖକୁ ନେଇଯିବାକୁ ତନାଘନା କଲାଣି । ହେଲେ କରୋନାକାଳରେ ଛ'ମାସ ଜୟ ଭଗବାନ ଘରେ ବସିଗଲା । ଯାହା ଥିଲା ସବୁ ପାଂଚପ୍ରାଣୀ କୁଟୁମ୍ବଙ୍କ ଦ୍ୱାରା ଚଳୁ ହୋଇଗଲା । ଏବେ ବହୁତ ଜାଗା ଯାଇ ଚକିରି ପାଇଁ ନେହୁରା ହେବା ପରେ ଗୋଟିଏ ରାସ୍ତାକାମ କରୁଥିବା ଠିକାଦାର ଚକିରି ଦେବାକୁ ରାଜି ହେଲା । ହେଲେ ଚକିରି ପାଇଁ ତା'କୁ ଓଡିଶାର ମୟୁରଭଞ୍ଜ ଜିଲ୍ଲାର ବୁଢାମରାକୁ ଯିବାକୁ ହେବ । ମାସିକ ଦଶହଜାର ଟଙ୍କା ଖାଇପିଇ ଦରମା ହିସାବରେ ମିଳିବ । ଘରେ ରହିବେ ପତ୍ନୀ ସହିତ ତିନିଝିଅ । ପତ୍ନୀ ଗାଁ ସ୍ତ୍ରୀଲୋକମାନଙ୍କ ସାଙ୍ଗରେ ଅନ୍ୟର ମୂଲପାତି ଲାଗିବାକୁ ଯାଇ କିଛି ଆଣେ । ପାଖରେ ଶଳା ମାନେ ଅଛନ୍ତି । ସେମାନଙ୍କୁ କୁହାକହି କରି ବୁଢା କର୍ମକ୍ଷେତ୍ରକୁ ଚଳିଆସିଲା ।

ନୂଆକରି ଠିକାଦାର କ୍ୟାମ୍ପ ଗଢୁଥିବା ସ୍ଥାନୀୟ ମିସ୍ତ୍ରୀ ଓ ସହାୟକମାନଙ୍କୁ ତଦାରଖ କରିବା କାମ ଜୟ ଭଗବାନ ହାତରେ ନ୍ୟସ୍ତ କଲା । ବୁଢାର ଉଚ୍ଚତା ଛଅଫୁଟ । ଠାକରା ଗାଲ, ଆଖିଦୁଇଟା କୋରଡରେ ପଶି ଯାଇଛି । ନରକଙ୍କାଳ ଚେହେରାରେ ରାଜସ୍ଥାନର ଚୁଡିଦାରପଞ୍ଜାବୀ ପିନ୍ଧିଲେ ଲାଗେ ଯେମିତି ପୋଷାକ ଗୋଟିଏ ଆଲେଣାର ହ୍ୟାଙ୍ଗରରେ ଟଙ୍ଗା ଯାଇଛି । ମାସେ ପରେ ଠିକାଦାର ଏକ ଶୁଭ ମୁହୂର୍ତ୍ତରେ ସ୍ଥାନୀୟ ସାସଂଦ ବିଶୁବାବୁଙ୍କ ହାତରେ ନଡିଆ ଭାଙ୍ଗି କାମ ଆରମ୍ଭ କଲା । ସେଠିକି ସମସ୍ତ ସ୍ଥାନୀୟ ସାମ୍ବାଦିକମାନଙ୍କୁ ଡକାଗଲା । ସାଂସଦ ପଦ୍ମଫୁଲିଆକୁ ବିଧାୟକ ଶଙ୍ଖୁଆ । ରାଜନୀତି ମହଲ ସରଗରମ ହେଲା । ଶୁଭଦେବା ଜାଗାରେ ପୂଜାପରେ ତମ୍ବୁତଳେ ଛୋଟିଆ ସଭାକରି ଜନସାଧାରଣଙ୍କୁ ବିଶୁବାବୁ ଜଣେଇଲେ ଯେ ଏ'କାମ ପାଇଁ ସିଏ କେତେ କଷ୍ଟ ସହିଛନ୍ତି । କରୋନାକୁ ଭୟ ନକରି ଉଡାଜାହାଜରେ ବସି ଦିଲ୍ଲୀ ଯାଇଛନ୍ତି । ସେଠାରେ ପରିବହନ ମନ୍ତ୍ରୀଙ୍କ ସାକ୍ଷାତ ପାଇଁ ତିନିରାତି ପାଂଚତାରକା ହୋଟେଲରେ ଶୋଇଶୋଇ ବହୁକଷ୍ଟରେ ଅପେକ୍ଷା କରିଛନ୍ତି । ପରିଶେଷରେ ଆଜି ଏ ଗଳାପୋଲ ଦୁଇଟା ଜନତାଙ୍କ ସୁବିଧାପାଇଁ ହେବାକୁ ଯାଇ ସ୍ଥାନୀୟ ଲୋକଙ୍କ ସ୍ୱପ୍ନ ପୁରା ହୋଇପାରିଛି । ତେବେ ସାଂସଦ ଧନ୍ୟବାଦର ପାତ୍ର । ଏସବୁ ଖବରକାଗଜରୁ ପଢି ବିଧାୟକ ଦାମବାବୁଙ୍କ ମଗଜ ଗରମହେଲା । ସହଜେ ପଦ୍ମଫୁଲିଆଙ୍କ ଛାଇ ପଡିଲେ ଶଙ୍ଖୁଆଙ୍କର ନାହିଡିଏଁ । ସହିବ କେମିତି । ଦଳିୟକର୍ମୀଙ୍କୁ ଡାକି ନାଲିଆଖି ଦେଖେଇଲେ । ଶ.. ବାଘ ଘରେ ମିରିଗ ନାଟ । ସିଏ କିଏ ବେ । ଏଠି ମୁଁ ରାଜା । ଏଇଟା ମୋ ଏରିଆ, ମାନେ ମୋତେ ନଜଣେଇ ସେ ଶ. ନଡିଆ ଫଟେଇ ପାଣି ବାହାରକରିବ । ସେ ଠିକାଦାର କଥା ତୁରନ୍ତ ବୁଝ । କିଛିଦିନ ପରେ ସେହି ସାମ୍ବାଦିକମାନଙ୍କ ଭିତରୁ ଜଣେଜଣେ ଠିକାଦାର ପାଖକୁ ଆସି ହପ୍ତା ବିଷୟରେ କଥାହେଲେ । ଠିକାଦାର ବହୁତ କମ୍ ପଇସାରେ ବଡକାମଟିଏ ପ୍ରଥମଥର ପାଇଁ ନେଇ ଯାଇଛି । ତା'ଉପରକୁ ତା'ପାଖ ପ୍ରତିଯୋଗୀଠାରୁ ଦଶକୋଟି ଟଙ୍କା କମ୍‌ରେ ଏଗ୍ରୀମେଂଟ ଦସ୍ତଖତ କରିଦେଇଛି ଯେତେବେଳେ ମୁଣ୍ଡ ଘାଉଁରୋଉଛି କାମ କେମିତି ସାରିବ ! ଏବେ ସମସ୍ତେ ଏଠି ଉଚ୍ଚା ହପ୍ତା ଆଶାରେ ଅଥୟ କଲେଣି । ଅନ୍ୟମାନଙ୍କ କଥା ଛାଡ, କିନ୍ତୁ ସ୍ଥାନୀୟ ପୋଲିସ ଥାନା, ତହସିଲ୍ ଏବଂ ସାମ୍ବାଦିକମାନଙ୍କ ସହ ନେତାମାନଙ୍କ ଖେଳେଇରେ କିଛିକିଛି ନପକେଇଲେ କାମ ଉଠେଇବା କଣ ସହଜ ? ଏପରି ଚିନ୍ତାରେ ଠିକାଦାର ଥିବା ବେଳେ ପାଖ ଗାଁଲୋକମାନେ କ୍ୟାମ୍ପରୁ ଚୋରିଚପଟ ଆରମ୍ଭ କଲେ ।

କ୍ୟାମ୍ପ ଚରିପଟେ କିଛି ଟୁକୁରା ଲୁହାଛଡକୁ ତିନୋଟି ଲଙ୍ଗଳାଛୁଆ ସନ୍ଧ୍ୟାରେ ଗୋଟାଉଥିବା ଦେଖି ଜୟ ଭଗବାନ ମେସ୍‌ଘରୁ ଦଉଡି ସେମାନଙ୍କୁ ଘଉଡେଇଦେଲା । ସକାଳେ ସେମାନେ ପାଖକେନାଲ ପାଣିରେ ଗାଧୋଇଲା ବେଳେ ଜୟ ଭଗବାନ ସେପଟେ ଚଲଚଲ ହୋଇ ଗଲାବେଳେ ପିଲାମାନେ ଆପେଆପେ ପାଣିରୁ ବାହାରି ଗାଁ ଆଡକୁ ଦୌଡିଲେ ଏବଂ ସେ ବୁଢା ତା'ଙ୍କୁ ଗୋଡାଉଛି ବୋଲି ସେମାନେ ଯାଇ ତା'ଙ୍କ ଘରେ ମା ବାପାଙ୍କୁ କହିଲେ । ସେଠାକାର ଜନୈକ ସାମ୍ବାଦିକ ହୋତା ଠିକାଦାରପାଖରୁ କିଛି ନିଜିକାମ ପାଇଁ ଯାଇ ନିରାଶ ହୋଇ ଫେରିଥିଲା । ତା'କୁ ସୁବର୍ଣ୍ଣ ସୁଯୋଗଟିଏ ମିଳିଗଲା ଠିକାଦାର ଉପରେ ପ୍ରତିଶୋଧ ନେବାପାଇଁ । କାହାମୁଣ୍ଡରେ ଏମିତି ଏକ ଉପାୟ ଜୁଟିଲା କେଜାଣି ! ଏହି ସାମାନ୍ୟ ଘଟଣାକୁ ରୂପ ଦିଆଗଲା ଯେ ସେ ଜୟ ଭଗବାନ ବୁଢା ସେହି ଲଙ୍ଗଳା ଗାଁଛୁଆମାନଙ୍କୁ ବଳିଦେବା ଉଦ୍ଦେଶ୍ୟରେ ଧରିବାପାଇଁ ଗୋଡାଉଛି । ଏ'କଥା ଶୁଣି ଗାଁଲୋକ ବାଉଁଶ ଠେଙ୍ଗା ଧରି ଶହେଦେଢଶ ସଂଖ୍ୟାରେ କ୍ୟାମ୍ପର ସମସ୍ତ ହିନ୍ଦୀଭାଷି ଅନ୍ତେବାସୀମାନଙ୍କ ଉପରେ ଆକ୍ରମଣ କରିଦେଲେ । ସମସ୍ତ ଅଧିକାରୀଙ୍କୁ ଅନ୍ଧାଧୁନ ପିଟିବାକୁ ଲାଗିଲେ ଏବଂ ଜୟ ଭଗବାନକୁ ନିର୍ଦ୍ଦୟ ଭାବରେ ବହୁତ ପିଟିପିଟି ଧାରାସାୟୀ କରିଦେଲେ । ତା'ର ବିକଳ ଆର୍ତ୍ତ ଚିତ୍କାର କାହାର କାନ ଭିତରେ ପଶୁନଥାଏ । ପୋଲିସଦଳ ଆସି ସେ ସମସ୍ତ ମାଡଖିଆ ଲୋକମାନଙ୍କୁ ସେଠାରୁ ଥାନାକୁ ନେଇ ତଦନ୍ତରୁ ଜାଣିଲେ ଯେ ଜୟ ଭଗବାନ ବଳିପାଇଁ ଛୁଆମାନଙ୍କୁ ଗୋଡାଉଥିଲା । ସମସ୍ତ ଖବରକାଗଜରେ ସକାଳେ କଥାଟି ଛପାହେଲା ଏବଂ ଓଟିଭିରେ ମଧ ଏହି ଘଟଣାଟିକୁ ସୁନ୍ଦରଭାବରେ ପ୍ରସାରଣ କରାଗଲା । ଏଠି ତିନିତୁଣ୍ଡ ନୁହେଁ ଛଅତୁଣ୍ଡରେ ଜୟ ଭଗବାନ ଦୋଷୀ ସାବ୍ୟସ୍ତ ହୋଇ କାରାଗାର ଭିତରେ ପଶିଲା । ଠିକାଦାରଠାରୁ ନିରାଶ ହୋଇ ସାମ୍ବାଦିକମାନେ ନାରାଜ, ପୋଲିସ ନାରାଜ ଏବଂ ଗଣ୍ୟମାନ୍ୟ ନେତୃତୁଲ୍ୟ ବ୍ୟକ୍ତିବିଶେଷ ବି ଚନ୍ଦାଭେଦାରୁ ବଂଚିତ ଥିବାରୁ ମିଛ ଘଟଣାଟିକୁ ସତ ଘଟଣାରେ ରୂପାନ୍ତରିତ କରି ନିଜର ପେଟପାଟଣା ଉଦ୍ଦେଶ୍ୟରେ ପଶ୍ଚିମଭାରତରୁ ପୂର୍ବଭାରତକୁ ନିଜେ ବଂଚି ପରିବାର ବଂଚଇବା ପାଇଁ ଆସି ବିଚରା ଗୁଡାଏ ମାଡଖାଇଲା । ଠିକାଦାର ଭାବୁଛି ଯାହାହେଉ ଏତେ ମାଡଖାଇ ବି ଜୟ ଭଗବାନ ବଂଚିଗଲା । ଯଦି ମରିଯାଇଥାନ୍ତା ତେବେ ତା'ଝିଅକୁ କିଏ ବାହା ଦେଇଥାନ୍ତା ? ତା'ପରିବାରକୁ ଭରଣପୋଷଣ କରିବାପାଇଁ କିଏ ଆଗକୁ ଆସିଥାନ୍ତା । ବିଚରା ସ୍ତ୍ରୀ ସହ ତିନିଟା ମାଇପିଲା ଭାସି ଯାଇଥାନ୍ତେ । ଭଗବାନ ହିଁ ବଡଲୋକ, ବଂଚେଇ ଦେଲା ।

ପିଲାକୁ ବଳି ଦେବାରେ ଥିଲେ କ'ଣ ଜଣେ ଦିବାଲୋକରେ ରାଜରାସ୍ତାରେ ଗୋଡାଇବ ! ଜଣେ ସତୁରି ବର୍ଷୀୟ ବୁଢା ଏକାକାଳୀନ ଏକ ନୁହେଁ ଦୁଇ ନୁହେଁ ଚରିଜଣକୁ ବଳି ଦେବାପାଇଁ ଗୋଟେଇ ଗୋଟେଇ ଧରିବାର ପ୍ରଚେଷ୍ଟା କରିବ ! ଧନ୍ୟ ଆମ ସମାଜ, ଧନ୍ୟ ସେସବୁ ଅଧିକାରୀଙ୍କ ତଦନ୍ତ । ପାଠକମାନଙ୍କ ଭିତରୁ କେହି କହିପାରନ୍ତି ଯେ ସ୍ତମ୍ଭକାରର ବୁଦ୍ଧିଶୁଦ୍ଧି କ'ଣ ସେଠାକାର ଭାରପ୍ରାପ୍ତ ପୋଲିସ ଅଫିସରଙ୍କ ଠାରୁ ବେଶୀ । ତାପରେ ଆମ ଗଣତନ୍ତ୍ର ଶାସନରେ ସାମ୍ବାଦିକମାନେ ଚତୁର୍ଥ ସ୍ତମ୍ଭ, ସେମାନେ ସବୁ ଜାଣିବା ନର । ନାରଦମୁନିଙ୍କର ପ୍ରତିନିଧି ମିଛ କାହିଁକି ଲେଖିବେ ? କିନ୍ତୁ ଏହି ଘଟଣାଟି ନିଛକ ମିଛ । ସେ ବୁଢା ସମ୍ପୂର୍ଣ୍ଣ ନିର୍ଦ୍ଦୋଷ । ତେବେ ଯାହା ତ ହେବା କଥା ହେଲାଣି । ଠିକାଦାର ବୁଦ୍ଧି ଶିଖିଲା, ଏବେ ଦୁଆର ଦୁଆର ବୋଲି ସମାଧାନର ରାସ୍ତା ଖୋଜୁଛି । ହପ୍ତା ଆରମ୍ଭ ବିନା କାମ ଆରମ୍ଭ କରିବା ସତରେ ବହୁତ ବଡ ଅପରାଧ । ତେବେ ଉତର ଓଡିଶାର ମୟୁରଭଞ୍ଜ ଜିଲ୍ଲାର ବୁଢାମରା ଗାଁ ନିଜର ନାମକୁ ଆଉଥରେ ସାର୍ଥକ କରିବାକୁ ଯାଇଁ ସେଦିନ ଗୋଟିଏ ନିର୍ଦ୍ଦୋଷ ବୁଢାକୁ ସେହି ପବିତ୍ରମାଟିରେ ମାରୁମାରୁ ଜୀବନରେ ମାରି ଦେଇଥାନ୍ତା । କିନ୍ତୁ ନିୟତିର ନିର୍ଦ୍ଦେଶ ଭିନ୍ନ, ମିଛ ଘଟଣାର ଶିକାର ହୋଇ ବିଚରା ଗରିବ ବୁଢାଟିଏ ଦିନେ କାରାଗାରର ଚରିକାନ୍ଥ ଭିତରେ ରହିଲା ପରେ ଅନେକ ଏବେ କହିଲେଣି ଘଟଣାଟି ମିଛ ବୋଲି । କିଏ ଜଣେ ସାହାଯ୍ୟ କରିବାରୁ ଦିନକ ପରେ କାରାଗାରରୁ ମୁକ୍ତି ମିଳିଲା । ହେଲେ ଏବେ ଭାବୁଛି ଆଉ ଏଠି କାମ କରିବନି, ପରିବାର ଭାସିଗଲେ ଭାସି ଯାଆନ୍ତୁ ପଛେ ସିଏ କାମ ଛାଡି ଘରକୁ ଫେରିଯିବ ।

# ଏସବୁ କଣ ଅକୁହା କଥା ନୁହଁ ?

**ଉତ୍କଳାନନ୍ଦ ଅଜୟ ବେହେରା**

ଆନନ୍ଦପୂର୍ଣ୍ଣ, ସ୍ନେହପୂର୍ଣ୍ଣ, ପ୍ରେମପୂର୍ଣ୍ଣ, ମମତାପୂର୍ଣ୍ଣ, କଥାକୁ ସମସ୍ତେ ଭଲ ପାଆନ୍ତି । ମାତ୍ର କଟୁକଥା ବା କ୍ରୋଧାନ୍ୱିତ ବଚନ, କେହି ଭଲପାଆନ୍ତି ନାହିଁ । ଆଳପୂର୍ଣ୍ଣ କଥା ଅଛି । ପ୍ରସଙ୍ଗ ଭିନ୍ନରେ କଥା କହି ନିଜର ଉଦ୍ଦେଶ୍ୟ ସିଦ୍ଧି ପାଇଁ ପୁଣି କଟୁଆଳୀ ଭାଷା ପ୍ରୟୋଗ କରାଯାଏ । ପରର ଭୁଲ ଦର୍ଶାଇ, ନିଜର ଭୁଲ ଲୁଚାଇ ବ୍ୟକ୍ତି ମାମଲା, କରନ୍ତି ଫେରାଦ ହୁଅନ୍ତି । ମାମଲା ବୁଝିବା ବିଚାରପତି ବା ପୋଲିସ ବାଦୀ ପ୍ରତିବାଦୀଙ୍କୁ ଜେରା କରି ଅସଲ କଥା ବାହାର କରି ପ୍ରକୃତ ଅପରାଧିକୁ ଦୋଷୀ ସାବ୍ୟସ୍ତ କରାନ୍ତି । ଏଥିପାଇଁ ବିଚାରକୁ ପୁରା କରି କଥାଠାର ଆଳ ସୃଷ୍ଟି କରନ୍ତି । ଯୁବକ, ଯୁବତୀ ଉଦ୍ଦେଶ୍ୟ ପୂରଣ ପାଇଁ ପ୍ରେମର ଜାଲ ବସାନ୍ତି, ଏକ ମାୟା ଛଳନାର କଥା ପ୍ରସଙ୍ଗର ଦ୍ୱାହିରେ ମୁଦିର କାମ, ମୁଦି ବା ସିଲ କରିବା । କନ୍ୟାକୁ ବୋହୁ କରିନେବା ପାଇଁ ବରପକ୍ଷର ଲୋକ ଆଙ୍ଗୁରୀୟ ଉତ୍ସବ କରୁଛନ୍ତି । ବିବାହ ହେଲାବେଳେ କନ୍ୟାକୁ ବରଘର ଓ ବରକୁ କନ୍ୟାଘର ଏକ ସୁନା ଚେନ ବା ହାରରେ ବାନ୍ଧି ଦିଅନ୍ତି । ସେହି ଚେନରୁ ଏକ ଅଦୃଶ୍ୟ ରସି କନ୍ୟାର ବରଘରେ ଓ ବରର କନ୍ୟାଘରେ ରହିଥାଏ । ସ୍ନେହ ମମତା ବନ୍ଧନର ଏ ଚେନ ବାହାରର ପଘା ତାଙ୍କର ଅକ୍ତିଆର କରିଥାଏ । ଜୁଲମ କରି ବର, କନ୍ୟାକୁ ନନେଇ ଏମିତି ପରିବେଶ ସୃଷ୍ଟି କରାଯାଉଛି ଯହିଁରେ ବିବାହ ଅନୁଷ୍ଠାନ ପରେ କନ୍ୟାର ମେଲାଣି ଶୋକାକୁଳ ପରିବେଶରେ ରହିଥାଏ । ଏ ସମୟରେ କନ୍ୟା ତରଫ କନ୍ୟାର ଭାଇ ପରି ଯୁବକ ବରର ସବାରୀ ବା ଯାନରେ କନ୍ୟାକୁ ଭିଡ଼ିନେଇ ବସାଇ ବର ସହିତ ବରଘରକୁ ପଠାଉଛନ୍ତି । ପୂର୍ବେ କନ୍ୟାକୁ ହାତଧରି ଝିଙ୍କି ନେବା ପଦ୍ଧତିରେ କ୍ଷତ୍ରୀୟ ଦସ୍ୟୁଗିରି ବିବାହ ଥିଲା । ଦ୍ୱାରିକାଧିପତିକୃଷ୍ଣ ରୁକ୍ମଣୀଙ୍କୁ, ଅର୍ଜୁନ ସୁଭଦ୍ରାଙ୍କୁ ଏପରି ବିବାହ କରିଥିଲେ । ବିବାହ ନକରି ବି କନ୍ୟାଙ୍କୁ ଭୋଗ୍ୟା ରୂପେ ଅନେକ ରାଜା ବାଦଶା, ସୁଲତାନ ଯୁଦ୍ଧ ଅସ୍ତ୍ର ଭୟରେ ଚଲାଇ ଭିଡ଼ିନେଇଛନ୍ତି । ସୀତାଙ୍କୁ ରାବଣ ଏମିତି ଉଠାଇ ନେଇ ଆକାଶମାର୍ଗରେ ସ୍ଥାନାନ୍ତର କରିଥିଲେ ମାତ୍ର ଉଦ୍ଦେଶ୍ୟ ଭିନ୍ନ ଥିବାରୁ ସୀତାଙ୍କୁ ପରେ ସ୍ପର୍ଶ କରିନଥିଲେ । ଶରୀର ଭାଷାକୁ ସମସ୍ତେ ଚିହ୍ନନ୍ତୁ ଏକ ସୂଚନା ରଖିଛନ୍ତି ରାବଣ ଏମିତି ଶରୀରର ଇଙ୍ଗିତ ଭାଷା ଏକ କଥା ।

ଦ୍ରୌପଦୀ, ସାବିତ୍ରୀ, ପାର୍ବତୀ ଏମାନେ ରାଜକୁମାରୀ ନିଶ୍ଚେ ଅଲ୍ୟଳରେ ବଢ଼ିଛନ୍ତି । ଏମାନେ ବିବାହ ପାଇଁ ଯାହାଙ୍କୁ ବାଛିଛନ୍ତି ବା ପରିସ୍ଥିତିରେ ଯେତେବେଳେ ଅର୍ପିତ ହେବାକୁ ବାଧ୍ୟ ହୋଇଛନ୍ତି, ସେତେବେଳେ ଯାହାଙ୍କୁ ବିବାହିତ ସେମାନେ କେବେ ଧନୀ ରାଜପୁରୁଷ ନଥିଲେ । ଦ୍ରୌପଦୀ ପାଂଚ ଜଣଙ୍କୁ ବିବାହ କଲେ । ସାବିତ୍ରୀ ସତ୍ୟବାନଙ୍କୁ ନିଜେ ବାଛି ତାଙ୍କର କଣ ସଦ୍‌ଗୁଣ ଦେଖି ପିତାଙ୍କୁ ପ୍ରଭାବିତ କରି ବିବାହ କରିଥିଲେ ତାହାର ଇଙ୍ଗିତକୁ ଭଲ ଭାବରେ କେହି ନବୁଝି । ଯେଉଁ ସାବିତ୍ରୀ ବ୍ରତରେ ସ୍ୱାମୀଙ୍କୁ ଶାଢ଼ୀ ଗହଣା ଭୋଜନ ପାଇଁ ଫଳମୂଳ ବରାଦ କରୁଛନ୍ତି ଏହା ଏକ ଭୁଲ ଚିନ୍ତା । ଶିବଙ୍କ ଧୈର୍ଯ୍ୟବାନ ସ୍ଥିତିରେ ଶରୀରକୁ ଇନ୍ଦ୍ରିୟ ମାନଙ୍କୁ ପ୍ରବଳ କଷ୍ଟ ଦେଇ ଯେଉଁ ସାଧନା କରିବା ପାର୍ବତୀ ଦେଖିଥିଲେ ସେହି ପରମାବିଦୁଷୀ ତାଙ୍କୁ ଜଣେ ଅନ୍ୟାନ୍ୟ ବ୍ୟକ୍ତି ଓ ମହାନ ବୁଝି ବିବାହକୁ ମାନସ କରିଥିଲେ । ଜଣେ ଅଲ୍ୟାଳି ରାଜକୁମାରୀ ବାଛିଲେ ଜାତି, ଗୋତ୍ର, କୁଳଶୀଳ, ଘରଗ୍ରାମ, କିଛି ଖୋଜ କରିନାହାଁନ୍ତି । ବିବାହରେ ଜାତିଗୋତ୍ର କୁଳଶୀଳ ବରର ଆୟ ସବୁ ପିତାମାତା ହିଁ ପ୍ରଥମେ ଖୋଜନ୍ତି । ଏଥିରେ ବି ଭାଷା ସମ୍ବନ୍ଧ ଏହି ତିନି ରାଜକୁମାରୀଙ୍କ ଅଛି । ନୀରବ ଦେବ ନିବେଦନ ସିଦ୍ଧିପାଇଁ ଅବଶ୍ୟ ରହିଛି । ଏବେ 'ଘଟକ' ବା ବିବାହ ମଧ୍ୟସ୍ଥି କାର୍ଯ୍ୟ ଏକ ବିଶେଷ ବୃତି ହେଲାଣି । ଏଥିରେ କନ୍ୟାଙ୍କୁ ବର ଓ ବରକୁ କନ୍ୟା ଯୋଗାଇବା ଧନ୍ଦା ଜଡ଼ିତ । ପୂର୍ବେ କନ୍ୟା ବିବାହ ପାଇଁ ବନ୍ଧୁ ବାନ୍ଧବ ସମ୍ପର୍କ ଲତାକିତାରେ ଖୋଜାଯାଇ କରାଯାଉଥିଲା । ଝିଅଙ୍କ ଖବର ଭଲମନ୍ଦ ସହଜରେ ଜାଣିବା ପାଇଁ ଏକ ସୂକ୍ଷ୍ମ ବ୍ୟବସ୍ଥା ଏଥିରେ ଜଡ଼ିତ ଥିଲା । ଏବେ ଦେଲୁ ନାରୀ ହେଲୁ ପାରି, ଏଇ ଭାବ ସହିତ ଦେଶାନ୍ତରୀ ଦରିଆପାରି ବର ସହିତ କନ୍ୟାକୁ ବିବାହ ସମ୍ପର୍କ ଯୋଡ଼ି ବିଦାୟ କରାଯାଉଛି । ରୋଜଗାରୀ ବରପାତ୍ରକୁ ସମସ୍ତେ ଖୋଜୁଛନ୍ତି, ମାଲଦାର ବରପିତା, ଓ ବିଦୁଷୀ, ଅର୍ଥ ଆୟକାରିଣୀ ଖୋଜା ପଡୁଛି । ଏଥିରେ ବର ଦୁର୍ଗୁଣ କନ୍ୟାର ଦୁର୍ଗୁଣକୁ ଯାହା ପରେ ପ୍ରକାଶ ପାଇଁ ହଇରାଣ ହରକତ କୋର୍ଟ କଚେରୀର ଦ୍ୱାର ହେବାକୁ ପଡ଼ିବ କେହି ଦେଖୁନାହିଁ । ଏଥିରେ କପଟ କଥା ଉଭୟରେ ଲୁଚି ରହିଛି ସମୟାନ୍ତରକୁ ଏହା ପ୍ରକାଶ ହେଉଛି । ଘଟକମାନେ ତାଙ୍କ ବୃତି ଜାହିର ପାଇଁ ମୋଟୀ, ଛୋଟି, କାଳୀକୁ ରଙ୍ଗେଇ ସୁନ୍ଦର ରଙ୍ଗ ଦେଇ ବରଘର ଆଗରେ କହି ପାରନ୍ତି ଫଟେରେ କଳାକୁ ମହଗୌରୀ କରାଯାଇପାରେ, ଏଥିରେ ସୁନ୍ଦରୀ କାର୍ଯ୍ୟାଳୟ (ବିଉଟି ପାର୍ଲର) ଜଡ଼ିତ ବାଡୁଅ ପାଣି ଗାଧୋଇବା ପରେ କନ୍ୟା ପଦାକୁ ଯିବା ମନା ହେଲେ ଭଲ ବିଉଟି ପାର୍ଲରକୁ କନ୍ୟାମାନେ ଅବାଧରେ ଯାଇପାରୁଛନ୍ତି । ବରର କେହି ସାର୍ଟିଫିକେଟ ଦେଖୁନାହିଁ । ସାର୍ଟିଫିକେଟରେ ପାଠରେ ରଖିଥିବା ନମ୍ବର ଅନେକ ସମୟରେ ଉଲ୍ଲେଖ ଥାଏ । ଭଲ ନମ୍ବର ରଖିବା ବିଦ୍ୟାର୍ଥୀର ଲୟ ଅନ୍ୟଥିରେ ରହିନପାରେ ମାତ୍ର କିଛି ବ୍ୟକ୍ତି ପାଠପଢ଼ିବା ପରେ ରୋଜଗାର ପାଇଁ ଲୋଭ କରନ୍ତି । ଦରମା ବାଦ ଉଦ୍‌ବୃତ ଆଶା କରନ୍ତି । ଅର୍ଥ ସହିତ ଉପଢ଼ୌକନ ମିଳିଯାଏ । ଏ ଆସେ ଦାମ୍ପତ୍ୟ ଜୀବନ କଳୁଷିତ କରିବା ପାଇଁ । ଅନୈତିକ ଆୟ ପଂଚମକାରର ବାମ ମାର୍ଗରେ ପୁରାଏ । ପଂଚମରେ ଅନେକ ଜିନିଷ ଆସିଥାଏ ପୂର୍ବେ ଏହା ତନ୍ତ୍ରରେ ଥିଲା ଏବେ ବଡ଼ ବଡ଼ ବ୍ୟକ୍ତିଙ୍କ କାର୍ଯ୍ୟଶୈଳୀରେ ପଶିଗଲାଣି । ଏମିତି ଅକୁହା କଥାରେ ବଡ଼ ବଡ଼ ବାବୁଙ୍କ ଶ୍ୱଶୁର, ଶାଶୁ, ସ୍ତ୍ରୀ ଗୁପ୍ତରେ ଲୁହ ଗଡ଼ାନ୍ତି । ଏହା ବି ଅକୁହା କଥା । କି ମୋବାଇଲ ଫୋନ ହେଲା ଏକ ମାୟା ଏଥିରେ ଜଡ଼ିତ ଦାମ୍ପତ୍ୟ କଳହ କୁଆଡ଼େ କ୍ଷଣସ୍ଥାୟୀ ଥିଲା ଏବେ କଳିର ଧାରା ବିବରଣୀ ସାଥି ସାଥି ବାପଘରକୁ ଟେଲିକାଷ୍ଟ ପରେ ପରେ ଦାବୀଦାର ଚାପଦାର ଉଭା । ସମୟ ଜନସଂଖ୍ୟା ବୃଦ୍ଧିର ନାରୀଙ୍କୁ କର୍ମ ନିୟୋଗ କରାଯିବ । ନାରୀର ସ୍ୱାଧୀନ ଉପାର୍ଜନ ଦିଗର ଭଲ ଦିଗକୁ ବଢ଼ାଯିବ । ଆଦିମ ବୃତିକୁ ଗୌଣ କରାଯିବ । ହେଲେ ପୂର୍ବେ ଦାସୀ ପୋଇଲି ବୃତିରୁ ଆହୁରି ହୀନ ବା ତତୁଲ୍ୟ ପଦରେ ତାଙ୍କୁ ରଖାଯାଉଛି । ଥୋପ ଦେଖାଇ ମାଛ ମାରିବା ପରି, ଭବିଷ୍ୟତର ଥୋପ ଦେଖାଇ ଠିକାଦାର ମାର୍ଫତରେ ସରକାରୀ ଅନୁଷ୍ଠାନରେ ବଡ଼ ବଡ଼ କମ୍ପାନୀରେ ସମାନ କାମକୁ ସମାନ ଦରମାରେ ରଖାଯାଇନାହିଁ, ବରଂ ଅନେକ ମୂଲ୍ୟବାନ କାମରେ ରଖାଯାଇ ତତ୍ ବିଦ୍ୟା ଅନୁଭୂତି ପୂର୍ବରୁ ମୁତୟନଙ୍କ ନାଲି ଆଖିରେ କାମ କରିବାକୁ ପଡୁଛି । ଏଥିରେ ପୂର୍ବରୁ ଥିବା ନାରୀ ଅଧିକର୍ତା ବି ଟିକେ ବିଗଳିତ ହେଉନାହାଁନ୍ତି । ସମସ୍ତଙ୍କର ଖାଲିପାଦ, ଘରେ ଦାଣ୍ଡ ଦ୍ୱାରବନ୍ଧରେ ବାଉଁଶ କବାଟ ନେପଟା ଘର, ବଳଦ ଗାଈ ଅଗଣା ଦାଣ୍ଡରେ ବନ୍ଧାଗଲେ ଜମିଦାରଙ୍କ କାନକୁହାଙ୍କ ଦୃଷ୍ଟିରେ ଆସିଲେ ସର୍ବନାଶ ଗଲ ବଳଦ ଗଲାଗାଈ ଭଲ ଧାନ ଫସଲ ଜମିରେ ଉତୁରିଲେ ଜମିଯିବ ନଚେତ ଫସଲ ଯିବ । କାଠ ଯନ୍ତ୍ର ଡଙ୍ଗା, ଘଣା, ତନ୍ତ, ଲଙ୍ଗଳ, ଯୁଆଳୀ, ଶଗଡ଼, ଢ଼ିଙ୍କି ପରି ବ୍ୟବହାର ବୃତିର ଉତ୍ସ ରଦ୍ଧ ହୋଇଗଲା । କାଠ ଆଲମାରୀ, ଚୌକି, ମେଜ, ସିନ୍ଦୁକ ରଦ୍ଧ । ଚାହୁଁ ଚାହୁଁ ଅନେକ ବୃତି ରଦ୍ଧ, ଏମାନଙ୍କୁ ବେକାର କରି ନୂଆ ବୃତିରେ ମୁତୟନ ପାଇଁ କେହି ଚେଷ୍ଟ କରିନାହାଁନ୍ତି କି, ବୃତି ସଂସ୍କାର କରିନାହାଁନ୍ତି । ସେ ଜାତିର ଦଳବେହେରାଙ୍କୁ କେହି ମାନ୍ୟତା ଦେଉନାହାଁନ୍ତି କି, ତାଙ୍କ କଥା କେହି ଶୁଣନ୍ତିନାହିଁ । ଯାହାକୁ ଭେକ ହେଉଛି ସେ ଦଳର ନେତା ବିଲୁପ୍ତ, ଯେ ଖାଇ ବଂଚିଛି ସେହି ଲୋକ ଭେକ ଭେକ ପାଟି କରୁଛନ୍ତି । ଏସବୁ କଣ ଅକୁହା କଥା ନୁହଁ ?

# କିଡ୍‌ନୀକୁ ସୁସ୍ଥ ରଖିବାର ଟିପ୍ସ...

କିଡ୍‌ନୀ ଶରୀରର ଏକ ମହତ୍ୱପୂର୍ଣ୍ଣ ଅଙ୍ଗ । ଶରୀରକୁ ସୁସ୍ଥ ରଖିବାରେ କିଡ୍‌ନୀର ମହତ୍ୱପୂର୍ଣ୍ଣ ଭୂମିକା ରହିଛି । କିଡ୍‌ନୀ ରକ୍ତରୁ ଅତିରିକ୍ତ ପାଣି, ବର୍ଜ୍ୟବସ୍ତୁ ଏବଂ ଅନ୍ୟାନ୍ୟ ଅଶୁଦ୍ଧ ପଦାର୍ଥଗୁଡିକୁ ଫିଲ୍ଟର କରିଥାଏ । କିଡ୍‌ନୀ ରକ୍ତକୁ ସଫା କରିଥାଏ ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ପରିସ୍ରା ଜରିଆରେ ବାହାର କରିଥାଏ । କିନ୍ତୁ ଭୁଲ୍ ଜୀବନଶୈଳୀ ଏବଂ ଅଧିକ ଔଷଧ ସେବନ ଯୋଗୁଁ କିଡ୍‌ନୀ ଉପରେ ଭୁଲ ପ୍ରଭାବ ପଡ଼ିଥାଏ । ସେଥିପାଇଁ କିଡ୍‌ନୀର ଯତ୍ନ ନେବା ନିହାତି ଆବଶ୍ୟକ ।



୧. ସୁସ୍ଥ ରହିବା ପାଇଁ କିଡ୍‌ନୀକୁ ସୁସ୍ଥ ରଖିବା ଆବଶ୍ୟକ । ସେଥିପାଇଁ ନିୟମିତ ବ୍ୟାୟାମ କରିବା ଆବଶ୍ୟକ । ବ୍ୟାୟାମ ରକ୍ତଚାପକୁ ସନ୍ତୁଳିତ ରଖିଥାଏ ଏବଂ ହୃଦୟ ସମ୍ବନ୍ଧୀୟ କୌଣସି ସମସ୍ୟା ହୋଇନଥାଏ । ଫିଟ୍ ରହିବା ପାଇଁ ନିୟମିତ ଚାଲିବା, ନାଚିବା, ସାଇକେଲ ଚଳାଇବା, ଦୌଡ଼ିବା ଆଦି ଅଭ୍ୟାସ ଶରୀରକୁ ସୁସ୍ଥ ରଖିଥାଏ ।

୨. ଡାଇବେଟିସ୍ ପାଇଁ କିଡ୍‌ନୀ ପ୍ରଭାବିତ ହୋଇଥାଏ । ସେଥିପାଇଁ ବ୍ଲଡ ସୁଗାର ନିୟନ୍ତ୍ରଣ ରଖିବା ନିହାତି ଆବଶ୍ୟକ । ଉଚିତ ସମୟରେ ଡାକ୍ତରଙ୍କୁ ପରାମର୍ଶ କରି ସ୍ୱାସ୍ଥ୍ୟ ପ୍ରତି ଥିବା ବିପଦ ଏଡାଇପାରିବେ । ଅଧିକ ସୁଗାରଯୁକ୍ତ ଖାଦ୍ୟ ସେବନ ବାରଣ କରିବା ଉଚିତ୍ ।

୩. ଉଚ୍ଚ ରକ୍ତଚାପ ଯୋଗୁଁ ମଧ୍ୟ କିଡ୍‌ନୀ ପ୍ରଭାବିତ ହୋଇଥାଏ । ସେଥିପାଇଁ ରକ୍ତଚାପ ଉପରେ ନିୟମିତ ନଜର ରଖିବା ଦରକାର । ସଠିକ୍ ଜୀବନଶୈଳୀ ଆପଣେଇ ସୁସ୍ଥ ରହିପାରିବେ ।

୪. ମୋଟାପଣ ଅନେକ ରୋଗର କାରଣ ହୋଇଥାଏ । ଓଜନ ବଢ଼ିଲେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇଥାଏ । ଫଳରେ କିଡ୍‌ନୀ ମଧ୍ୟ ପ୍ରଭାବିତ ହୋଇଥାଏ । ଓଜନ ବଢ଼ିବା ଯୋଗୁଁ ମଧୁମେହ, ହୃଦୟ ରୋଗ ଓ କିଡ୍‌ନୀ ରୋଗ ହେବାର ସମ୍ଭବନା ରହିଛି । ସେଥିପାଇଁ ଓଜନ ନିୟନ୍ତ୍ରଣ କରିବା ଆବଶ୍ୟକ । ଡାଏଟ୍‌ରେ ତଟକା ପନିପରିବା, ଫଳ, ମାଛ, ଶସ୍ୟଜାତୀୟ ଖାଦ୍ୟ ସାମିଲ କରନ୍ତୁ ।

୫. ଧୂମପାନ ଶରୀରରେ ରକ୍ତ ବାହାକକୁ ହାନି ପହଂଚାଇଥାଏ । ଧୂମପାନ ଯୋଗୁଁ କିଡ୍‌ନୀରେ ରକ୍ତ ପ୍ରବାହ ମନ୍ଥର ହୋଇଯାଇଥାଏ । ଧୂମପାନ ଯୋଗୁଁ କିଡ୍‌ନୀ କ୍ୟାନ୍ସରର ସମ୍ଭାବନା ଅଧିକ ଥାଏ । କିଡ୍‌ନୀକୁ ସୁସ୍ଥ ରଖିବାକୁ ଧୂମପାନ କରନ୍ତୁ ନାହିଁ ।

୬. ୬୦ ବର୍ଷରୁ ଅଧିକ ବୟସ୍କ ଲୋକ, ବିଶେଷକରି ଯେଉଁମାନେ ହୃଦୟ ରୋଗ, ମଧୁମେହ କିମ୍ବା ଉଚ୍ଚ ରକ୍ତଚାପରେ ପୀଡିତ କିମ୍ବା ଯେଉଁମାନଙ୍କ ଓଜନ ଅଧିକ ସେମାନେ ନିଜ କିଡ୍‌ନୀର ବିଶେଷ ଯତ୍ନ ନେବା ଆବଶ୍ୟକ । ଏମାନେ ସମୟ ସମୟରେ ନିଜ କିଡ୍‌ନୀ ପରୀକ୍ଷା କରାଇବା ଏବଂ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ ।



# ଚଳଚ୍ଚିତ୍ର ଜଗତରେ ରହିବାକୁ ହେଲେ ସବୁକିଛି କରିବାକୁ ପଡ଼ିବ: ଅନୀଲ

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅନୀଲ କପୁର ନିଜ ଚଳଚ୍ଚିତ୍ର ମାଧ୍ୟମରେ ଲୋକଙ୍କ ହୃଦୟ ଜିତିବା ପାଇଁ କୌଣସି ପ୍ରୟାସ ଛାଡିନାହାନ୍ତି । କ୍ୟାରିୟର ଆରମ୍ଭଠାରୁ ଏପର୍ଯ୍ୟନ୍ତ ଅନେକ ସମୟରେ ବ୍ଲକବଷ୍ଟର ଚଳଚ୍ଚିତ୍ର ମାଧ୍ୟମରେ ନିଜର ସ୍ୱତନ୍ତ୍ର ଏକ ପରିଚୟ ସୃଷ୍ଟି କରିପାରିଛନ୍ତି । ଏହାରି ମଧ୍ୟରେ ଆଉ ଏକ ବଡ଼ ଖୁଲାସା କରିଛନ୍ତି ଅନୀଲ କପୁର । ଏକ ଇଂଟରଭ୍ୟୁରେ ସେ କହିଛନ୍ତି, ଏମିତି ବି କିଛି ଫିଲ୍ମ ଅଛି, ଯାହାକୁ ସେ କେବଳ ଟଙ୍କା ପାଇଁ କରିଛନ୍ତି । ସେ କହିଛନ୍ତି ସେତେବେଳେ ତାଙ୍କ ପରିବାର ଘୋର ଆର୍ଥିକ ସଙ୍କଟରେ ଥିଲା ଏବଂ ତାଙ୍କୁ ଯେଉଁ ଫିଲ୍ମ ପାଇଁ ଅଫର ମିଳୁଥିଲା, ଟଙ୍କା ପାଇଁ ସେ ତାହାକୁ କରିବା ପାଇଁ ରାଜି ହୋଇଯାଇଥିଲେ । ଫିଲ୍ମ 'ଅନ୍ଦାଜ୍' ଏବଂ 'ହୀରା ରାନ୍‌ଝା' ସେ କେବଳ ଟଙ୍କା ପାଇଁ କରିଥିଲେ ବୋଲି କହିଛନ୍ତି । ଅନୀଲ କହିଛନ୍ତି, ଫିଲ୍ମ 'ରୂପ କି ରାନୀ ଏବଂ ଚୋରୋଁ କା ରାଜା' ପରେ ପରେ ପରିବାରର ଆର୍ଥିକ ପରିସ୍ଥିତି ସଙ୍କଟରେ ଆସିଯାଇଥିଲା ଏବଂ ଆମକୁ ଯାହା ମିଳିଥିଲା କରିଥିଲୁ । ଏହାକୁ ସ୍ୱୀକାର କରିବାରେ ମୁଁ ସଂକୋଚ କରୁନାହିଁ । ରୂପ କି ରାନୀ ଏବଂ ଚୋରୋଁ କା ରାଜା ଯାହାକି ୧୯୯୩ ମସିହାରେ ରିଲିଜ୍ ହୋଇଥିଲା କିନ୍ତୁ ପରେ, ଏହି ଦୁଇଟି ଫିଲ୍ମ ସୁପର ଫ୍ଲପ୍ ହୋଇଯାଇଥିଲା ।

ଅନୀଲ ଆହୁରି ମଧ୍ୟ କହିଛନ୍ତି, ମୋ ପରିବାର ଆଉ ମୁଁ ଭାଗ୍ୟଶାଳୀ କି ସେହି ସମୟଗୁଡିକ ଚାଲିଯାଇଛି ଏବଂ ସେବେଠାରୁ ଆଜିପର୍ଯ୍ୟନ୍ତ ଆମର ପରିସ୍ଥିତି ଏତେ କଠିନ କେବେ ହୋଇନାହିଁ । କିନ୍ତୁ ଯଦି ପୁଣିଥରେ ସେଭଳି ସମୟ ଆସେ କିମ୍ବା ଆମକୁ ଖରାପ ସମୟରେ ଗତି କରିବାକୁ ପଡିବ, ତାହେଲେ ମୁଁ ସେ କାମ କରିବାକୁ ପୁନର୍ବାର ଚାହିଁବିନି । ସେ ଏହା ମଧ୍ୟ କହିଛନ୍ତି ଯଦି ନିଜକୁ ଚଳଚ୍ଚିତ୍ର ଜଗତରେ କ୍ୟାରିୟର ଗଢ଼ିବାକୁ ଅଛି ତାହେଲେ ତୁମକୁ ନିଜର ସବୁକିଛି ଦେବା ପାଇଁ ପ୍ରସ୍ତୁତ ହେବାକୁ ପଡିବ । ଏଥିରେ ରହିବା ପାଇଁ ସାହାସ ଓ ଉତ୍ସାହ ଦରକାର ବୋଲି ଅନୀଲ କହିଛନ୍ତି ।

# ବାଥ୍‌ରୁମ୍ ଛାତ ସିଲିଂ ଫଟାଇ ପଶିଆସିଲା ଅଜବ ଜୀବ



ଅନେକ ସମୟରେ ଆମେ ଆମ ଚାରିପାଖରେ ଅଜବ ଜିନିଷ ଦେଖିଥାଉ ଯାହାକି ଆଶ୍ଚର୍ଯ୍ୟାନ୍ୱିତ କରିଥାଏ । ବିଭିନ୍ନ ସ୍ଥାନରେ ଅଜବ ଜୀବଜନ୍ତୁମାନେ ମଧ୍ୟ ଦେଖାଯାଆନ୍ତି ଯାହାକୁ କି ବୈଜ୍ଞାନିକମାନେ ମଧ୍ୟ ଅନୁସନ୍ଧାନ କରିପାରନ୍ତି ନାହିଁ । ଏପରି ଅନେକ ଘଟଣା ସୋଶାଲ ମିଡିଆରେ ପ୍ରକାଶ ପାଇଥାଏ । ନିକଟରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି ଅଷ୍ଟ୍ରେଲିଆରେ । ଜଣେ ବ୍ୟକ୍ତି ନିଜ ବାଥ୍‌ରୁମ୍‌ରେ ଏକ ଅଜବ ଜୀବକୁ ଦେଖି ଚିହିକି ଉଠିଥିଲେ । ବାଥ୍‌ରୁମ୍‌ର ସିଲିଂରୁ ବଡ଼ ବଡ଼ ନଖ ଏବଂ ଲୋମଥିବା ଏକ ଅଜବ ଜୀବ ଦେଖିବାକୁ ପାଇଥିଲେ ।

ଫ୍ରାଙ୍ଗେଲିସା ନାମକ ଜଣେ ବ୍ୟକ୍ତି ନିଜ ବାଥ୍‌ରୁମ୍‌କୁ ଯାଇଥିବାବେଳେ ଏଭଳି ଏକ ଏକ ବିଚିତ୍ର ଜୀବ ଦେଖିଥିଲେ । ଏହାକୁ ଦେଖିବା ପରେ ତାଙ୍କୁ ହରର ଫିଲ୍ମର ଦୃଶ୍ୟ ଭଳି ଲାଗିଥିଲା । ଏହାପରେ ଯୁବକଜଣକ ଫଟୋ ଉଠାଇ ସୋସିଆଲ ମିଡିଆରେ ସେୟାର କରିଥିଲେ । ଏହି ଫଟୋଟି ଭାଇରାଲ ହେବା ପରେ ଅନେକ ୟୁଜର ବିଭିନ୍ନ କମେଂଟ୍ ଦେଇଛନ୍ତି । ଜଣେ ୟୁଜର ଲେଖିଛନ୍ତି, ଏହା ଏକ ଅଷ୍ଟ୍ରେଲୀୟ ଜୀବ ହୋଇଥାଇପାରେ ଏବଂ ଏହାକୁ ପେସ୍କି କ୍ରିଟର ବୋଲି କୁହାଯାଏ । ଏହାକୁ ସେଠାରୁ ତୁରନ୍ତ ମୁକ୍ତ କରିବାକୁ ପରାମର୍ଶ ମଧ୍ୟ ଦେଇଛନ୍ତି । ଆଉ ଜଣେ ସୋସିଆଲ ମିଡିଆ ୟୁଜର ଲେଖିଛନ୍ତି, ଉକ୍ତ ସିଲିଂ ମଧ୍ୟରେ ଗୋଟିଏ ଆଲୋକ ଲଗାଇ ଦିଅନ୍ତୁ, ସେହି ଜୀବଟି ବାହାରକୁ ବାହାରିଆସିବ । କାରଣ ରାତ୍ରିଚର ପଶୁ ହୋଇଥିବାରୁ ସେମାନେ ଉଜ୍ଜ୍ୱଳ ଆଲୋକକୁ ଭୟ କରନ୍ତି ।

# ସନ୍ଧ୍ୟାରେ କେଉଁ ଜିନିଷ ଦାନ ଦେବା କଥାନୁହଁ



**ଜ୍ୟୋତିଷ ଶାସ୍ତ୍ରରେ ଦାନର ମହତ୍ୱ ଅଧିକ ରହିଛି । କୌଣସି ଗରବ ଲୋକଙ୍କୁ ଦାନ କରିବା ଏକ ମହତ୍ୱପୂର୍ଣ୍ଣ କାମ ବୋଲି ବିବେଚନା କରାଯାଏ । ଶାସ୍ତ୍ରରେ ଦାନର ମହତ୍ୱ ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କୁହାଯାଇଛି । ଦାନ ଦେବା ଦ୍ୱାରା ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ମାନ୍ୟତା ରହିଛି । କିନ୍ତୁ କ'ଣ ଆପଣ ଜାଣନ୍ତି କି ସନ୍ଧ୍ୟା ସମୟରେ ଦାନ ଦିଆଯାଏନାହିଁ କାହିଁକି ? ସନ୍ଧ୍ୟା ସମୟରେ ଦାନ ଦେବା ଅତ୍ୟନ୍ତ ଅଶୁଭ ବୋଲି ଧରାଯାଏ । ଏହାଦ୍ୱାରା ଆପଣଙ୍କ ଜୀବନରେ ଅନେକ ସମସ୍ୟା ଦେଖାଦେଇପାରେ । ତେବେ ଆସନ୍ତୁ ଜାଣିବା ସନ୍ଧ୍ୟା ସମୟରେ କେଉଁ ଜିନିଷ ଦାନ କରିବା ଉଚିତ୍ ନୁହେଁ ।**

-ସନ୍ଧ୍ୟା ସମୟରେ କ୍ଷୀର ଦାନ କରିବା ଉଚିତ୍ ନୁହେଁ । କ୍ଷୀରକୁ ମା' ଲକ୍ଷ୍ମୀ ଏବଂ ଚନ୍ଦ୍ରଙ୍କର ପ୍ରତୀକ ବୋଲି କୁହାଯାଇଥାଏ । ତେଣୁ ସନ୍ଧ୍ୟା ସମୟରେ କ୍ଷୀର ଦାନ କରିବା ଦ୍ୱାରା ଘରେ ଅର୍ଥାଭାବ ଦେଖାଦିଏ ।

-ସୂର୍ଯ୍ୟାସ୍ତ ସମୟରେ କାହାକୁ ଦହି ଦେବା ଉଚିତ୍ ନୁହେଁ । ଏହାଦ୍ୱାରା ଆପଣଙ୍କୁ ସୁଖ-ଶାନ୍ତି ଓ ବୈଭବ ହାନି ଘଟିଥାଏ ।

-ସନ୍ଧ୍ୟା ସମୟରେ କାହାକୁ ବି ପିଆଜ ଆଉ ରସୁଣ ଦେବା ଉଚିତ୍ ନୁହେଁ । ରସୁଣ ଆଉ ପିଆଜର ସମ୍ପର୍କ କେତୁ ଗ୍ରହଣ ସହ ରହିଥାଏ । ସନ୍ଧ୍ୟା ସମୟରେ ଏହାକୁ ଦେବା ଦ୍ୱାରା ଆପଣଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ ।

-ସନ୍ଧ୍ୟା ସମୟରେ ଲକ୍ଷ୍ମୀ ଘରେ ପ୍ରବେଶ କରିଥାନ୍ତି । ତେଣୁ ସନ୍ଧ୍ୟା ସମୟରେ ଆପଣ କାହାକୁ ବି ଅର୍ଥଦାନ କରିବା ଦ୍ୱାରା ଲକ୍ଷ୍ମୀଙ୍କୁ ଗୃହରୁ ବିଦା କରିବା କୁହାଯାଏ ।



# କଙ୍ଗନାଙ୍କୁ ଆଶ୍ୱସ୍ତି

ବଲିଉଡ୍ ଅଭିନେତ୍ରୀ କଙ୍ଗନା ରଣାଓ୍ୱତଙ୍କୁ ମିଳିଲା ବଡ଼ ଆଶ୍ୱସ୍ତି । ଦେଶଦ୍ରୋହ ମାମଲା ଅଭିଯୋଗରେ ସୋମବାର ବମ୍ବେ ହାଇକୋର୍ଟ ତାଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି । ଆସନ୍ତା ୨୫ ଜାନୁଆରୀ ପର୍ଯ୍ୟନ୍ତ ତାଙ୍କ ଗିରଫଦାରୀ ଉପରେକୋର୍ଟ ରୋକ୍ ଲଗାଇଛନ୍ତି । କଙ୍ଗନା ଏବଂ ତାଙ୍କ ଭଉଣୀ ରଙ୍ଗୋଲିଙ୍କ ବିରୋଧରେ ମୁମ୍ବାଇ ବାନ୍ଦ୍ରା ପୋଲିସ ଷ୍ଟେସନରେ ୧୨୪ ଏ, ୨୯୫ ଏ ଏବଂ ୧୫୩ ଏ ଆକ୍ଟରେ ଦେଶଦ୍ରୋହ ମାମଲା ଦାୟର ହୋଇଥିଲା । ବାନ୍ଦ୍ରା କୋର୍ଟ କାଷ୍ଟିଂ ଡାଇରେକ୍ଟର ସାହିଲ ଅଶରଫଙ୍କ ଅଭିଯୋଗ ପରେ କଙ୍ଗନା ଏବଂ ତାଙ୍କ ଭଉଣୀଙ୍କ ବିରୋଧରେ ଏଫ୍‌ଆଇଆର ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଫ୍‌ଆଇଆର ମୁତାବକ, କଙ୍ଗନା ଏବଂ ତାଙ୍କ ଭଉଣୀ ରଙ୍ଗୋଲି ଟୁଇଟ୍ ଜରିଆରେ ଶାନ୍ତିପୂର୍ଣ୍ଣ ପରିବେଶକୁ ଭଙ୍ଗ କରିବା ଏବଂ ମହାରାଷ୍ଟ୍ର ସରକାର ନାଁକୁ ବଦ୍‌ନାମ୍ କରିବାକୁ ଚେଷ୍ଟା କରିଥିଲେ । ଏଥିସହ କଙ୍ଗନା ଲଗାତାର ବଲିଉଡ୍‌କୁ ବଦ୍‌ନାମ କରିବାକୁ ଚେଷ୍ଟା କରୁଥିବା କୋର୍ଟରେ ଦାୟର ହୋଇଥିବା ଆବେଦନରେ କୁହାଯାଇଥିଲା । କଙ୍ଗନା ସୋଶାଲ ମିଡିଆ ପ୍ଲାଟଫର୍ମଠାରୁ ଆରମ୍ଭ କରି ଟିଭି ପର୍ଯ୍ୟନ୍ତ, ସବୁଠି ଇଣ୍ଡଷ୍ଟ୍ରି ବିରୋଧରେ ବିଷ ଓଗାଳୁଥିବା ଅଭିଯୋଗ ହୋଇଥିଲା । କେବଳ ସେତିକି ନହେଁ କଙ୍ଗନା ହିନ୍ଦୁ ଓ ମୁସଲିମ୍ କଳାକାରଙ୍କ ମଧ୍ୟରେ ଫାଟ ସୃଷ୍ଟି କରିବାକୁ ପ୍ରୟାସ କରୁଥିବା ଏଫ୍‌ଆଇଆର୍‌ରେ କୁହାଯାଇଛି । ସେ ଲଗାତାର ଆପତିଜନକ ଟୁଇଟ୍ କରି ଧାର୍ମିକ ଭାବନାକୁ ଆଘାତ ଦେବା ସହ ଫିଲ୍ମ ଇଣ୍ଡଷ୍ଟ୍ରିର ଅନେକ ଲୋକଙ୍କୁ ଟାର୍ଗେଟ କରିଥିବା ଅଭିଯୋଗ ହୋଇଛି ।

# ବିଜେପି ରାଜ୍ୟ କାର୍ଯ୍ୟାଳୟରେ ସମ୍ବିଧାନ ଦିବସ ପାଳିତ

## ୨୦୧୫ରେ ପ୍ରଧାମନ୍ତ୍ରୀ ମୋଦିଜୀ ୨୬ ନଭେମ୍ବରକୁ "ସମ୍ବିଧାନ ଦିବସ" ଭାବେ ଘୋଷଣା କରିଥିଲେ

ଭୁବନେଶ୍ୱର, ୨୭/୧୧ (ନି.ପ୍ର): ସମ୍ବିଧାନ ଦିବସ ଆଜି ସମଗ୍ର ଦେଶରେ ପାଳନ କରାଯାଉଥିବା ବେଳେ ରାଜ୍ୟ କାର୍ଯ୍ୟାଳୟରେ ବୁଦ୍ଧିଜୀବୀ ପ୍ରକୋଷ୍ଠ ଓ ଲିଗାଲ ସେଲ୍ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହାକୁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଉଦ୍‌ଘାଟନ କରି କହିଥିଲେ ଯେ, ଭାରତୀୟ ସମ୍ବିଧାନ ଆମ ଦେଶର ଶାସନ ପ୍ରଣାଳୀକୁ ସରଳ କରିବା ସହ ସର୍ବବ୍ୟାପୀ ତଥା ସମସ୍ତ ନାଗରିକଙ୍କୁ ଆଇନଗତ ଅଧିକାର ପ୍ରଦାନ କରିଛି । ଆମ ସମ୍ବିଧାନ, ଆମ ସ୍ୱାଭିମାନ । ଏହି ଅବସରରେ ଶ୍ରୀ ସାମଲ ଭାରତ ସମ୍ବିଧାନ ପ୍ରସ୍ତାବନାକୁ ଶପଥ କରାଇଥିଲେ । ଏହି ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ବିଧାୟକ ଶ୍ରୀ ଇରାଶିଷ ଆଚାର୍ଯ୍ୟ ସମ୍ବିଧାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ କଂଗ୍ରେସ ସରକାର ସମୟରେ ସମ୍ବିଧାନର କାର୍ଯ୍ୟକାରିତାରେ ଅନେକ ତ୍ରୁଟି କରିବା ସହ ନିଜ ଦଳର ରାଜନୈତିକ ସ୍ୱାର୍ଥ ପାଇଁ ସମ୍ବିଧାନକୁ ବଦଳାଇବା ଏବଂ ଅପବ୍ୟବହାର କରିଥିଲେ ବୋଲି କହିଛନ୍ତି । ବୁଦ୍ଧିଜୀବୀ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ଶ୍ରୀ ସୁଦର୍ଶନ ନାୟକ ଉପସ୍ଥାପନା କରିବା ପରେ ଅନ୍ୟତମ ବକ୍ତା କେନ୍ଦ୍ର ସରକାରଙ୍କ ଷ୍ଟାଡିଂ



କାଉନ୍‌ସିଲ ଉମାକାନ୍ତ ପଟ୍ଟନାୟକ, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ସାଧାରଣ ସମ୍ପାଦକ ସୀମାଂଚଳ ଖଟେଇ, ବିଧାୟକ ଅଗସ୍ତି ବେହେରା, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରବିଶଂକର ପଟ୍ଟନାୟକ ପ୍ରମୁଖ ଅଭିଭାଷଣ ରଖିଥିଲେ । ସୂଚନାଯୋଗ୍ୟ, ସମ୍ବିଧାନ ଦିବସକୁ ପୂର୍ବରୁ ଆଇନ ଦିବସ ଭାବେ ପାଳନ କରାଯାଉଥିଲା । ଭାରତରେ ସମ୍ବିଧାନ ଗ୍ରହଣକୁ ସ୍ମରଣ କରିବା ପାଇଁ ପ୍ରତବର୍ଷ ୨୬ ନଭେମ୍ବରରେ ଭାରତରେ ପାଳନ କରାଯାଉଛି । ୨୬ ନଭେମ୍ବର ୧୯୪୯ରେ ଭାରତର ସମ୍ବିଧାନ ସଭା ନୂତନ ଭାବେ ପ୍ରସ୍ତୁତ ସମ୍ବିଧାନକୁ ଗ୍ରହଣ କଲା । ୨୬ ଜାନୁଆରୀ ୧୯୫୦ରେ ଏହା ଲାଗୁ ହୋଇଥିଲା । ଏହା ଭାରତୀୟ ଇତିହାସରେ ଏକ ନୂତନ ଯୁଗର ଆରମ୍ଭକୁ ଚିହ୍ନିତ କରିଥିଲା । ତେବେ ଗେଜଟ୍ ବିଜ୍ଞପ୍ତି ଦ୍ୱାରା ୨୦୧୫ରେ ଭାରତ ସରକାର ୨୬ ନଭେମ୍ବରକୁ "ସମ୍ବିଧାନ ଦିବସ" ଭାବେ ଘୋଷଣା କରିଥିଲେ । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ୧୧ ଅକ୍ଟୋବର ୨୦୧୫ରେ ମୁମ୍ବାଇରେ ଡ. ବାବାସାହେବ ଆମ୍ବେଦକରଙ୍କ 'ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି' ସ୍ମୃତି ପାଇଁ ମୂଳଦୁଆ ପକାଇବାବେଳେ ଏହି ଘୋଷଣା କରିଥିଲେ । ଏହାପରେ ମୋଦିଜୀଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା । ବର୍ଷସାରା ଏହାକୁ ପାଳନ କରିବା ପାଇଁ ଘୋଷଣା କରାଯାଇଥିଲା । ଡ.ଆମ୍ବେଦର ସମ୍ବିଧାନ ଡ୍ରାଫ୍ଟ କମିଟିରେ ସଭାପତିତ୍ୱ କରିଥିବାରୁ ଓ ଏହାକୁ ପ୍ରସ୍ତୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ତାଙ୍କ ଚିନ୍ତାଧାରା ଏବଂ ଧାରଣା ବିସ୍ତାର କରିବା ପାଇଁ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗ ଦ୍ୱାରା ବର୍ଷସାରା ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ମୋଦିଜୀ ସ୍ଥିର କରିଥିଲେ । ଏହି ଦିନଠାରୁ ଭାରତ ସରକାରଙ୍କ ବିଭିନ୍ନ ବିଭାଗ ପ୍ରଥମ ଥର ଲାଗି ସମ୍ବିଧାନ ଦିବସ ପାଳନ କରିଥିଲେ । ସେହିପରି ଶିକ୍ଷା ଏବଂ ସ୍ୱାକ୍ଷରତା ବିଭାଗ ଅନୁଯାୟୀ, ସମ୍ବିଧାନର ମୁଖବନ୍ଧ ଶିଷ୍ୟ ଉପରେ ସମସ୍ତ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାଯିବାର ନିଷ୍ପତି ହୋଇଥିଲା । ଏପରିକି ସମ୍ବିଧାନ ତଥା ଆମ୍ବେଦରଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ୨୬ ନଭେମ୍ବର ୨୦୧୫ରେ ଭାରତୀୟ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ମଧ୍ୟ ହୋଇଥିଲା । ଏହି ଅବସରରେ ଡ.ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା ।

# ଦାରିଙ୍ଗବାଡି ଅଞ୍ଚଳର ବିଶିଷ୍ଟ ମହିଳା ସମାଜସେବୀ ବସ୍ତିନା ସିଂଙ୍କର ହୃଦଘାତରେ ପରଲୋକ

ବାଲିଗୁଡା, ୨୭/୧୧ (ନି.ପ୍ର): କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକ ଦାସିଙ୍ଗବାଡି ଗ୍ରାମର ବସ୍ତିନା ସିଂଙ୍କ ମଙ୍ଗଳବାର ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଯାଇଛି । ସେ ହୃଦଘାତରେ ମୃତ୍ୟୁବରଣ କରିଥିବା ତାଙ୍କ ପୁଅ ସଦାନନ୍ଦ କହିଛନ୍ତି । ସେ ରବିବାର ହଠାତ ଅସୁସ୍ଥ ଅନୁଭବ କରିବାରୁ ପ୍ରଥମେ ଦାରିଙ୍ଗବାଡି ପରେ ଅଧିକା ଚିକିତ୍ସା ପାଇଁ ବ୍ରହ୍ମପୁର ଓ ଶେଷରେ ଭୁବନେଶ୍ୱର ନିଆଯାଇଥିଲା ତାଙ୍କ ଛାତିରେ କଫ ଜମିଥିଲା ଓ ପରେ ସେ ଅଧିକା ଅସୁସ୍ଥ ହୋଇ ପଡ଼ିଥିଲେ । ସୂଚନାଯୋଗ୍ୟ ଯେ, ସେ ପ୍ରଥମେ ୯୦ ଦଶକରେ କୁସଂସ୍କାର ବିରୋଧରେ ଆନ୍ଦୋଳନ ଆରମ୍ଭ କରିଥିଲେ । ଅଞ୍ଚଳରେ ସଚେତନତା ଅଭାବରୁ ଅନେକ ଘରେ ପୁରୁଷମାନେ ମଦ ପିଇ ମହିଳାଙ୍କୁ ନିର୍ଯାତନା ଦେବା ସହ ପରିବାରର ଆର୍ଥିକ ମାନଦଣ୍ଡ ଭୁଶୁଡି ପଡୁଥିଲା ଏବଂ ଘରେ ଥିବା ପିଲାଙ୍କୁ ସ୍କୁଲ ପଠାଉ ନ ଥିଲେ । କମ ବୟସରୁ କିଶୋରୀ-କିଶୋରଙ୍କୁ ବିବାହ କରାଇ ଦେଉଥିଲେ, ଏସବୁକୁ ବାସ୍ତିନା ଦେଖି ସହି ପାରୁ ନ ଥିଲେ ।ସେ ଭୋଗିଥିବା କଷ୍ଟ ଯେମିତି ଆଉ କେହି ନ ଭୋଗନ୍ତୁ, ସେଥିପାଇଁ ସେ ସମାଜ ସେବା ଆରମ୍ଭ କରିବା ସହ କୁସଂସ୍କାର ଦୂର କରିବାକୁ ଅଣ୍ଟା ଭିଡ଼ିଲେ । ସେ କହୁଥିଲେ ଯେ, ସେହି ସମୟରେ ସଚେତନର ଅଭାବ ଯୋଗୁ ପରିବାର ଲୋକ ତାଙ୍କୁ ଅତି କମ (୧୬ ବର୍ଷ) ବୟସରେ ବିବାହ କରିଦେଇଥିଲେ । ସେ ପରିସ୍ଥିତିରେ ପଡି ଗୃହିଣୀ ଭାବରେ ନିଜର ଦାମ୍ପତ୍ୟ ଜୀବନ ଆରମ୍ଭ କରିଥିଲେ ମାତ୍ର ସେ ନାବାଳିକା ଅବସ୍ଥାରେ ବିବାହ କରିଥିଲେ ଓ ଏଥିପାଇଁ ସେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଆନ୍ଦୋଳନ ଆରମ୍ଭ କରି ପରେ ଅଞ୍ଚଳରେ ମହିଳା ନେତ୍ରୀ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ଦେଶୀ ମଦ ବିକ୍ରିର କେନ୍ଦ୍ରବିନ୍ଦୁ ନିଜ ଗାଁ ଦସିଙ୍ଗବାଡି ଗ୍ରାମର ମହିଳାମାନଙ୍କୁ ସଂଗଠିତ କରି ଆନ୍ଦୋଳନ ତୀବ୍ର କରିଥିଲେ । ଏଥିପାଇଁ ତାଙ୍କୁ ନିଜ ସମ୍ପ୍ରଦାୟର ଲୋକଙ୍କ ସହ ବିରୋଧର ସାମ୍ନା କରିବାକୁ ପଡିଥିଲା । ବିରୋଧ ସତ୍ତ୍ୱେ ସେ ଡାସିଙ୍ଗବାଡି ପଞ୍ଚାୟତକୁ ଏକ ମଦମୁକ୍ତ ଗ୍ରାମପଞ୍ଚାୟତ କରିବା ପାଇଁ ଆଗକୁ ଅଣ୍ଟା ଭିଡି ସଫଳ ହୋଇଥିଲେ । ୧୯୯୫ରେ ମଦମୁକ୍ତ ଗ୍ରାମପଞ୍ଚାୟତ ଭାବରେ ଦାସିଙ୍ଗବାଡିକୁ ଗାନ୍ଧୀ ପୁରସ୍କାର ମିଳିଥିଲା । ଏହି ଆନ୍ଦୋଳନ ପାଇଁ ବସ୍ତିନାଙ୍କୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ବଡ଼ ସହଯୋଗ ମିଳିଥିଲା । ସେ ଓ ତାଙ୍କ ମହିଳା ଦଳ ବିଜୁବାବୁଙ୍କୁ ଭୁବନେଶ୍ୱର ଯାଇ ଭେଟି ଅଞ୍ଚଳର ମଦ କାରବାର ଓ ବାଲ୍ୟ ବିବାହ ରୋକିବା ପାଇଁ ନିବେଦନ କରିବାରୁ ବସ୍ତିନାଙ୍କ ସହ ଯାଇଥିବା ମୋଟ ୧୨ ଜଣ ମହିଳାଙ୍କୁ ବିଜୁବାବୁ ସ୍ୱତନ୍ତ୍ର ପୋଲିସ ପାୱାର ପ୍ରଦାନ କରିଥିଲେ ଓ ୧୨ଟି ବିଜୁ ଠେଙ୍ଗା ଯୋଗାଇ ଦେଇଥିଲେ, ଯାହା କି ସେହି ସମୟରେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା । ବସ୍ତିନାଙ୍କ ଏହି ସ୍ଥାନକୁ ଆଉ କିଏ ଯିବା ମୁସ୍କିଲ ତାଙ୍କ ବିୟୋଗରେ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟଙ୍କ ସମେତ ଅଞ୍ଚଳବାସୀ ଦୁଃଖ ପ୍ରକାଶ କରିଛନ୍ତି । ଗୁରୁବାର ବସ୍ତିନାଙ୍କ ଶେଷକୃତ୍ୟ କରାଯିବ ବୋଲି ତାଙ୍କ ପୁଅ ସଦାନନ୍ଦ ସିଂ କହିଛନ୍ତି ।

# ଗଞ୍ଜାମ ଜିଲ୍ଲାରେ ଶହେ ଛୁଇଁଲା ଡେଙ୍ଗୁ

ବ୍ରହ୍ମପୁର, ୨୭/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଧୀରେ ଧୀରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଛି । ବର୍ତ୍ତମାନ ଏହି ସଂଖ୍ୟା ଶହେ ଛୁଇଁଛି, ଏବେ ଜିଲ୍ଲାରେ ପଜିଟିଭ୍ ସଂଖ୍ୟା ୧୦୨ରେ ପହଞ୍ଚିଛି । ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ପାଇଁ ଏମ୍‌କେସିଜି ମେଡିକାଲର କାଜୁଆଲ୍ ?ଟିରେ ଡେଙ୍ଗୁ ୱାର୍ଡ଼ କରାଯାଇଛି । ଡେଙ୍ଗୁ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଉଦ୍ୟମ ଜାରି ରଖିଛି । ଗଞ୍ଜାମ ଜିଲ୍ଲାରେ କିଛି କିଛି ଦିନର ବ୍ୟବଧାନରେ ବର୍ଷା ହେଉଛି, ଫଳରେ ଖାଲୁଆ ସ୍ଥାନରେ ପାଣି ଜମା ରହୁଛି । ସେହିପରି ବିଭିନ୍ନ ଆବର୍ଜନା ଗଦାରେ ପଡ଼ି ରହିଥିବା ପଇଡ଼ ଖୋଳପା, ଟାୟାର, ଭଙ୍ଗା ବାଲଟିରେ ପାଣି ଭର୍ତ୍ତି ରହୁଛି । ଦୀର୍ଘଦିନ ଧରି ସେଠାରେ ପାଣି ଜମା ରହିବା ଫଳରେ ଡେଙ୍ଗୁ ରୋଗର ବାହାକ ଏଡିସ୍ ? ମଶା ସୃଷ୍ଟି ହୋଇ ତାହା ରୋଗର କାରଣ ସାଜୁଛି । ଅଧିକ ଦିନ ଧରି ଜ୍ୱରରେ ପୀଡ଼ିତ ହେବା ପରେ ରୋଗୀଙ୍କ ଡେଙ୍ଗୁ ପରୀକ୍ଷା କରାଯାଉଛି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ମୋଟ ୩ ହଜାର ୪୨୯ ନମୁନା ପରୀକ୍ଷା କରାଯାଇଛି, ତନ୍ମଧ୍ୟରୁ ୧୦୨ ନମୁନା ପଜିଟିଭ୍ ଚିହ୍ନଟ ହୋଇଛି । ମୋଟ ପଜିଟିଭ୍ ମଧ୍ୟରୁ ୪୯ଜଣ ରୋଗୀ ବାହାର ରାଜ୍ୟ କିମ୍ବା ଜିଲ୍ଲାରୁ ସଂକ୍ରମିତ ହୋଇ ଆସିଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ଦିଆଯାଇଛି । ୫୩ ଜଣ ରୋଗୀ ଜିଲ୍ଲାରେ ହିଁ ସଂକ୍ରମିତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ତରଫରୁ କୁହାଯାଇଛି । ସ୍ଥିର ପାଣିରେ ଡେଙ୍ଗୁ ରୋଗର ବାହାକ ଏଡିସ୍ ମଶା ସୃଷ୍ଟି ହେଉଥିବାରୁ ଦୀର୍ଘଦିନ ଧରି ଗୋଟିଏ ସ୍ଥାନରେ ପାଣି ଜମା ନରଖିବାକୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଲୋକଙ୍କୁ ସଚେତନ କରାଯାଉଛି ।

# କୋଷାଗୁମୁଡ଼ା ସରକାରୀ ସ୍ନାତକ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ

କୋଷାଗୁମୁଡ଼ା, ୨୭/୧୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ସ୍ଥିତ କୋଷାଗୁମୁଡ଼ା ସରକାରୀ ସ୍ନାତକ ମହାବିଦ୍ୟାଳୟ ଠାରେ ୭୫ ତମ ସମ୍ବିଧାନ ଦିବସ ମହାଆଡମ୍ବରରେ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ରାଜୀବ ଜାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବିଧାନର ମୁଖବନ୍ଧ ପାଠ କରି ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ଅଧ୍ୟାପକ ସୁମନ୍ତ ବାଘେଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଅତିଥି ମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ସମ୍ବିଧାନର ମୂଳତତ୍ତ୍ୱ ଉପରେ ସବିଶେଷ ଆଲୋଚନା କରିଥିବା ବେଳେ ଶିକ୍ଷା ବିଭାଗ ଅଧାପିକା କୁମାରୀ ବିଜୟଲକ୍ଷ୍ମୀ ଦିସାରୀ, ଇତିହାସ ବିଭାଗ ଅଧ୍ୟାପକ ଶ୍ରୀକାନ୍ତ ପଣ୍ଡା, ଇଂରାଜୀ ବିଭାଗ ଅଧ୍ୟାପକ ଗୌରାଙ୍ଗ ଚରଣ ବିଡ଼ିକା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ମାନେ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବିଧାନର ମୁଖବନ୍ଧ ପାଠ କରିବା ସହ ଦେଶର ଶାସନ ଖସଡ଼ା ପ୍ରସ୍ତୁତିର ମୁଖ୍ୟ ବିଦ୍ଧାଣୀ ଡ.ଭୀମ ରାଓ ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ସଂମ୍ପର୍କରେ ଆଲୋକପାତ କରିଥିଲେ । ଏହାପରେ ଛାତ୍ରଛାତ୍ରୀମାନେ ନିକଟସ୍ଥ ଶିରାଗୁଡ଼ାଗ୍ରାମକୁ ଏକ ଶୋଭାଯାତ୍ରାରେ ଯାଇ ଉକ୍ତ ଗ୍ରାମର ଲୋକଙ୍କୁ ସମ୍ବିଧାନ ସଂମ୍ପର୍କରେ ସଚେତନ କରିଥିଲେ । ଛାତ୍ରଛାତ୍ରୀଙ୍କ ଉତ୍ସାହ ଦେଖି ଗ୍ରାମବାସୀ ମଧ୍ୟ ପିଲାମାନଙ୍କୁ ଆଶୀର୍ବାଦ କରି ସେମାନଙ୍କ ସୁନେଲି ଭବିଷ୍ୟତ କାମନା କରିଥିଲେ । ଏହାପରେ ଅନୁଷ୍ଠାନର ସମ୍ମିଳନୀ କକ୍ଷଠରେ ପୂର୍ବରୁ ଅନୁଷ୍ଠିତ ପ୍ରବନ୍ଧ, ବିତର୍କ, କୁଇଜ୍, ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଶ୍ରୀ ପ୍ରଫୁଲ୍ଲ କୁମାର ଗୁଣ୍ଠା ସୁଚାରୁ ରୂପେ ପରିଚାଳନା କରିଥିବା ବେଳେ ସୁନୀଲ ହରିଜନ, ତମନ ବିଶୋଇ ଏବଂ ଗଣେଶ ହରିଜନ ତଥା ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

# ବର୍ଡର ସିକ୍ୟୁରିଟି ଫୋର୍ସର ହେଡ କନେଷ୍ଟବଲଙ୍କୁ ଉତ୍କୃଷ୍ଟ ସେବା ପଦକ ପ୍ରଦାନ

ମୟୂରଭଞ୍ଜ, ୨୭/୧୧ (ନି.ପ୍ର):କୋଲକାତା ଠାରେ କାର୍ଯ୍ୟରତ ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସଏଫ)ର ହେଡ କନେଷ୍ଟବଲ ଦ୍ରୁପଦ ମହାନ୍ତଙ୍କୁ ଗୃହ ମନ୍ତ୍ରଣାଳୟ ଦ୍ୱାରା ଉତ୍କୃଷ୍ଟ ସେବା ପଦକ ପ୍ରଦାନ କରାଯାଇଛି । ଦ୍ରୁପଦ ମହାନ୍ତ ଉତ୍କୃଷ୍ଟ ସେବା ପଦକ ହାସଲ କରିଥିବା ନେଇ ଗ୍ରାମରେ ଖବର ପହଞ୍ଚିବା ପରେ ପରିବାର, ବନ୍ଧୁବାନ୍ଧବ, ସମ୍ପର୍କୀୟ ତଥା ଗ୍ରାମ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ଖେଳି ଯାଇଛି । ଏଠାରେ ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲ୍ଲାର ବାମନଘାଟି ଉପଖଣ୍ଡ ରାଇରଙ୍ଗପୁର ବ୍ଲକ ସାନପାଖଣା ଗ୍ରାମପଞ୍ଚାୟତର ଉମାକାନ୍ତ ମହାନ୍ତ ଓ ଜୟନ୍ତୀ ମହାନ୍ତଙ୍କ ଜ୍ୟେଷ୍ଠ ପୁତ୍ର ଦ୍ରୁପଦ କୁମାର ମହାନ୍ତ କଲିକତାସ୍ଥିତ ବର୍ଡର ସିକ୍ୟୁରିଟି ଫୋର୍ସରେ ହେଡ କନେଷ୍ଟବଲ ଭାବେ କାର୍ଯ୍ୟରତ ଥିବା ବେଳେ ଗତ ୨୦୧୭ ମସିହା ଅପ୍ରେଲ ୧ ରୁ ୨୦୨୨ ମସିହା ମେ ୩୧ ତାରିଖ ପର୍ଯ୍ୟନ୍ତ ସେ ସିବିଆଇ ସ୍ପେଶାଲ ୟୁନିଟକୁ ଡେପୁଟେସନରେ ଯାଇଥିଲେ । ସେହି ସମୟରେ ସିବିଆଇ ୟୁନିଟରେ ରହି ଭଲ କାମ କରିଥିବାରୁ ଚଳିତ ମାସରେ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଉତ୍କୃଷ୍ଟ ସେବା ପଦକ ପ୍ରଦାନ କରାଯାଇଛି । ଦ୍ରୁପଦ ବର୍ତ୍ତମାନ ଉକ୍ତ ବିଏସଏଫ ରେଜିମେଣ୍ଟ କଲିକତାରେ ହେଡ କନେଷ୍ଟବଲ ଭାବେ କାର୍ଯ୍ୟରତ ଅଛନ୍ତି । ତାଙ୍କ ସାନ ଭାଇ ଚମ୍ପୁଆ ଥାନାରେ ଓଡ଼ିଶା ପୁଲିସରେ ଏଏସଆଇ ଭାବେ କାର୍ଯ୍ୟରତ ଥିବା ବେଳେ ଟ୍ରେନିଂ ସମୟରେ ରାଜ୍ୟର ଶ୍ରେଷ୍ଠ ଏଏସଆଇ ଟ୍ରେନର ଭାବେ ପୁଲିସ ବିଭାଗ ତରଫରୁ କପ ପାଇ ପୁରସ୍କୃତ ହୋଇଥିଲେ । ସେହିପରି ଦ୍ରୁପଦ ମହାନ୍ତଙ୍କ ବଡ଼ ଝିଅ ୨୦୨୨ କେନ୍ଦ୍ରୀୟ ବିଦ୍ୟାଳୟ ମାଟ୍ରିକ ପରୀକ୍ଷାରେ ପଶ୍ଚିମବଙ୍ଗ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ମାନିତ ହୋଇଥିଲେ । ଦ୍ରୁପଦ ମହାନ୍ତଙ୍କୁ ଉତ୍କୃଷ୍ଟ ସେବା ପଦକ ହାସଲ କରିଥିବା ନେଇ ଗ୍ରାମରେ ଖବର ପହଞ୍ଚିବା ପରେ ପରିବାର, ବନ୍ଧୁବାନ୍ଧବ, ସମ୍ପର୍କୀୟ ତଥା ଗ୍ରାମ ଓ ଅଞ୍ଚଳବାସୀ ମଧ୍ୟରେ ଆନନ୍ଦ ଖେଳି ଯାଇଛି ।

# ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ଶୀତବସ୍ତ୍ର ବଣ୍ଟନ



କଣାସ, ୨୭/୧୧ (ନି.ପ୍ର):ପୁରୀ ଜିଲ୍ଲା ଧାନକେରା ପଞ୍ଚାୟତ ଆରଦା ଗ୍ରାମରେ ଥିବା କୃଷି ଓ ଗ୍ରାମାଞ୍ଚଳ ବିକାଶ ସଂଗଠନର ସ୍ୱେଚ୍ଛାସେବୀମାନେ ଅସହାୟ ଓ ବୟସାଧିକ ୧୪୫ ଜଣ ବ୍ୟକ୍ତିଙ୍କୁ ଶୀତବସ୍ତ୍ର ବଣ୍ଟନ କରିଛନ୍ତି । ସଂଗଠନର ପ୍ରତିଷ୍ଠାତା ଶ୍ରୀ ଧନେଶ୍ୱର ସ୍ୱାଇଁ ଏବଂ ଅନ୍ୟ ସ୍ୱେଚ୍ଛାସେବୀମାନେ ଆଜି କଣାସ ଜଙ୍କିଆ ସ୍ଥିତ ଜୟ କିଷାନ ୟୁଥ କ୍ଲବ କୁଷ୍ଠାଶ୍ରମରେ ଥିବା ଅନ୍ତେବାସୀମାନଙ୍କୁ କମ୍ବଳ ଓ ଫଳ ବଣ୍ଟନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । କଣାସର ଡାକ୍ତର ବିଶ୍ୱରଞ୍ଜନ ଜେନା, କଳିଙ୍ଗ କୁମାର ଉପାଧ୍ୟାୟ, ମାନସୀ ବସ୍ତିଆ, ମଞ୍ଜୁଲତା ମହାରଣା ପ୍ରମୁଖଙ୍କ ଉପସ୍ଥିତିରେ ଅନ୍ତେବାସୀଙ୍କୁ ପୋଡୁଆଁ କରାଯିବା ପରେ ଡେଲାଙ୍ଗ ବ୍ଲକର ଅଭୟମୁଖୀ ଓ ଧାନକେରା ଗ୍ରାପପଞ୍ଚାୟତର ଇନ୍ଦିପୁର, ଅଭୟମୁଖୀ, ନଡାଖଣ୍ଡ, ପ୍ରଚଣ୍ଡପୁର, ଆରଦା, ବସନ୍ତପଡ଼ା, ନଳିବସନ୍ତ, ହଳଦୀଗୋରଡ଼ା, ଧାନକେରା, ଶରଧାପୁର, ଟିକରପଡା, ମଝିପଡା, ନିମାକେରା, ବିରମକୁନ୍ଦପୁର, ନରଣପୁର, ନାଗଣ ଆଦି ଗ୍ରାମର ୧୪୫ ଜଣ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ କମଳ ଓ ଫଳ ବଣ୍ଟନ କରାଯାଇଥିଲା । ସମୂହ ପ୍ରଗତୀ ପାଇଁ କିଛି ଶିକ୍ଷିତ ଯୁବବନ୍ଧୁମାନେ ମିଶି ଗ୍ରାମାଞ୍ଚଳର ବିକାଶ ଓ ସମାଜରେ ଥିବା ଗରିବ, ନିଷ୍ପେସିତ ଓ ଅବହେଳିତ ଶ୍ରେଣୀର ଲୋକମାନଙ୍କ ବିକାଶ ସହିତ ପରିବେଶ ଉପଯୋଗୀ କାର୍ଯ୍ୟକ୍ରମ ହାତକୁ ନେଉଥିବା ଜଣାପଡିଛି । ଅନ୍ୟପକ୍ଷରେ ସଂଗଠନ ତରଫରୁ ଗତବର୍ଷ ଠାରୁ ଏକ ଦାତବ୍ୟ ହୋମିଓପ୍ୟାଥିକ କ୍ଲିନିକ ଏହାର ମୁଖ୍ୟ କାର୍ଯ୍ୟାଳୟ ଆରଦା ଠାରେ କାର୍ଯ୍ୟକ୍ଷମ ହୋଇଛି, ଏଥିରେ ପ୍ରତ୍ୟେକ ମାସରେ ୭୦ରୁ ୮୦ ଜଣ ଗରିବ ରୋଗୀଙ୍କୁ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇ ପାରିଛି ।

# ଗୁଣପୁର ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ

ଗୁଣପୁର, ୨୭/୧୧ (ନି.ପ୍ର): ଗୁଣପୁର ମହାବିଦ୍ୟାଳୟ ଠାରେ ଆଜି ଭାରତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ଅଧକ୍ଷ, ଛାତ୍ରଛାତ୍ରୀ, ଅଧ୍ୟାପକଗଣ ଆଜି ସକାଳେ ସମବେତ ହୋଇ ସମ୍ବିଧାନର ପ୍ରସ୍ତାବନା ପାଠ କରିଥିଲେ । ତାପରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ଶଶିଭୂଷଣ ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ତାମିଲା ପରାସେଠ ସଂଯୋଜନା କରିଥିଲେ । ଏଥିରେ ସ୍ଥାନୀୟ ଅତିରିକ୍ତ ତହସିଲଦାର ଶ୍ରୀଯୁକ୍ତ ଅଂଶୁମାନ ପରିଡ଼ା ମୁଖ୍ୟଅତିଥି ରୂପେ ଯୋଗଦେଇ ସମ୍ବିଧାନର ପ୍ରମୁଖ ଆଧାର ଓ ଲୋକମାନଙ୍କ ନିମନ୍ତେ ପ୍ରଣୀତ ଅଧିନିୟମ ଗୁଡ଼ିକ ଉପରେ ନିଜର ମତାମତ ଉପସ୍ଥାପନ କରିଥିଲେ । ଏହାର ପୂର୍ବରୁ ଅନୁଷ୍ଠାନରେ ସମ୍ବିଧାନ ଆଧାରିତ କୁଇଜ୍, ପ୍ରବନ୍ଧ ରଚନା ଓ ଡିଜିଟାଲ ପ୍ରବନ୍ଧ ଉପସ୍ଥାପନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଏହି ସଭାରେ ପୁରସ୍କୃତ କରାଯାଇଥିଲା । ପ୍ରବନ୍ଧରେ ତ୍ରିନାଥ ପାଣିଗ୍ରାହି ପ୍ରଥମ, ସୁବାଶିଷ ମାଳି ଦ୍ୱିତୀୟ ଓ ଅର୍ପୀତା ପାଣିଗ୍ରାହି ତୃତୀୟ ସ୍ଥାନ ଅଧିକାର କରିଥିଲେ, କୁଇଜରେ ଉମେରି ଶବର ପ୍ରଥମ, ଡ଼ୋରଗା ସିଂଗ ଶବର ଦ୍ୱିତୀୟ ଓ ବିଶ୍ୱଜିତ ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ ଏବଂ ସେମିନାରରେ ସୁଦେବ ନାଗ ପ୍ରଥମ, ବିକାଶ ଲିମା ଦ୍ୱିତୀୟ ଓ ଲତା ଗରଡ଼ିଆ ତୃତୀୟ ସ୍ଥାନ ଅଧିକାର କରିଥିଲେ । ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଶ୍ରୀଯୁକ୍ତ ଜ୍ୟୋତି ରଞ୍ଜନ ପଟ୍ଟନାୟକ ଉପସ୍ଥିତ ରହି ସଭାର ଉଦ୍ଦେଶ୍ୟ ଓ ଆବଶ୍ୟକତା ସଂମ୍ପର୍କରେ ଆଲୋକପାତ କରିଥିଲେ । ଅଧକ୍ଷ ଶ୍ରୀଯୁକ୍ତ ଶଶିଭୂଷଣ ମହାନ୍ତି ସମ୍ବିଧାନର ମହତ୍ତ୍ୱ ଓ ଛାତ୍ର ଜୀବନରେ ଏହାର ଉପାଦେୟତା ଉପରେ ମତ ପ୍ରକାଶ କରିଥିଲେ । ଶେଷରେ ଅଧ୍ୟାପକ ଜଗନ୍ନାଥ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ ।

# କୋଷାଗୁମୁଡ଼ା ସରକାରୀ ସ୍ନାତକ ମହାବିଦ୍ୟାଳୟରେ ୭୫ ତମ ଜାତୀୟ ସମ୍ବିଧାନ ଦିବସ ପାଳନ



କୋଷାଗୁମୁଡ଼ା, ୨୭/୧୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ସ୍ଥିତ କୋଷାଗୁମୁଡ଼ା ସରକାରୀ ସ୍ନାତକ ମହାବିଦ୍ୟାଳୟ ଠାରେ ୭୫ ତମ ସମ୍ବିଧାନ ଦିବସ ମହାଆଡମ୍ବରରେ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ରାଜୀବ ଜାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବିଧାନର ମୁଖବନ୍ଧ ପାଠ କରି ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ଅଧ୍ୟାପକ ସୁମନ୍ତ ବାଘେଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଅତିଥି ମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ସମ୍ବିଧାନର ମୂଳତତ୍ତ୍ୱ ଉପରେ ସବିଶେଷ ଆଲୋଚନା କରିଥିବା ବେଳେ ଶିକ୍ଷା ବିଭାଗ ଅଧାପିକା କୁମାରୀ ବିଜୟଲକ୍ଷ୍ମୀ ଦିସାରୀ, ଇତିହାସ ବିଭାଗ ଅଧ୍ୟାପକ ଶ୍ରୀକାନ୍ତ ପଣ୍ଡା, ଇଂରାଜୀ ବିଭାଗ ଅଧ୍ୟାପକ ଗୌରାଙ୍ଗ ଚରଣ ବିଡ଼ିକା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ମାନେ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବିଧାନର ମୁଖବନ୍ଧ ପାଠ କରିବା ସହ ଦେଶର ଶାସନ ଖସଡ଼ା ପ୍ରସ୍ତୁତିର ମୁଖ୍ୟ ବିଦ୍ଧାଣୀ ଡ.ଭୀମ ରାଓ ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ସଂମ୍ପର୍କରେ ଆଲୋକପାତ କରିଥିଲେ । ଏହାପରେ ଛାତ୍ରଛାତ୍ରୀମାନେ ନିକଟସ୍ଥ ଶିରାଗୁଡ଼ାଗ୍ରାମକୁ ଏକ ଶୋଭାଯାତ୍ରାରେ ଯାଇ ଉକ୍ତ ଗ୍ରାମର ଲୋକଙ୍କୁ ସମ୍ବିଧାନ ସଂମ୍ପର୍କରେ ସଚେତନ କରିଥିଲେ । ଛାତ୍ରଛାତ୍ରୀଙ୍କ ଉତ୍ସାହ ଦେଖି ଗ୍ରାମବାସୀ ମଧ୍ୟ ପିଲାମାନଙ୍କୁ ଆଶୀର୍ବାଦ କରି ସେମାନଙ୍କ ସୁନେଲି ଭବିଷ୍ୟତ କାମନା କରିଥିଲେ । ଏହାପରେ ଅନୁଷ୍ଠାନର ସମ୍ମିଳନୀ କକ୍ଷଠରେ ପୂର୍ବରୁ ଅନୁଷ୍ଠିତ ପ୍ରବନ୍ଧ, ବିତର୍କ, କୁଇଜ୍, ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଶ୍ରୀ ପ୍ରଫୁଲ୍ଲ କୁମାର ଗୁଣ୍ଠା ସୁଚାରୁ ରୂପେ ପରିଚାଳନା କରିଥିବା ବେଳେ ସୁନୀଲ ହରିଜନ, ତମନ ବିଶୋଇ ଏବଂ ଗଣେଶ ହରିଜନ ତଥା ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

# ରାୟଗଡ଼ା ଜିଲ୍ଲା ବିଜାପୁର ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ରାସ୍ତା ଅବସ୍ଥା ଶୋଚନୀୟ



ମୁନିଗୁଡ଼ା, ୨୭/୧୧ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାର ଚନ୍ଦ୍ରପୁର ବ୍ଲକ ବିଜାପୁର ଗ୍ରାମପଞ୍ଚାୟତ ଏକ ଉପାନ୍ତ ଅଞ୍ଚଳ ଅଟେ । ଏହି ଗ୍ରାମ ପଞ୍ଚାୟତଦେଇ ମରିଚଗୁଡା ଗ୍ରାମ ଠାରୁ ପ୍ରାୟ ୧୦ କିଲୋମିଟର ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଗୁଡ଼ାରୀ ବ୍ଲକ ସିରିଗୁଡ଼ା ଗ୍ରାମ ଦେଇ ଯାଇଛି । ଏହି ରାସ୍ତାର ନିର୍ମାଣ କାମ ଅତି ନିମ୍ନମାନର ହୋଇଥିବାରୁ ରାସ୍ତାର ମିଆଦ ଗତ ବର୍ଷ ପର୍ଯ୍ୟନ୍ତ ମଧ୍ୟ ଗଲାନାହିଁ ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ସରକାର ନୀରିହ ଲୋକଙ୍କ ଯିବା ଆସିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା କରୁଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ପିଚୁ ଉଠି ବଡ ବଡ ଖାଲଖମା ହୋଇ ମରାମତି ହେଉନଥିବା ନେଇ ସମ୍ପୃକ୍ତ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ଏହିରାସ୍ତା ଦେଇ ଗାଡିଘୋଡା, ବସ, ମଟର ସାଇକେଲ ଯାଉଛି ଓ ଲୋକେ ଉପାୟ ଶୂନ୍ୟ ହୋଇ ଖାଲଖମାରେ ପଡି ଦୁର୍ଘଟଣାର ଶୀକାର ହେଉଛନ୍ତି ଓ ଖଣ୍ଡିଆଖାବରା ହେଉଛନ୍ତି ।

# ଦୁର୍ଗମ-ପାହାଡିଆ ଅଞ୍ଚଳ ବୁଲି ବୋଡ଼େନ ବିଡିଓଙ୍କ କ୍ଷେତ୍ର ପରିଦର୍ଶନ - ଲୋକଙ୍କ ସମସ୍ୟା ବୁଝିଲେ

ନୂଆପଡା, ୨୭/୧୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ବିଡିଓ ସୁଶାନ୍ତ କୁମାର ରଣା ପାହାଡିଆ ଅଞ୍ଚଳ ଭିତରେ ଥିବା ଗ୍ରାମ ଗୁଡ଼ିକ ବୁଲି ଦେଖିବା ସହ ସେଠାକାର ଲୋକଙ୍କ ସହ ବସି ସେମାନଙ୍କ ସମସ୍ତ ପ୍ରକାର ସୁବିଧା ଓ ଅସୁବିଧା ବୁଝିଥିଲେ । ବିଡ଼ିଓଙ୍କ ସହ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶୁତୋଷ ରାଉତ, କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର କୁମାର ସାହୁ ପରିଦର୍ଶନରେ ସାମିଲ ଥିଲେ । ନାଗପଡ଼ା ପଞ୍ଚାୟତ ଅଧିନରେ ଥିବା ବଣ ପାହାଡ଼ ଘେରା ଗ୍ରାମ ଖୋଲିଭିତର, ଛୁଇଁପାଣି ଓ ଭୂଇଁପାଣିକୁ ଯାଇ ଲୋକଙ୍କ ଶିକ୍ଷା ଅବସ୍ଥା, ସ୍ୱାସ୍ଥ୍ୟ ଅବସ୍ଥା, ପ୍ରତିଦିନ ଜୀବନ ଜୀବିକା ନିମନ୍ତେ କରୁଥିବା କାର୍ଯ୍ୟ, ଭତ୍ତା, ପାନୀୟ ଜଳ, ବାସଗୃହ,



ଖାଉଟି ସମସ୍ୟା, ଯାତାୟାତ ପାଇଁ ରାସ୍ତା ସମସ୍ୟା ଇତ୍ୟାଦି ବିଷୟରେ ଲୋକଙ୍କ ସହିତ ବସି ଆଲୋଚନା କରିଛନ୍ତି । ପ୍ରତ୍ୟେକ ସମସ୍ୟା ଓ ଆବଶ୍ୟକତାକୁ ଲିପିବଦ୍ଧ କରି ବିଭାଗୀୟ ଅଧିକାରୀଙ୍କୁ ଏହାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏନଆରଇଜିଏସ କାର୍ଯ୍ୟ ମାଧ୍ୟମରେ ସେଠାକାର ଶ୍ରମିକ କେମିତି କାମ ପାଇପାରିବ, ଚାଷୀ କେମିତି ଜମି ମରାମତି କରି ଅଧିକ ଅମଳ କରିପାରିବ ତା ଉପରେ ବିଶେଷ ଧାନ ଦେଇଛନ୍ତି । ରାସ୍ତା କାମ, ଜମି ମରାମତି, ପୋଖରୀ ଖନନ ଭଳି କାର୍ଯ୍ୟ କରିବାକୁ ଲୋକଙ୍କୁ ଉତ୍ସାହିତ କରିଥିଲେ । କିଛି ଦିନ ପୂର୍ବରୁ ଜଙ୍ଗଲ ମଧ୍ୟରେ ଥିବା କାଠଫାର ଗ୍ରାମକୁ ମଧ୍ୟ ବୁଲିବା ପାଇଁ ଯାଇଥିଲେ ଏବଂ ପ୍ରୟାସ କରୁଛନ୍ତି ସହରର ଲୋକ ଯେଉଁଳି ଭାବରେ ସୁବିଧାରେ ରହୁଛନ୍ତି ଠିକ୍ ସେହିଭଳି ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ଲୋକ ମଧ୍ୟ ସୁବିଧା ସୁଯୋଗ ପାଇ ଠିକ୍ ଭାବରେ ଚଳନ୍ତୁ ।

# ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ଏନଏସଏସ କୋ-ୟୁନିଟ ପକ୍ଷରୁ ଜାତୀୟ ସମ୍ବିଧାନ ଦିବସ ପାଳିତ

ବେଲଗୁଣ୍ଠା, ୨୭/୧୧ (ନି.ପ୍ର): ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ଏନଏସଏସ କୋ-ୟୁନିଟ ତରଫରୁ ଜାତୀୟ ସମ୍ବିଧାନ ଦିବସ ମହାବିଦ୍ୟାଳୟ ଅଧକ୍ଷ ଅଜିତ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ରାଜନିତୀ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ସନ୍ତୋଷ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ରୂପେ ଇତିହାସ ବିଭାଗ ମୁଖ୍ୟ ଅଶୋକ କୁମାର ସ୍ୱାଇଁ, ଅଧ୍ୟାପକ ଅଶୋକ କୁମାର ପ୍ରଧାନ, ଅଧ୍ୟାପକ ଅଜୟ କୁମାର ବିଶ୍ୱାଳ, ଅଧ୍ୟାପିକା ପିଙ୍କି ପାତ୍ର ଏବଂ କ୍ରୀଡ଼ା ଶିକ୍ଷକ ବିଶ୍ୱରଞ୍ଜନ ସ୍ୱାଇଁ, ରଞ୍ଜିତ୍ କୁମାର ସାମଲ, ସପନ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ମୁଖ୍ୟବକ୍ତା ଶ୍ରୀ ପାଣିଗ୍ରାହୀ ସମ୍ବିଧାନର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ସପନ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଗୋପ କୃଷି କାର୍ଯ୍ୟଳୟ ଠାରେ ବ୍ଲକ-ସ୍ତରୀୟ କୃଷି ଯନ୍ତ୍ରପାତି ସଚେତନତା ଶିବିର ଆୟୋଜିତ

ନିମାପଡା, ୨୭/୧୧ (ନି.ପ୍ର): ପୁରୀ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଗୋପ କୃଷି ବିଭାଗ କାର୍ଯ୍ୟଳୟ ମଧ୍ୟରେ ଏକ କୃଷି ଯନ୍ତ୍ରପାତି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ପୁରୀ ଜିଲ୍ଲା କୃଷି ବିଭାଗର ନିର୍ବାହୀ ଯନ୍ତ୍ରୀ ସୀମାନ୍ତ କୁମାର ପରିଡା, ନିମାପଡା କୃଷି ବିଭାଗର ସହକାରୀ ଯନ୍ତ୍ରୀ ଆଶାପୂର୍ଣ୍ଣା ସେଠୀ, ଗୋପ ବ୍ଲକ କୃଷି ଅଧିକାରୀ ଚନ୍ଦ୍ର ଶେଖର ଦାସ, ମିଶନ ଶକ୍ତିର ବିପିସି ବିଜୟଲକ୍ଷ୍ମୀ ମହାରଣା ପ୍ରମୁଖ ଯୋଗଦେଇ କୃଷି ସଚେତନତା ବିଷୟରେ ବୁଝାଇ କହିଥିଲେ । ଏହି ସଚେତନତା ଶିବିରର ଆସନ୍ତା ଡ଼ିସେମ୍ବର ମାସ ୧୭ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜିଲ୍ଲା-ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ସମ୍ପର୍କରେ ସୂଚନା ଦିଆଯାଇଥିଲା । ଏହି ଶିବିରରେ ଗୋପ ବ୍ଲକର ସମସ୍ତ କର୍ମଚାରୀ ଏବଂ ପଞ୍ଚାୟତରୁ ଶତାଧିକ ଏସଏଚଜି ଗ୍ରୁପ ମହିଳାଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ । ପରେ ଚାଷୀ ମାନେ କୃଷି କାର୍ଯ୍ୟଳାୟ ପରିସର ମଧ୍ୟରେ ବିଭିନ୍ନ କମ୍ପାନୀରୁ ଆସିଥିବା କୃଷି ଯନ୍ତ୍ରପାତିକୁ ବୁଲି ଦେଖିବା ସହ ତାହାର ଉପାଦେୟତା ବିଷୟରେ ପଚାରି ବୁଝିଥିଲେ ।

## ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେଙ୍କ ଉଦ୍ଦେଶ୍ୟରେ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳୀ ସଭା ଆୟୋଜିତ



ଜଗତପୁର, ୨୭/୧୧ (ନି.ପ୍ର):କଟକ ସହରର ବରିଷ୍ଠ ବିଜେପି ନେତା ଲଗାତର ତିନି ତିନି ଥରର ବିଧାୟକ, ଦୁଇଥର ମନ୍ତ୍ରୀ ଥିବା ସମୀର ଦେଙ୍କ ବିୟୋଗରେ ଜଗତପୁର କୃଷ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଯୁବ ଆଇନଜୀବୀ ତଥା ପୂର୍ବତନ କର୍ପୋରେଟର ନୀରୋଦ ଚନ୍ଦ୍ର ପଣ୍ଡାଙ୍କ ଆବାହକତ୍ୱରେ ଏକ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ମୁରବୀ ଚିରଞ୍ଜୀୟ ବେହେରା ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ନୀରୋଦ ପଣ୍ଡା ସଭାକାର୍ଯ୍ୟ ସଂଚାଳନ କରିଥିଲେ । ପ୍ରଥମେ ଉପସ୍ଥିତ ସମସ୍ତ ଅତିଥିମାନେ ସ୍ୱର୍ଗତ ସମୀର ଦେଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଆତ୍ମାର ସଦ୍ ?ଗତି ନିମନ୍ତେ ନୀରବ ପ୍ରାର୍ଥନା କରିବା ସହ ତାଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରିଥିଲେ । ତାଙ୍କ ମନ୍ତ୍ରୀତ୍ୱ ସମୟରେ ରାଜ୍ୟ, କଟକ ଏବଂ ବିଶେଷ କରି ଜଗତପୁର ଅଂଚଳରେ ତାଙ୍କ ଅବଦାନ ଅତୁଳନୀୟ । ସେ ନଗର ଉନ୍ନୟନ ମନ୍ତ୍ରୀ ଥିବା ସମୟରେ ଜଗତପୁର ଅଂଚଳରେ ପାଇପଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଥିବା ସମୟରେ ଜଗତପୁର କଲେଜରେ ତିନୋଟି ବିଭାଗରେ ସମ୍ମାନ ଖୋଲାଇଥିଲେ । ଏହି କାର୍ଯ୍ୟକ୍ରମରେ ଜଗତପୁର କାର୍ତ୍ତିକେଶ୍ୱର ପୂଜା ଶାନ୍ତିକମିଟି ସଭାପତି ତ୍ରିଲୋଚନ ପଣ୍ଡା, କର୍ପୋରେଟରଙ୍କ ପ୍ରତିନିଧି ନାଗେଶ୍ୱର ବେହେରା, କଟକ-ଚୌଦ୍ୱାର ବିକାଶ ପରିଷଦ ସଭାପତି ମାନସ ପରିଡା, ଜଗତପୁର ବିଦ୍ୟୁତ ଉପଭୋକ୍ତା ସଂଘ ସଭାପତି ତୀର୍ଥାନନ୍ଦ ପଣ୍ଡା, କବି ମନୋରଂଜନ ପଣ୍ଡା, ବଡଲେଇ ହରପାର୍ବତୀ ପୂଜା କମିଟି ସଭାପତି ସଚ୍ଚିଦାନନ୍ଦ ଶୁକ୍ଳ, ଶିକାରୀପୁର ପୂଜା କମିଟି ସଂପାଦକ ଚିତ୍ତରଂଜନ ମହାନ୍ତି, କଂଗ୍ରେସ ନେତା ରଶ୍ମିକାନ୍ତ ସାମଲ, ବରିଷ୍ଠ ମୁରବୀ ମୁରଲୀ ମଲିକ, ସଚିଦାନନ୍ଦ ବେହେରା, ଶିବୁ ସେଠୀ, ସିଦ୍ଧାନ୍ତ ପଣ୍ଡା, ବିରଞ୍ଚିସାମଲ ଚିନ୍ତାମଣୀ ଦାସ, ବସ୍ତିନେତା ସୁକାନ୍ତ ନାୟକ, ବିଷ୍ଣୁ ନାୟକ, ସୌମ୍ୟରଂଜନ ପଣ୍ଡା, ଜ୍ଞାନରଂଜନ ପଟ୍ଟନାୟକ, ପି.ଏଲ୍ ?.ଭି. ଲୋକନାଥ ଶତପଥି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦେଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ପାଞ୍ଚମାସ ପରେ ନିଶ୍ଚିନ୍ତକୋଇଲି ଏବେ ପାଲଟିବାକୁ ଯାଉଛି ନର୍କ

ନିଶ୍ଚିନ୍ତକୋଇଲି, ୨୭/୧୧ (ନି.ପ୍ର): ନିଶ୍ଚିନ୍ତକୋଇଲି ଅହେମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ମହୋତ୍ସବ ସମାରୋହରେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା, ମାହାଙ୍ଗା ବିଧାୟକ ଶ୍ରୀମାନ୍ ଶାରଦା ପ୍ରସାଦ ପ୍ରଧାନଙ୍କ ସମେତ ବହୁ ବିଜେପି ନିର୍ବାଚିତ ପ୍ରତିନିଧି ଓ ବିଜେପି ଦଳୀୟ ଉଚ୍ଚ ପଦପଦବୀଧାରୀ ଯୋଗଦେଇଥିଲେ । ଆୟୋଜିତ ମହୋତ୍ସବରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ଓ ମାହାଙ୍ଗା ବିଧାୟକ ଶାରଦା(ବୁଲୁ) ଉଭୟଙ୍କ ସହମତିରେ ଯଦି ଉନ୍ନୟନ ମୂଳକକାର୍ଯ୍ୟ କରାଯାଏ ତାହାହେଲେ ନିଶ୍ଚିନ୍ତକୋଇଲି ନ୍ୟୁୟର୍କ ପରିଣତ ହେବ । ଇତି ମଧ୍ୟରେ ପାଖା ପାଖି ୫ ମାସ ସମୟ ବିତିଗଲାଣି । ନିଶ୍ଚିନ୍ତକୋଇଲି ନ୍ୟୁୟର୍କ ହେବା ପରିବର୍ତ୍ତେ ନର୍କରେ ପରିଣତ ହେବାକୁ ଯାଉଛି । ତେବେ କ'ଣ କେନ୍ଦ୍ରାପଡା ସାଂସଦ ଓ ମାହାଙ୍ଗା ବିଧାୟକଙ୍କ ମଧ୍ୟରେ ତାଳ ମେଳ ରହୁନାହିଁ ନା କ'ଣ ? ଏହାର ଜ୍ୱଳନ୍ତ ଉଦାହରଣ (୧) ନିଶ୍ଚିନ୍ତକୋଇଲି ବଜାରର ଉଜ୍ଜ୍ୱଳ ଆଲୋକୀକରଣ ଦୀର୍ଘ ଦିନ ହେବ ଅନେକ ଖୁଣ୍ଟରେ ବିଦ୍ୟୁତ ବଲ୍ ?ବ ଗୁଡିକ ଆଦୌ ଜଳୁନଥିବା ବେଳେ କେଉଁଠି କେଉଁଠି ଝାସ୍ସା ଜଳୁଛି ତ ଅନ୍ୟ କେଉଁଠି ଖୁଣ୍ଟ ଉପୁଡି ପଡିଛି (୨)ନିଶ୍ଚିନ୍ତକୋଇଲି-ଲଳିତଗିରି ରାସ୍ତାରୁ ନିଶ୍ଚିନ୍ତକୋଇଲି ହାଟ ପାଖ ତାରିଣୀ ମନ୍ଦିର ପାଖରୁ କାଜିହାଟ ରାସ୍ତାର ପ୍ରଥମ ମୁଣ୍ଡରେ ଏକ ଡ୍ରେନେଜ ଖୋଲା ଅବସ୍ଥାରେ ପଡି ରହିଛି ।(୩) ନିଶ୍ଚିନ୍ତକୋଇଲି ବଜାର ହେଉଛି ଏକ କାରବାରର ପେଣ୍ଠସ୍ଥଳୀ । ରାଜ୍ୟରାଜପଥ କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବଜାରଠାରେ କୌଣସି ଯାତ୍ରୀବିଶ୍ରାମଗାର ନଥିବାରୁ ଯାତ୍ରୀମାନେ ନାନା ଅସୁବିଧା ଭୋଗୁଛନ୍ତି । (୪) ବିଭିନ୍ନ ପଂଚାୟତରେ ରାସ୍ତାଘାଟ ଗୁଡିକ ମରାମତି ଅଭାବରୁ ଗମନାଗମନ ଅନୁପଯୋଗୀ ହୋଇପଡିଛି । ପାଇପ ଯୋଗେ ବିଶୁଦ୍ଧ ପାନୀୟଜଳ ପ୍ରତିଘରକୁ ଯୋଗାଯାଇ ପାରିନାହିଁ । ଏମିତି ଅନେକ ମୌଳିକ ସମସ୍ୟା ନିଶ୍ଚିନ୍ତକୋଇଲି ଅଂଚଳରେ ରହିଛି । ଯାହାର ସମାଧାନ ୨୪ ବର୍ଷର ବିଜେଡି ସରକାର ପରେ ରାଜ୍ୟରେ ଏବେ କ୍ଷମତାରେ ଥିବା ବିଜେପି ସରକାର କରିବାରେ ବିଫଳ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି । କେବେ ଆସିବ ସେ ସୁଦିନ ନିଶ୍ଚିନ୍ତକୋଇଲି ହେବ ନ୍ୟୁୟର୍କ - ନା ଏମିତି ନିଶ୍ଚିନ୍ତକୋଇଲି ନର୍କ ହୋଇ ରହିଥିବ ତାହା ଆଗାମୀ ଦିନର ସମୟ କହିବ ।

## ବିଜେପି କାର୍ଯ୍ୟକର୍ତ୍ତା ସ୍ୱର୍ଗତ ମାଧବାନନ୍ଦ ଭୂୟାଁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଓ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ

ନିଶ୍ଚିନ୍ତକୋଇଲି, ୨୭/୧୧ (ନି.ପ୍ର): ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅନ୍ତର୍ଗତ ତିଲକଣା ପଂଚାୟତର ଜଣେ ବରିଷ୍ଠ, ଦକ୍ଷ ବିଜେପି ସଂଗଠକ ସ୍ୱର୍ଗତ ମାଧବାନନ୍ଦ ଭୂୟାଁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଓ ଶ୍ରଦ୍ଧାଞ୍ଜଳୀ ସଭା ସ୍ୱର୍ଗତ ଭୂୟାଁଙ୍କ ପୈତୃକ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ଭୂୟାଁଙ୍କ କନିଷ୍ଠ ପୁତ୍ର ଶିବପ୍ରସାଦ ଭୂୟାଁଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ତିଲକଣା ପଂଚାୟତ ସରପଂଚଙ୍କ ପ୍ରତିନିଧି ବିଶ୍ୱନାଥ ପଣ୍ଡା, ବନ୍ଧୁପୁର ପଂଚାୟତ ପୂର୍ବତନ ସରପଂଚ ଶଶୀକାନ୍ତ ମହାନ୍ତି, ସମାଜସେବିକା ପୁଷ୍ପିତା ପଣ୍ଡା, ତିଲକଣା ପଂଚାୟତ ବିଜେପି ପ୍ରମୁଖ ତପନ କୁମାର ଜେନା, ବିଚିତ୍ରାନନ୍ଦ ଦାସ, ବିଜେପି ଯୁବନେତା ମୀନକେତନ ମହାନ୍ତି ସ୍ୱର୍ଗତ ଭୂୟାଁଙ୍କ ପରିବାରର ଅନ୍ୟ ସଦସ୍ୟ ସଦସ୍ୟାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ସ୍ୱର୍ଗତ ଭୂୟାଁଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି ।

## ଛାତ୍ରୀ ନିବାସରେ ଛାତ୍ରୀଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ

ପାଟଣା, ୨୭/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକର ଫୁଲପାହାଡି ଆଶ୍ରମ ବିଦ୍ୟାଳୟରେ ଛାତ୍ରୀଙ୍କୁ ଦିଆଯାଉଛି ନିମ୍ନମାନର ଖାଦ୍ୟ । ନିମ୍ନମାନର ଖାଦ୍ୟ ଦିଆଯାଉ ଥିବାକୁ ନେଇ ଅଭିଯୋଗ ଆଣିଛନ୍ତି ଅଭିଭାବକ ଓ ଛାତ୍ରୀ ମାନେ । ଛାତ୍ରୀନିବାସର ପରିଚାଳନାରେ ତ୍ରୁଟି ସହ ଛାତ୍ରୀଙ୍କୁ ପ୍ରତ୍ୟେକ ଦିନ ପୋକରା ଚାଉଳର ଭାତ ସହିତ ପାଣିଆ ଡାଲି, ବୋଇତାଲୁ ଆଳୁ ସିଜା ଓ ଡାଲିରେ କୋ ?ଣସି ପନିପରିବା ନପକାଇ ମୋଟ ୧୫୦ ଜଣ ଛାତ୍ରଛାତ୍ରୀଙ୍କୁ ଖାଇବାକୁ ଦିଆଯାଉଛି । ଆଜି ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଣ୍ଡା ଦିଆଯିବାର ନିୟମ ଥିବାବେଳେ ମାତ୍ର ୫ଟି ଅଣ୍ଡା ସିଜା ଯାଇଥିବା ଦେଖାଯାଇଛି । ସେହିଭଳି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବ୍ୟବହାରରେ ଛାତ୍ରୀମାନେ ଅତିଷ୍ଠ ହୋଇଥିବା ବେଳେ, ଅଭିଭାବକ ମାନେ କହିଛନ୍ତି ଦୀର୍ଘ ୧୨ ବର୍ଷ ହେବ ଏହି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଭୋଳାନାଥ ମହାନ୍ତ ରହିଛନ୍ତି । ସରକାରଙ୍କ ନିୟମ ଅଛି କି ପାଞ୍ଚ ବର୍ଷରୁ ଅଧିକ ଗୋଟିଏ ବିଦ୍ୟାଳୟରେ ଜଣେ ଶିକ୍ଷକ ରହି ପାରିବେନି, ମାତ୍ର ଏଠାରେ କିଭଳି ଏହି ଶିକ୍ଷକ ଦୀର୍ଘ ବର୍ଷ ଧରି ରହିଛନ୍ତି ବୋଲି ଅଭିଭାବକ ମାନେ ପ୍ରଶ୍ନ କରିଛନ୍ତି । ଖୁବଶୀଘ୍ର ପ୍ରଧାନଶିକ୍ଷକଙ୍କୁ ଏହି ବିଦ୍ୟାଳୟରୁ ଅନ୍ୟତ୍ର ବଦଳି କରିବା ପାଇଁ ଅଭିଭାବକ ମାନେ ଦାବି କରିଛନ୍ତି ।

## ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଧରଣୀଧର ମହାପାତ୍ରଙ୍କ ପରଲୋକ - ବିଭିନ୍ନ ମହଲରେ ଶୋକ

ନିଶ୍ଚିନ୍ତକୋଇଲି, ୨୭/୧୧ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ପାଳଦା ପଂଚାୟତ ସାହୁକ୍ଷେତ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ? ସ୍ୱର୍ଗତ ଧରଣୀଧର ମହାପାତ୍ରଙ୍କ ୮୭ବର୍ଷ ବୟସରେ ପରଲୋକ ହୋଇଯାଇଛି । ଜଣେ ସ୍ନେହୀ ଆଦର୍ଶ ଶିକ୍ଷକ ଭାବରେ ସେ ସମଗ୍ର ଅଂଚଳରେ ବେଶ୍ ? ଜଣାଶୁଣା ଥିଲେ । ଅଚ୍ୟୁତାନନ୍ଦ ବିଦ୍ୟାପୀଠରୁ ୧୯୯୭ ମସିହାରେ ଅବସର ଗ୍ରହଣ କରିବା ପରେ ନିଜକୁ ବିଭିନ୍ନ ଜନହିତକର କାର୍ଯ୍ୟରେ ସାମିଲ କରିଥିଲେ । ତାଙ୍କ ବିୟୋଗ ଖବର ପ୍ରଚାର ହେବା ପରେ ସମଗ୍ର ଅଂଚଳରେ ଶୋକର ଛାୟା ଖେଳିଯାଇଥିଲା । ସାହିତ୍ୟିକ ଡକ୍ଟର ଗୋବିନ୍ଦ ଭୂୟାଁ ,ଆଇନଜୀବୀ ନାରାୟଣ ଦ୍ୱିବେଦୀ ସ୍ୱର୍ଗତ ମହାପାତ୍ରଙ୍କ ସହକର୍ମୀ ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱନାଥ ମହାନ୍ତି, କୃଷ୍ଣଚନ୍ଦ୍ର ନାୟକ, ଶିକ୍ଷାବିତ୍ ? ହେମନ୍ତ କୁମାର ଲେଙ୍କା, ସାମ୍ବାଦିକ କ୍ଷମାନିଧି ପୂଝାରୀ, ଡକ୍ଟର ନିରଞ୍ଜନ ପ୍ରଧାନ, ଜନମଙ୍ଗଳସଭାପତି ପ୍ରମୋଦ କୁମାର ଦାଶ, ଧରଣୀଧର ପୁଝାରୀ, ମଳୟ କୁମାର ଦେ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ଦାସ, ବଂଶୀଧର ବେହେରା, କୈଳାସ ଚନ୍ଦ୍ର ମହାନ୍ତି, ନଗସପୁର ଜୟନ୍ତୀ ବିଦ୍ୟାପୀଠର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ହୋତା, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକକୂଳ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି । ମହାନଦୀସ୍ଥିତ ଗ୍ରାମ୍ୟ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ତାଙ୍କର ଜ୍ୟେଷ୍ଠପୁତ୍ର ଗଗନବିହାରୀ ମହାପାତ୍ର ମୁଖାଗ୍ନି ଦେଇଥିବା ବେଳେ ସାନପୁଅ ଗୋଲଖ ବିହାରୀ ମହାପାତ୍ର, ପୁତ୍ରବଧୂ ଗାୟତ୍ରୀ ମହାପାତ୍ର, ମମତା ମହାପାତ୍ର, ନାତି ଅବିନାଶ ମହାପାତ୍ରଙ୍କ ସମେତ ସମସ୍ତ ବନ୍ଧୁବାନ୍ଧବ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ ।

## ଶୃଙ୍ଖଳା ଚିତ୍ରୋତ୍ପଳା - ଲୁଣାରେ କମୁଛି ଜଳସ୍ତର : ଦୁଇ ଦ୍ୱୀପାଞ୍ଚଳରେ ଉତ୍କଟ ହେବ ଜଳ ସମସ୍ୟା

ନିଶ୍ଚିନ୍ତକୋଇଲି, ୨୭/୧୧ (ନି.ପ୍ର): ମହାନଦୀର ଅନ୍ୟତମ ପ୍ରମୁଖ ଶାଖା ନଦୀ ଚିତ୍ରୋତ୍ପଳା ଶୁଖି ଯାଇଥିବା ବେଳେ ଅନ୍ୟତମ ଶାଖା ନଦୀ ଲୁଣା ସମଗ୍ର ଦ୍ୱୀପାଞ୍ଚଳବାସୀଙ୍କ ଚିନ୍ତା ବଢାଇଛି । ଫଳରେ ଆଗାମୀ ଦିନରେ ଏହି ଦୁଇ ନଦୀର ଦ୍ୱୀପାଞ୍ଚଳରେ ଉତ୍କଟ ପାନୀୟ ଜଳ ସଂକଟ ସାଙ୍ଗକୁ ଚାଷ କାର୍ଯ୍ୟ ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହେବ ବୋଲି ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି । ପ୍ରତିବର୍ଷ ଡିସେମ୍ବର ପ୍ରଥମ ସପ୍ତାହ ବେଳକୁ ଚିତ୍ରୋତ୍ପଳା ନଦୀ ଶୁଖିଲା ପଡୁଥିବା ଦେଖିବାକୁ ମିଳୁଥିବା ବେଳେ ଚଳିତ ବର୍ଷ ନଭେମ୍ବର ମାସ ମଧ୍ୟ ଭାଗରୁ ଏହି ନଦୀ ମୁହାଣ ଶୁଖି ଯିବା ଘଟଣା ଚାଷୀମାନଙ୍କୁ ବିଚଳିତ କରିଛି । ଚିତ୍ରୋତ୍ପଳା ନଦୀ କୂଳରେ ଥିବା ଶହ ଶହ ହେକ୍ଟର ଚାଷ ଜମିରେ ଚାଷୀମାନେ କୋବି, ଆଳୁ, ବିନ୍ ?, ଝୁଡଙ୍ଗ, ପୋଟଳ, ବାଇଗଣ, କଲରା ଆଦି ପନିପରିବାର ଚାଷ କରି ବେଶ୍ ? ଦି ପଇସା ରୋଜଗାର କରୁଥିବା ବେଳେ ଚଳିତ ବର୍ଷ ନଦୀ ଶୁଖି ଯିବାରୁ କଳମିଶ୍ରି, ସାନ୍ତପୁର, ପାଳଦା, ବାବୁଜଙ୍ଗ, ଉତ୍ତରକୂଳ, ନଗସପୁର, ତିଳକଣା, ନେମାଳ ଆଦି ପଂଚାୟତର ବହୁ ଚାଷୀ ଚଳିତ ବର୍ଷ ପାଣି ବିନା ଚାଷ କାର୍ଯ୍ୟ କରିବା ପାଇଁ ଦ୍ୱନ୍ଦ୍ୱରେ ଅଛନ୍ତି । ଅପରପକ୍ଷରେ ଦୀର୍ଘଦିନ ହେବ ବର୍ଷା ଉଭାନ ହୋଇଥିବାରୁ ବହୁ ଚାଷୀ ବାଦାମ ଚାଷ ନିମିତ ବେଉଷଣ କରିବା କଷ୍ଟକର ହୋଇ ପଡିଛି । ସେହିପରି ଲୁଣାନଦୀର ଜଳସ୍ତର କମିଯାଇ ଧୀରେ ଧୀରେ ଶୁଖି ଯାଉଥିବାରୁ ଆଗାମୀ ଦିନରେ ପିଇବା ପାଣିଠାରୁ ଆରମ୍ଭ କରି ଚାଷ କାର୍ଯ୍ୟ ବ୍ୟାହାତ ହେବା ଆଶଙ୍କା ଦେଖାଦେଇଛି । ଉଭୟ ନଦୀର ମୁହାଣକୁ ଖୋଳିବା ପାଇଁ ଦୀର୍ଘ ବର୍ଷ ଧରି ଦ୍ୱୀପାଞ୍ଚଳର ଚାଷୀ ଓ ସାଧାରଣ ଜନତା ଦାବି କରିଆସୁଥିଲେ ମଧ୍ୟ ସେଥିପ୍ରତି କେହି କର୍ଣ୍ଣପାତ ନକରିବା ଘଟଣା ସାଧାରଣରେ ଅସନ୍ତୋଷର କାରଣ ପାଲଟିଛି । ଏବେ ଠାରୁ ସରକାର ସଚେତନ ନହେଲେ ଆଗାମୀ ଗ୍ରୀଷ୍ମଦିନରେ ପରିସ୍ଥିତି ଅଣାୟତ ହେବ ବୋଲି ଚର୍ଚ୍ଚା ଯୋର ଧରିଛି ।



## ଚକ୍ରଧର ମେମୋରିଆଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ

ନିଶ୍ଚିନ୍ତକୋଇଲି, ୨୬/୧୧/୨୦୨୪, କଳିଙ୍ଗ ଜ୍ୟୋତି : ଭାରତକୁ ଏକ ସାର୍ବଭୌମ୍ୟ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ, ସାଧାରଣତନ୍ତ୍ର ରୂପେ ଗଠନ କରିବାର ଲକ୍ଷ୍ୟ ନେଇ ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଉପାସନାର ସ୍ୱତନ୍ତ୍ରତା, ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ସହ ବ୍ୟକ୍ତି ମର୍ଯ୍ୟାଦା ରକ୍ଷା କରି ଭାତୃଭାବ ସୃଷ୍ଟି କରିବା ଲକ୍ଷ୍ୟରେ ସମ୍ବିଧାନ ଦିବସ ଅଭିପ୍ରେତ ବୋଲି ବକ୍ତାମାନେ ସମ୍ବିଧାନ ଦିବସ ଅବସରରେ ମତବ୍ୟକ୍ତ କରିଛନ୍ତି । ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇସ୍ଥ ଚକ୍ରଧର ମେମୋରିଆଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ଦିବସରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରେକୃଷ୍ଣ ବେହେରା ଅଧ୍ୟକ୍ଷତା କରିଥିଲେ । ଅନୁଷ୍ଠିତ ଉକ୍ତ ଆଲୋଚନା ଚକ୍ରକୁ



ପ୍ରାକ୍ତନ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ରାଉତ ଉଦ୍ ?ଘାଟନ କରି ସମସ୍ତେ ସମ୍ବିଧାନର ମୂଲ୍ୟବୋଧକୁ ସମ୍ମାନ ଦେବାକୁ ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ପରିବେଶବିତ୍ ? ପ୍ରମୋଦ କୁମାର ଦାଶ ସମ୍ବିଧାନର ସମସ୍ତ ଧାରାକୁ ସର୍ବସାଧାରଣରେ ଆବାଳ ବୃଦ୍ଧ ବନିତା ତ୍ୱରିତ କରାଇ ଦେଶରେ ଶାନ୍ତି, ପ୍ରଗତି ଓ ସମୃଦ୍ଧିକୁ ନିଶ୍ଚିନ୍ତ କରାଇବାକୁ ଆହ୍ୱାନ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ବସ୍ତିଆ, ସହକାରୀ ଶିକ୍ଷକ ନିମାଇଁ ଚରଣ ସାହୁ, ସହକାରୀ ଶିକ୍ଷୟିତ୍ରୀ ନିରୁପମା ସାହୁ, ସସ୍ମିତା ସାହୁ, ପ୍ରମୁଖ ଯୋଗଦାନ କରି ସମ୍ବିଧାନ ଦିବସର ତାତ୍ପର୍ଯ୍ୟ ସଂପର୍କରେ ବୁଝାଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପରିଚାଳନା କମିଟି ଉପସଭାପତି ସୁମିତ୍ରା ଦଳାଇ, ଶିକ୍ଷୟିତ୍ରୀ ପ୍ରିୟଲକ୍ଷ୍ମୀ ପାଣିଗ୍ରାହୀ, ସ୍ମୃତିଶ୍ରୀ ବେହେରା, ସକ୍ରିୟ ସହଯୋଗ କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ ସମ୍ବିଧାନ ସଂପର୍କିତ ସାମୁହିକ ଶପଥପାଠ କରାଯାଇଥିଲା । ଶେଷରେ ସହକାରୀ ଶିକ୍ଷୟିତ୍ରୀ ଜୟଶ୍ରୀ ଶତପଥି ଧନ୍ୟବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଛାତ୍ର ଛାତ୍ରୀଙ୍କ ସହ ସ୍ଥାନୀୟ ଅଭିଭାବକମାନେ ଯୋଗଦାନ କରିଥିଲେ ।

## ପାଟଣା ଅବକାରୀ ଥାନା ଅଧିକାରୀଙ୍କ ବଦଳି ନିମନ୍ତେ ସାଧାରଣରେ ଦାବି

ପାଟଣା, ୨୭/୧୧ (ନି.ପ୍ର): ପାଟଣା ବ୍ଲକ ଏବଂ ସାହାରପଡା ବ୍ଲକ ଅଞ୍ଚଳକୁ ନେଇ ପାଟଣାରେ ଏକ ଅବକାରୀ ଥାନା ରହିଛି । ଉକ୍ତ କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀଣି ମାସରେ ଥରେ କିମ୍ବା ଦୁଇଥର କାର୍ଯ୍ୟାଳୟକୁ ଆସୁଛନ୍ତି । ପାଟଣା ସାହାରପଡା ବ୍ଲକ ଅଞ୍ଚଳରେ ବ୍ୟାପକ ମାତ୍ରାରେ ମହୁଲି ମଦ ଏବଂ ବିଦେଶୀ ମଦ ଛୋଟମୋଟ ପାନଦୋକାନ ଠାରୁ ଆରମ୍ଭ କରି ବିଭିନ୍ନ ହୋଟେଲ ଏବଂ ଢ଼ାବାରେ ବିକ୍ରି ହେଉଥିବା ବେଳେ ଅବକାରୀ ବିଭାଗ ଆଖି ବନ୍ଦ କରି ଚୁପ ହୋଇ ବସିଛି । ଅବକାରୀ ଅଧିକାରୀଣୀ ନିଜ କାର୍ଯ୍ୟାଳୟର କର୍ମଚାରୀ ମାନଙ୍କୁ ଅସଦ ବ୍ୟବହାର କରିବା ସହିତ ସେମାନଙ୍କୁ ଗାଳିଗୁଲଜ କରୁଛନ୍ତି । ଏ ସମ୍ବନ୍ଧରେ ଚଳିତ ମାସ ପାଟଣାରେ ଜିଲ୍ଲା ପ୍ରଶାସନର ମିଳିତ ଅଭିଯୋଗ ଶୁଣାଣୀରେ ସାଂସଦଙ୍କ ପାଟଣା ବ୍ଲକ ପ୍ରତିନିଧି ମଧୁସୂଦନ ମହାନ୍ତ ଅବକାରୀ ବିଭାଗ ନିକଟରେ ଲିଖିତ ଅଭିଯୋଗ କରିବା ସହ ଅବକାରୀ ଥାନାଧିକାରିଣୀଙ୍କର ଅନ୍ୟତ୍ର ବଦଳି ଦାବି କରିଛନ୍ତି ।

## ଟ୍ରକ ଧକ୍କାରେ ସ୍ୱାମୀ ସ୍ତ୍ରୀଙ୍କ ମୃତ୍ୟୁ ଘଟଣାରେ ଟ୍ରକ ଚାଳକ ଗିରଫ

ପାଟଣା, ୨୭/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଝାରବେଡା ଛକ ନିକଟରେ ରବିବାର ଅପରାହ୍ନରେ ବାଇକରେ ଆସୁଥିବା ବାରିଆ ଥାନା ଭୁଇଁପୁର ଗ୍ରାମର ଦମ୍ପତିଙ୍କୁ ଏକ ୧୨ ଚକିଆ ଟ୍ରକ ପଛ ପଟରୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ସ୍ତ୍ରୀ ଉର୍ମିଳା ଘଣାଙ୍କ ମୃତ୍ୟୁ ହୋଇଥିବା ବେଳେ କଟକ ବଡ଼ମେଡିକାଲରେ ସ୍ୱାମୀ ବସନ୍ତ ଘଣାଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୁଲିସ ଜବତ କରିବା ସହ ଟ୍ରକ ଚାଳକକୁ ତୁରୁମୁଙ୍ଗା ପୁଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଚାଳକ ଜଣଙ୍କ ଉତ୍ତରପ୍ରଦେଶ ହୀରାଚକ ଗ୍ରାମର ଅରବିନ୍ଦ କୁମାର (୩୨) ବୋଲି ଜଣାପଡିଛି । ଏନେଇ ତୁରୁମୁଙ୍ଗା ଥାନାରେ ୩୧୫/୨୦୨୪ ମୂଳେ ଏକ ମାମଲା ରୁଜୁ ହୋଇଥିବା ବେଳେ ଦୁର୍ଘଟଣା ପରେ ଉତ୍ୟକ୍ତ ଲୋକେ କ୍ଷତିପୂରଣ ଦାବି ସହ ବାରମ୍ବାର ଉକ୍ତ ସ୍ଥାନରେ ଦୁର୍ଘଟଣା ଘଟୁଥିବା ଘଟଣାରେ ୪ ଘଣ୍ଟା ଧରି ରାଜପଥ ଉପରେ ଟାୟାର ଜାଳି ରାଜପଥକୁ ଅବରୋଧ କରିବା ଘଟଣାରେ ତୁରୁମୁଙ୍ଗା ପୁଲିସ ୨୦ ଜଣଙ୍କ ନାମରେ ମାମଲା ରୁଜୁ କରିଥିବା ଜଣାପଡିଛି ।

## ପାଟଣା ଠାରେ ପିକକ୍ ପକ୍ଷରୁ ପାରମ୍ପରିକ ଖାଦ୍ୟ ମେଳା ଆୟୋଜିତ




ପାଟଣା, ୨୭/୧୧ (ନି.ପ୍ର): ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ପିକକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ମଙ୍ଗଳବାର ଦିନ ସ୍ଥାନୀୟ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଛି । ପିକକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଓ ସମ୍ପାଦକ ରଞ୍ଜନ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଖାଦ୍ୟ ମେଳାରେ ପାଟଣା ଓ ଘଟଗାଁ ବ୍ଲକର ପ୍ରାୟ ୫୦ ଜଣ ଆଦିବାସୀ ମହିଳା ୬୦ରୁ ଅଧିକ ପାରମ୍ପରିକ ସ୍ଥାନୀୟ ଖାଦ୍ୟ ପ୍ରସ୍ତୁତ କରି ଏଠାରେ ଯୋଗ ଦେଇଥିଲେ । ସ୍ଥାନୀୟ ଖାଦ୍ୟ ଭିତରେ ଅନେକ ପ୍ରକାର ଜଙ୍ଗଲି ଫଳ ମୂଳ , ଅନେକ ସ୍ଥାନୀୟ ତଥା ଆଦିବାସୀ ଖାଦ୍ୟ ସାମଗ୍ରୀ ଯଥା ପିତା ଆଳୁ ସିଝା, ଖମ୍ବ ଆଳୁ ସିଝା, କନ୍ଦ ଆଳୁ ସିଝା, ଶାଳ ପତ୍ର ଶାଗ ପୋଡ଼ା, କାଇ ଚଟଣୀ, ମାଣ୍ଡିଆରେ ପ୍ରସ୍ତୁତ ଅନେକ ଖାଦ୍ୟ ଯେପରିକି ମାଣ୍ଡିଆ ଜାଉ, ମାଣ୍ଡିଆ ରୋଟି, ମାଣ୍ଡିଆ କ୍ଷୀରି, ଗଙ୍ଗେଇ ଖଇ, ମକା ଖଇ ଇତ୍ୟାଦି ଏଠାରେ ପ୍ରଦର୍ଶିତ ହୋଇଥିଲା । ଏହି ଖାଦ୍ୟ ମେଳାକୁ ପାଟଣା ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀ କଳ୍ପନା ଦୋରା ଉଦଘାଟନ କରିଥିଲେ ଏବଂ ଯୋଗ ଦେଇଥିବା ମହିଳା ମାନଙ୍କୁ ଉଦବୋଧନ ଦେଇଥିଲେ । ଏହି ମେଳାକୁ ଦେଖିବାକୁ ପାଟଣା ଓ ଘଟଗାଁ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରୁ ୧୫୦ରୁ ଅଧିକ ଦର୍ଶକ ଆସି ଅନେକ ପ୍ରକାର ସ୍ଥାନୀୟ ଖାଦ୍ୟ ବିଷୟରେ ଅବଗତ ହୋଇଥିଲେ । ମେଳାକୁ ପିକକର ଜିଲ୍ଲା ସଂଯୋଜକ ସତ୍ୟନାରାୟଣ ମହାନ୍ତଙ୍କ ସହ ଦ୍ରୌପଦୀ ବେଜ, ଝସକେତନ ମହାନ୍ତ, ମେଘମାଳା ମହାନ୍ତ, ସୁଚିତ୍ରା ମହାନ୍ତ ଓ ସୁନିଲ ନାଏକ ପ୍ରମୁଖ ପରିଚାଳନା କରିଥିଲେ ।

# ଗିରିସୋଲା ଜାତୀୟ ରାଜପଥରେ ବେଆଇନ ଟଙ୍କା ଆଦାୟ

## ଏମଭିଆଇ, ଆରଟିଓଙ୍କ ସମେତ ୫ ଜଣଙ୍କୁ ବାନ୍ଧିଲା ପୋଲିସ

ବ୍ରହ୍ମପୁର, ୨୭/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ଗିରିସୋଲା ଜାତୀୟ ରାଜପଥରେ ଭାରୀଯାନ ଠାରୁ ବେଆଇନ ଭାବେ ଟଙ୍କା ଆଦାୟ ଅଭିଯୋଗରେ ଗୋଳନ୍ଥରା ପୋଲିସ ୫ଜଣଙ୍କୁ ବାନ୍ଧିଛି । ଏଥିରେ ସମ୍ପୃକ୍ତ ୩ ଯୁବକ ସମେତ କନିଷ୍ଠ ଏମଭିଆଇ, ସହକାରୀ ଆରଟିଓ ରହିଛନ୍ତି । ସେମାନେ ହେଲେ ଛତ୍ରପୁର ସ୍ଥିତ ପରିବହନ କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ଏମଭିଆଇ ରତିକାନ୍ତ ନାହକ, ସହକାରୀ ଆରଟିଓ କେ.ଭେଙ୍କଟଶଙ୍କ ସମେତ ୩ ଏଜେଣ୍ଟ, ଗିରିସୋଲାର ଭରତ ସାହୁ ଓରଫ ପିଣ୍ଟୁ, ରବିନ୍ଦ୍ର ସାହୁ ଓ ଇଛାପୁରମ ଥାନା ଅନ୍ତର୍ଗତ ଓମିନସାହେବ ପେଟାର ବି.ବିଜୟ କୁମାର । ସେହିପରି ଟ୍ରାଫିକ ଇନିସିପେକ୍ଟର ଏନ.କେ. ଚିନ୍ତାରା ସମେତ ଏଜେଣ୍ଟ ଗିରିସୋଲାର ଜେଜା ରାଓ ଓରଫ ଆଜାମ ପ୍ରମୁଖ ଫେରାର ରହିଥିବା ପୋଲିସ କହିଛି । ମାମଲା ନଂ ୫୦୭/୨୪ ରେ ଉକ୍ତ ଅଭିଯୁକ୍ତ ମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ପରେ ସେମାନଙ୍କୁ କୋର୍ଟ ନିର୍ଦ୍ଦେଶରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ମାମଲାର ବିବରଣୀରୁ ପ୍ରକାଶ ଯେ, ଗିରିସୋଲା ଜାତୀୟ ରାଜପଥରେ ପରିବହନ ବିଭାଗର କର୍ମଚାରୀ ପରିଚୟ ଦେଇ ଓଡ଼ିଶା ପ୍ରବେଶ କରୁଥିବା ଓ ଓଡ଼ିଶାରୁ ଆନ୍ଧ୍ରକୁ ଯାଉଥିବା ସମସ୍ତ ଭାରିଯାନକୁ ଅଟକାଇ ଯାଞ୍ଚ ନାମରେ ୭୦୦ ଟଙ୍କାରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଥିଲା । ଗତ ୨ ଦିନ ତଳେ ଏକ ଭିଡିଓ ମାଧ୍ୟମରେ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା.ସ୍ୱର୍ଣା ବିବେକ ଏମଙ୍କ ନିକଟକୁ ଏକ ଖବର ଆସିଥିଲା । ଏହାକୁ ନେଇ ଆରକ୍ଷୀ ଅଧିକ୍ଷକଙ୍କ ପକ୍ଷରୁ ଗୋଳନ୍ଥରା ଥାନାକୁ ଅବଗତ କରାଯିବା



ସହ ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହାକୁ ନଜରରେ ରଖି ଥାନା ଆଇଆଇସି ବିବେକାନନ୍ଦ ସ୍ୱାଇଁଙ୍କ ପକ୍ଷରୁ ଏକ ଟିମ ଗଠନ କରାଯାଇ ଗିରିସୋଲା ରାଜପଥରେ କେତେକ ଯୁବକ ଭାରୀଯାନକୁ ଅଟକାଇ ଟଙ୍କା ଆଦାୟ କରୁଥିବା ଦେଖିବାକୁ ପାଇ ତାଙ୍କୁ କାବୁ କରିଥିଲେ । ଏଥିରେ ପିଣ୍ଟୁ, ରବିନ୍ଦ୍ର ଓ ବିଜୟ ପ୍ରମୁଖ ଗିରଫ ହୋଇଥିବା ବେଳେ ଆଜାମ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ୩ ଯୁବକକୁ ଥାନାକୁ ନିଆଯାଇ ପଚରାଉଚୁରା ସମୟରେ ସେମାନେ ପରିବହନ ବିଭାଗର ୩ କର୍ମଚାରୀ ଶ୍ରୀ ନାହକ, ଶ୍ରୀ ଭେଙ୍କଟଶ ଓ ଶ୍ରୀ ଚିନ୍ନାରାଙ୍କ ନିର୍ଦ୍ଦେଶରେ ଜାତୀୟ ରାଜପଥରେ ଯାତାୟାତ କରୁଥିବା ଭାରୀଯାନରୁ ଟଙ୍କା ଆଦାୟ କରିବା ସହ ସମସ୍ତ ତଥ୍ୟ ଅଧିକାରୀଙ୍କ ଦ୍ୱାରା ଗଠିତ ହ୍ୱାଟସ ଅପ୍ ଗ୍ରୁପରେ ପଠାଉଥିଲେ । ଏହା ସହ ଆଦାୟ ସମସ୍ତ ଟଙ୍କାକୁ ଫୋନ ପେ କିମ୍ବା ସିଧାସଳଖ ଦେଇ ଆସୁଥିଲେ । ଗିରଫ ଯୁବକଙ୍କ ବୟାନ ଆଧାରରେ ପ୍ରଥମେ କନିଷ୍ଠ ଏମଭିଆଇ ରତିକାନ୍ତ ନାହାକଙ୍କୁ ଥାନାକୁ ଆଣି ତଦନ୍ତ ବେଳେ ଏଥିରେ ସହକାରୀ ଆରଟିଓ ଭେଙ୍କଟଶ ସମେତ ଟ୍ରାଫିକ ଇନିସିପେକ୍ଟର ଚିନ୍ତାରା ପ୍ରମୁଖ ସାମିଲ ରହିଥିବା ଜଣାପଡିଥିଲା । ପୋଲିସ ପକ୍ଷରୁ ଆଜି ଭେଙ୍କଟଶ ରହୁଥିବା ଛତ୍ରପୁର ସ୍ଥିତ ବାସଭବନରେ ଯାଞ୍ଚ କରାଯାଇଥିଲା ଏବଂ ଯାଞ୍ଚ ସମୟରେ ଘରୁ ନଗଦ ୮୨ ହଜାର ୪ ଶହ ଟଙ୍କା ସମେତ ଗୋଟିଏ ବ୍ୟାଙ୍କ ପାସବୁକ ସମେତ କେତକ କାଗଜପତ୍ର ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି ।

## ବାଣପୁର କୋର୍ଟରେ ସମ୍ବିଧାନ ଦିବସ ପାଳନ

ବାଣପୁର, ୨୭/୧୧ (ନି.ପ୍ର): ମଙ୍ଗଳବାର ଦିନ ବାଣପୁର କୋର୍ଟ ପରିସରରେ ସମ୍ବିଧାନ ଦିବସ ପାଳନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସ୍ୱାତକୀ ଦାସ ଓ ବରିଷ୍ଠ ଆଇନଜୀବୀ ଶରତ ପଟ୍ଟନାୟକ ମଂଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ବିଧାନ ଦିବସର ମହତ୍ୱ, ପାଳନର ତାତ୍ପର୍ଯ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଉଭୟ ବିଚାରପତି ଆଲୋକପାତ କରିଥିଲେ । ସମ୍ବିଧାନ ଦିବସ ଅବସରରେ ଏହାର ମୌଳିକ ଅଧିକାର ଓ ମୌଳିକ କର୍ତ୍ତବ୍ୟ ବିଷୟରେ ବିଚାରପତି ଶ୍ରୀ ମହାପାତ୍ର ଆଲୋଚନା କରିବା ସହିତ ସମସ୍ତେ ସମ୍ବିଧାନର ମୁଖବନ୍ଧ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଆଇନଜୀବୀ, କୋର୍ଟର ସମସ୍ତ କର୍ମଚାରୀ ଓ ପୋଲିସ ଅଧିକାରୀମାନେ ଯୋଗ ଦେଇଥିଲେ ।

## ଓଡ଼ିଶାରେ ସୁରକ୍ଷିତ ନୁହନ୍ତି ଗଜରାଜ : କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କର କଡ଼ା ଆଭିମୁଖ୍ୟକୁ ଅପେକ୍ଷା

ମୟୂରଭଞ୍ଜ, ୨୭/୧୧ (ନି.ପ୍ର): ଓଡ଼ିଶାରେ ଐତିହ ପଶୁ ଗଜରାଜ ଅସୁରକ୍ଷିତ । ରାଜ୍ୟର ମୟୂରଭଞ୍ଜ ଜିଲ୍ଲାରେ ଜଙ୍ଗଲରୁ ବ୍ୟାପକ ଗଛକଟା ହେବା, ମାଫିଆ ମାନେ ଜଙ୍ଗଲରେ ବୋମା ବିସ୍ଫୋରଣ କରିବା, ଜଙ୍ଗଲ ପାଖ ପାହାଡ଼ ଅଞ୍ଚଳରେ ବିସ୍ଫୋରଣ କରି ଚୋରାରେ ପଥର ଫଟାଇବା ଦ୍ୱାରା ପଶୁ ପକ୍ଷୀ ଭୟ ଭୀତ ହେଉଛନ୍ତି । ଜଙ୍ଗଲର ବିରାଟକାୟ ପଶୁ ହାତୀ ଭୟରେ ଜଙ୍ଗଲ ଛାଡ଼ି ଗ୍ରାମାଞ୍ଚଳ ଆଡକୁ ଚାଲି ଆସୁଛନ୍ତି । ଜଙ୍ଗଲର ହାତୀ ଗ୍ରାମାଞ୍ଚଳକୁ ଆସି ଜନସାଧାରଣଙ୍କୁ ଦଳିଚକଟି ମାରୁଛି ପୁଣି କେତେବେଳେ ଫସଲ ଛାରଖାର କରୁଛି ତ କେତେବେଳେ ଚାଳଛପର ଘର ଭାଙ୍ଗି ଦେଉଛି । ତେବେ ବନ ବିଭାଗ ଏଥିପ୍ରତି ବିଶେଷ ସଚେତନ ରହୁନଥିବାରୁ ଜଙ୍ଗଲରେ ମାଫିଆ ମାନଙ୍କର ଉତ୍ପାତ ବଢୁଥିବା ଜଙ୍ଗଲ ପାଖ ଗାଁ ଗୁଡ଼ିକରୁ ସୂଚନା ମିଳିଛି । ଉଭୟ ଦିନରେ ଓ ରାତିରେ ଜଙ୍ଗଲ ମାଫିଆ ଗଛ ହାଣିବାକୁ ଯାଇ ମୟୂରଭଞ୍ଜର ବିଭିନ୍ନ ଜଙ୍ଗଲରୁ ବହୁ ମୂଲ୍ୟବାନ ଗଛ ଗୁଡ଼ିକକୁ କାଟି ବିକ୍ରି କରିବା, ହାତୀ ଦାନ୍ତ ପାଇଁ ହାତୀକୁ ମାରିବା, ଚମଡ଼ା ପାଇଁ ଜାତୀୟ ପଶୁକୁ ବାଘ ମାରି ଏସବୁକୁ ଅନେକ ଢେର ବେଶୀ ଦରରେ ବିକ୍ରି କରି ଜଙ୍ଗଲ ମାଫିଆ ମାଲେମାଲ୍ ହେଉଥିବା ଜଙ୍ଗଲ ଆଖପାଖ ଅଞ୍ଚଳର ଅଧିବାସୀମାନେ ପ୍ରକାଶ କରିଛନ୍ତି । ଜଙ୍ଗଲରେ ଅତର୍କିତ ଭାବରେ ବିସ୍ଫୋରଣ କରିବା, ପଶୁଙ୍କୁ ଗୁଳି କରୁଥିବା ଭୟରେ ହାତୀ ଭୟଭୀତ ହୋଇ ଜଙ୍ଗଲ ଛାଡ଼ି ଗ୍ରାମାଞ୍ଚଳ ମୁହାଁ ହେଉଛନ୍ତି ତଥା ଜଙ୍ଗଲ ପାଖାପାଖି ଗ୍ରାମାଞ୍ଚଳରେ ହାତୀ ଅନେକ ଫସଲ ନଷ୍ଟ କରୁଥିବାର ଦେଖାହେଉଛି । ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଉଦାସୀନତା ଯୋଗୁଁ ହାତୀ ପାଦରେ ମଣିଷଙ୍କର ଫସଲ ଓ ଜୀବନ ମାଟିରେ ମିଶିଯାଉଛି । ତେବେ ପ୍ରଶାସନ ଏଥିପ୍ରତି କଡ଼ା ଆଭିମୁଖ୍ୟ ସହ ଆଖିଦୃଶିଆ ପଦକ୍ଷେପମାନ ଯୁଦ୍ଧକାଳୀନ ଭିତ୍ତିରେ ପ୍ରଣୟନ କରି ଗଜରାଜଙ୍କର ସୁରକ୍ଷା କରିବା ପାଇଁ ଦାବି ହେଉଛି ।

# ବେଗୁନିଆପଡା ବ୍ଲକରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ

- ପ୍ରଶାସନିକ କଳକୁ ବିଧାୟକଙ୍କ ତାଗିଦ
- ପ୍ରତ୍ୟେକ ନିର୍ବାଚିତ ପ୍ରତିନିଧିଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଲେ ବିଧାୟକ
- ସସ୍ପେଣ୍ଡ ହେବେ କୃଷି ଅଧିକାରୀ !
- ନିର୍ବାଚିତ ପ୍ରତିନିଧିଙ୍କ ପ୍ରଶ୍ନ ବାଣରେ ବ୍ଲକ ଶିକ୍ଷାଧିକାରୀ ଚୁପ
- ଶିଶୁ ବିଭାଗକୁ ନେଇ ଆଲୋଚନା ଜୋରଦାର
- ଛତୁଆକୁ ନେଇ ଆଲୋଚନା ସରଗରମ
- କାହା ଚାପରେ କାର୍ଯ୍ୟ କରୁଛନ୍ତି କ୍ଷୁଦ୍ର ଜଳ ସେଚନ ଯନ୍ତ୍ରୀ ?
- ମିଟିଙ୍ଗ ସ୍ଥଳରୁ ବିଭାଗୀୟ କର୍ମଚାରୀଙ୍କୁ ଫୋନ, କାର୍ଯ୍ୟ କର ନଚେତ କାର୍ଯ୍ୟ ଛାଡ଼...
- ବିଧାୟକ ଭାବେ ଜିତୁ ଜିତୁ ରାସ୍ତା ଖୋଲି ହୋଇଗଲାଣି, ଈଏ କୋଉ ଭଳି ସୌଭାଗ୍ୟ :ବିଧାୟକ

ବେଗୁନିଆପଡା, ୨୭/୧୧ (ନି.ପ୍ର): ପୂର୍ବ ଚବିଶି ବର୍ଷ ସରକାରରେ ଯାହା ସବୁ ଘଟିଥିଲା ତାହାକୁ ବର୍ତ୍ତମାନ ସରକାର ସମୟରେ ଜମା ପ୍ରଶୟ ଦିଆଯିବନି । ସିଧା ସଳଖ ନିର୍ବାଚିତ ପ୍ରତିନିଧିଙ୍କ ଯୋଗାଯୋଗରେ ରୁହନ୍ତୁ, ପ୍ରତ୍ୟେକ କାର୍ଯ୍ୟର ହିସାବ ସାର୍ବଜନୀନ କରିବାକୁ ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ରୋକଠୋକ ତାଗିଦ କଲେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ । ବେଗୁନିଆପଡା ବ୍ଲକ ଅଧକ୍ଷା ରେଣୁ ଗୌଡ଼ଙ୍କ ଅଧକ୍ଷତାରେ ମର୍ଦରାଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଚତୁର୍ଥ ସମିତି ବୈଠକରେ ସିଧା ସଳଖ ପ୍ରତ୍ୟେକ ବିଭାଗକୁ ତାଗିଦ କଲେ ବିଧାୟକ । ବୈଠକ ପ୍ରାରମ୍ଭରେ ଶିକ୍ଷା ଭଳି ଗୁରୁତ୍ୱପୁର୍ଣ ବିଭାଗ ର ଉତ୍ତରରେ ଅସନ୍ତୁଷ୍ଟ ପ୍ରକାଶ କରିଥିଲେ ନିର୍ବାଚିତ ପ୍ରତିନିଧି । ବିଭାଗୀୟ ଶିକ୍ଷାଧିକାରୀଙ୍କୁ ପ୍ରଶ୍ନ ବାଣରେ ଛନ୍ଦିଥିଲେ କାଳୀମେଘି ସରପଞ୍ଚ ଅର୍ଚ୍ଚନା ତ୍ରିପାଠୀ,ସୁମଣ୍ଡଳ ସରପଞ୍ଚ ଶିବ ଶଙ୍କର ବାରିକ, ସମିତିସଭ୍ୟ ସନ୍ତୋଷ ସାହୁ,ସାନ ଉଷ୍ଣାପଡ଼ା ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁ । ଶିକ୍ଷକ ଅଭାବ,ଛାତ୍ର ଛାତ୍ରୀ ମାନଙ୍କୁ ମଧାହ୍ନ ଭୋଜନ କୁ ନେଇ ପ୍ରଶ୍ନ କରିଥିଲେ ସରପଞ୍ଚ । ଏହା ସହ ଛାତ୍ର ଛାତ୍ରୀ ମାନଙ୍କୁ କାହା ମାଧ୍ୟମରେ ଡ୍ରେସ ବଣ୍ଟନ ଦାୟିତ୍ୱ ଦିଆଯାଇଛି ଏଂ କେବ ସୁଦ୍ଧା ସମସ୍ତଙ୍କୁ ଡ୍ରେସ ମିଳିବ ସେ ନେଇ ଆଗାମୀ ଦଶ ଦିନ ମଧ୍ୟରେ ନିଜର ରିପୋର୍ଟ ଦେବାକୁ ନିର୍ଦ୍ଧେଶ ଦେଇଥିଲେ ବିଧାୟକ । ପରେ କୃଷି ବିଭାଗ ଭଳି ଆଉ ଏକ ଗୁରୁତ୍ୱପୁର୍ଣ ବିଭାଗକୁ ଦୁଇ ବର୍ଷର ହିସାବ ମାଗିଥିଲେ ବିଧାୟକ । ନିର୍ବାଚିତ ପ୍ରତିନିଧି ମାନଙ୍କ ଫୋନ କଲକୁ ନ ଉଠେଇବା ନେଇ ବିରକ୍ତ ପ୍ରକାଶ କରିଥିଲେ ପିଆରଆଇ ସଦସ୍ୟ । ଏଂ ମାଣ୍ଡିଆ କୁ ଭଞ୍ଜନଗର ରେ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ଚୁପ ରହିଥିଲେ ବିଭାଗୀୟ ଅଧିକାରୀ ।ଆଗାମୀ ଦିନରେ କୃଷି ବିଭାଗରେ କୌଣସି ତ୍ରୁଟି ବିଚ୍ୟୁତି ଦେଖା ଦେଲେ କୃଷି ଅଧିକାରୀ ଙ୍କୁ ସସ୍ପେଣ୍ଡ କରିବା ଭଳି ପଦକ୍ଷେପ ନେବାକୁ ଆମେ ବାଧ ହେବୁ ବୋଲି କହିଥିଲେ ମାନ୍ୟବର ବିଧାୟକ । ଏହା ସହ କ୍ଷୁଦ୍ର ଜଳସେଚନ ବିଭାଗୀୟ ଯନ୍ତ୍ରୀ ଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ନିର୍ବାଚିତ ପ୍ରତିନିଧି ମାନଙ୍କ ପ୍ରଶ୍ନ ର ଉତ୍ତର ରେ ଏକ ଗମ୍ଭୀର ଉତ୍ତର ଦେଇଥିଲେ ଯନ୍ତ୍ରୀ । ସେ କିଛି ଚାପରେ ଥାଇ କାର୍ଯ୍ୟ କରୁଛନ୍ତି ବୋଲି କହିବା ପରେ ଏହାକୁ ନେଇ ବୈଠକରେ କିଛି ସମୟ ପାଇଁ ହୋ ହାଲ୍ଲା ହୋଇଥିଲା । କିନ୍ତୁ କିଏ ଚାପ ପ୍ରୟୋଗ କରୁଛି ସେ ନେଇ କୌଣସି ମତ ରଖି ନଥିଲେ ବିଭାଗୀୟ ଯନ୍ତ୍ରୀ । ତେବେ ବିଭାଗ ର ପ୍ରତ୍ୟେକ କାର୍ଯ୍ୟକୁ ସଠିକ ଢଙ୍ଗରେ




କରିବା ସହିତ ସ୍ୱଛତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ ବିଧାୟକ । ମୃତିକା ସଂରକ୍ଷଣ ବିଭାଗକୁ ସିଧା ସଳଖ ଅଙ୍ଗୁଳି ନିର୍ଦ୍ଧେଶ କରିଥିଲେ ସାଂସଦ ପ୍ରତିନିଧି ଯଜ୍ଞ ନାରାୟଣ ଦାସ । ସେ କହିଥିଲେ ଯେ ଏହି ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ସଂଖ୍ୟା କମ, ତେଣୁ ଯେଉଁମାନେ ଏହି ବିଭାଗରେ କାର୍ଯ୍ୟ କରୁଛନ୍ତି ତାର ପରିସୀମା ବଢ଼ାନ୍ତୁ ଯାହା ଫଳରେ ସ୍ୱଛତା ର ସହିତ କାର୍ଯ୍ୟ ହୋଇ ପାରିବ । ଖଣ୍ଡିଆନଈ ସରପଞ୍ଚ ପଙ୍କଜ ସେଠି ଓ ବୁରୁଝରୀ ପଞ୍ଚାୟତର ସରପଞ୍ଚ ବିନୋଦ ଜେନା ମୃତିକା ବିଭାଗର କାର୍ଯ୍ୟ ଉପରେ ସଂଗୀନ ଆରୋପ ଲଗାଇଥିଲେ । ସେ କହିଥିଲେ ଯେ ତାଙ୍କ ଅଗୋଚରରେ ବୁରୁଝରୀ ପଞ୍ଚାୟତରେ ମୃତିକା ବିଭାଗ ର କାମ କେମିତି ଚାଲୁଛି ଏଂ ତାହା ତାଙ୍କୁ ଜଣା ନାହିଁ । ପରବର୍ତ୍ତୀ ସମୟରେ ଏହି ବିଭାଗର ସମସ୍ତ କାର୍ଯ୍ୟକୁ ସଠିକ ରୂପେ ତୁଲାଇବା ପାଇଁ ନିର୍ଦ୍ଧେଶ ଦେଇଥିଲେ ବିଧାୟକ । ପରେ ଆରଡବ୍ଲୁଏସଏସ ର ଉପ ନିର୍ବାହୀ ଅଧିକାରୀ ନିଜ ବିଭାଗର କାର୍ଯ୍ୟ ସମ୍ବନ୍ଧିୟ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ସରପଞ୍ଚ ମତବ୍ୟକ୍ତ କରିଥିଲେ । ପରେ ବିଭାଗୀୟ ଯନ୍ତ୍ରୀ ଆରଡବ୍ଲୁଏସଏସ ଉପରେ ଦୋଷ ଲଦି ଦେଇଥିଲେ । ଯେଉଁ କଣ୍ଟ୍ରାକ୍ଟର କାର୍ଯ୍ୟରେ ଅବହେଳା କରୁଛନ୍ତି ତୁରନ୍ତ ତାଙ୍କୁ ବ୍ଲାକ ଲିଷ୍ଟ କରିବାକୁ ଅଧିକାରୀଙ୍କୁ ନିର୍ଧେଶ ଦେଇଥିଲେ ବିଧାୟକ । ମନରେଗା କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ବେଗୁନିଆପଡା ବ୍ଲକ ରେ ଦଶ ଭାଗ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ କାହିଁକି ମନେରେଗା ରେ ଶତ ପ୍ରତିଶତ କାର୍ଯ୍ୟ ହୋଇନାହିଁ ସେ ସମ୍ପର୍କରେ ସ୍ପଷ୍ଟ ଉତ୍ତର ରଖି ପାରି ନଥିଲେ ବିଭାଗୀୟ ଅଧିକାରୀ । ବିଭିନ୍ନ ଗାଁ ରେ ଗାଁ ସାଥି ନଥିବା ବେଳେ ଖୁବ ଶୀଘ୍ର କେମିତି ନିଯୁକ୍ତି କରାଯିବ ସେ ନେଇ ନିଜର ମତ ରଖିଥିଲେ ବଡ ଖଇରିଖମା ସରପଞ୍ଚ କାଶୀନାଥ ବେହେରା । ତେବେ ସମସ୍ତଙ୍କ ସହଯୋଗ ଓ ସହବନ୍ଧିତା ରେ ବେଗୁନିଆପଡା ବ୍ଲକ କୁ ଏକ ବିକାଶଶିଳ ବ୍ଲକ ରେ ପରିଣତ କରିବା ସମସ୍ତେ ଚେଷ୍ଟା ଜାରୀ ରଖିବା ଉଚିତ ବୋଲି ସମସ୍ତ ନିର୍ବାଚିତ ପ୍ରତିନିଧି ଙ୍କ ସହଯୋଗ ଲୋଡ଼ିଥିଲେ ବିଧାୟକ । ବୈଠକରେ ସାମାଜିକ ସୁରକ୍ଷା ବିଭାଗ, ଉନ୍ନତି ମୂଳକ କାର୍ଯ୍ୟ, ଜଙ୍ଗଲ ବିଭାଗ ଓ ମଙ୍ଗଳ ସମ୍ପ୍ରସାରଣ ବିଭାଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏହି ବୈଠକରେ ବିଧାୟକ ପ୍ରତାପ ନାୟକ ଙ୍କ ସମେତ ସାଂସଦ ପ୍ରତିନିଧି ଯଜ୍ଞ ନାରାୟଣ ଦାସ, ବ୍ଲକ ଉପାଧକ୍ଷ ସୁଧାକର ପ୍ରଧାନ, ବେଗୁନିଆପଡା ବ୍ଲକ ଉନ୍ନୟନ ଅଧିକାରିଣୀ ସସ୍ମିତା ଶତପଥି,ଏ.ଇ ସସ୍ମିତା କର,ଜିପିଓ ଅଶୋକ ଜେନା ଙ୍କ ସମେତ ବ୍ଲକର ତେଇଶି ଟି ପଞ୍ଚାୟତର ଜନ ପ୍ରତିନିଧି, ସମସ୍ତ ବିଭାଗ ର ପ୍ରଶାସନିକ କର୍ମକର୍ତ୍ତା ଏଂ ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ବେଗୁନିଆପଡା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରା ଯାଇଥିଲା ।

# ସପୋର୍ଟଟୁ ପୋର ପ୍ରିଜୋନାର ସ୍କିମରେ ଖଲାସ ହେଲେ ଦୁଇ କଏଦୀ

ବାରିପଦା, ୨୭/୧୧ (ନି.ପ୍ର): ବାରିପଦା ମଣ୍ଡଳ କାରାଗାର ରେ ଦୁଇଜଣ ସଜା କାଟୁଥିବା ଅନ୍ତେବାସୀ କୁନୁ ଓରଫ ଜୟନ୍ତ ସାମନ୍ତରାୟ ଏବଂ ଖୁଦୁ ଓରଫ ଖୁଦିରାମ ମାରାଣ୍ଡି ବାରିପଦା ମଣ୍ଡଳ କାରାଗାରରୁ ସପୋର୍ଟ ଟୁ ପୋର ପ୍ରିଜୋନାର ସ୍କିମରେ ଖଲାସ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ସୂଚନା ମୁତାବକ ଉପରୋକ୍ତ ଦୁଇ ଅନ୍ତେବାସୀ ସଜାକାଟି ସାରିବା ପରେ ମାନ୍ୟବର ଅଦାଲତଙ୍କ ଦ୍ୱାରା ନିର୍ଦ୍ଧାରିତ ଜୋରିମନା ଅନାଦାୟ ବାବଦକୁ ସଜା କାଟୁଥିଲେ । ଏବଂ ଜୋରିମାନା ଟଙ୍କା ମାନ୍ୟବର ଅଦାଲତଙ୍କ ଠାରେ ପରିଶୋଧ କରିପାରିବେ ନାହିଁ ବୋଲି କାରାଗାରର ବରିଷ୍ଠ ଅଧିକ୍ଷକ ସୁଜିତ କୁମାର ରାଉଳଙ୍କ ଠାରେ ତାଙ୍କର ଅକ୍ଷମତା ପ୍ରକାଶ କରିବାରୁ ବରିଷ୍ଠ ଅଧକ୍ଷକ ସରକାରଙ୍କ ଦ୍ୱାରା ପ୍ରଚଳିତ ଧାରା ସପୋର୍ଟ ଟୁ ପୋର ପ୍ରିଜୋନାର ସ୍କିମରେ ରେ ଅନ୍ତର୍ଭୁକ୍ତ କରି ଦୁଇଜଣଙ୍କ ନାମ ଡିଏଲଏସଏ ର ସମ୍ପାଦକ ଙ୍କୁ ସୁପାରିସ କରିଥିଲେ. ଡିଏଲଏସଏ ର ସମ୍ପାଦକ ଏବଂ ମୟୁରଭଞ୍ଜ ଜିଲ୍ଲାପାଳହେମକାନ୍ତ ସୟ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମାନ୍ୟବର କାରା ମହାନିର୍ଦ୍ଦେଶକ ଉକ୍ତ ଜୋରିମାନା ଟଙ୍କା ପ୍ରଦାନ କରିବାରୁ ଦୁଇଜଣ ଅନ୍ତେବାସୀ କାରାଗାରରୁ ମୁକ୍ତ ହୋଇ ସମାଜର ମୂଖ୍ୟ ସ୍ରୋତରେ ସାମିଲ ହେବାକୁ ସକ୍ଷମ ହୋଇପାରିଛନ୍ତି. ବରିଷ୍ଠ ଜେଲ ଅଧିକ୍ଷକ ସୁଜିତ କୁମାର ରାଉଳ ଓ କାରାପାଳ ଶଶୀକାନ୍ତ ମହାଳିକଙ୍କର ଏତାଦୃଶ କାର୍ଯ୍ୟକୁ ବାରିପଦା ବୁଦ୍ଧିଜିବୀ ମହଲରେ ପ୍ରସଂସା କରାଯାଇଅଛି ।

# ପରକ୍ରିୟା ପ୍ରୀତି ସନ୍ଦେହ ଜୀବନ ନେଲା

# ବିଷ ପିଇଲେ ଦୁଇ ଭଉଣୀ

ବୌଦ୍ଧ,୨୭/୧୧ (ନି.ପ୍ର): ପରକୀୟା ପ୍ରୀତି ସନ୍ଦେହ ଜୀବନ ନେଲା । ବିଷ ପିଇ ଦୁଇ ଭଉଣୀ ଙ୍କ ଆତ୍ମହତ୍ୟା ଉଦ୍ୟମ, ବଡ଼ ଭଉଣୀ ମୃତ ହୋଇଥିବା ବେଳେ ସାନ ଭଉଣୀ ଗୁରୁତର ଅବସ୍ଥାରେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ । ସୂଚନା ଅନୁଯାୟୀ ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ମହାଲିକପଡ଼ା ଗ୍ରାମ ରେ ଘଟିଛି ଏଭଳି ଅଭାବନୀୟ ଘଟଣା । କିଛି ଦିନ ହେଲା ମହାଲିକପଡ଼ା ଗାଁ ର ମଣ୍ଟୁ ସାହୁ ଓ ତାଙ୍କ ପତ୍ନୀ ନଳିନୀ ସାହୁ ଓ ୨ ବର୍ଷ ର ଏକ ପୁଅ , ତାଙ୍କ ଶାଳୀ ସାଲିନୀ ସହ ମିଶି ଗାଁରେ ରହୁଥିଲେ । ଗତ କାଲି ସକାଳ ସମୟରେ ସ୍ତ୍ରୀ ର ପରକୀୟା ପ୍ରୀତି ସନ୍ଦେହ ନେଇ ସ୍ୱାମୀ ସ୍ତ୍ରୀ ଭିତରେ ଘରୋଇ କଳି ହୋଇଥିଲା କ୍ଷ ପରେ ଏ ନେଇ ଦୁଇ ଭଉଣୀ ଙ୍କ ମଧ୍ୟ ରେ ଝଗଡ଼ା ଘନୀଭୂତ ହୋଇଥିଲା ଯାହା ଫଳରେ ଦୁଇ ଭଉଣୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ସ୍ଥାନୀୟ ଲୋକେ ଜାଣିବା ପରେ ଘଟଣାସ୍ଥଳକୁ ଯାଇ ଦୁଇ ଭଉଣୀ ଙ୍କୁ ପ୍ରଥମେ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ବୌଦ୍ଧ ମେଡ଼ିକାଲ ରେ ଚିକିତ୍ସାଧିନ ଅବସ୍ଥା ରେ ବଡ଼ ଭଉଣୀ ନଳିନୀ ସାହୁ ମୃତ୍ୟୁ ହୋଇଥିବା ବେଳେ ସାନ ଭଉଣୀ ସାଲିନୀ ଙ୍କୁ ଗୁରୁତର ଅବସ୍ଥାରେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ହେଉଛନ୍ତି । । ଏ ନେଇ ଘଟଣା ସ୍ଥଳରେ ବୌଦ୍ଧ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିବା ଜଣାପଡିଛି ।

# ପୁରୁଣା କଟକ ରେ ରୋଗୀ କଲ୍ୟାଣ ସମିତି ବୈଠକ

## ସ୍ୱାସ୍ଥ୍ୟ ସେବାର ବିଭିନ୍ନ କ୍ଷେତ୍ରରେ ଆଲୋଚନା

ବୌଦ୍ଧ, ୨୭/୧୧ (ନି.ପ୍ର): ବୌଦ୍ଧ ଜିଲ୍ଲା ପରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ରୋଗୀ କଲ୍ୟାଣ ସମିତି ବୈଠକ ଡ଼. ରଜତ କୁମାର ମହାନନ୍ଦିଆ ଙ୍କ ଆବାହତ୍ୱରେ ଓଡିଶା ସରକାରଙ୍କ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ବିଡ଼ିଓ ଶରତ କୁମାର ସେଠି, ଉପାଧକ୍ଷ କାହ୍ନୁ ଚରଣ ନାଥ ଉପସ୍ଥିତ ରହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ର ବିଭିନ୍ନ ସମସ୍ୟା ଓ ସରକାର ଙ୍କ ସ୍ୱାସ୍ଥ୍ୟଭିତିକ କଲ୍ୟାଣ କାରି ଯୋଜନା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସାଧିନ ଥିବା ସମସ୍ତ ରୋଗୀ ଙ୍କୁ ମୁଖ୍ୟ ସଚେତକ ଫଳ ବଣ୍ଟନ କରିଥିଲେ । ରୋଗୀ କଲ୍ୟାଣ ସମିତି ପକ୍ଷରୁ ପାଞ୍ଚଲକ୍ଷ ଟଙ୍କାର ଅନୁଦାନ ରାଶି ସ୍ୱାସ୍ଥ୍ୟ କେନ୍ଦ୍ର ଓ ରୋଗୀ ଙ୍କ ଆନୁସଙ୍ଗିକ ଖର୍ଚ୍ଚ ହେବ ନେଇ ଆଲୋଚନା କରାଯାଇଥିଲା ।



ଅନ୍ୟପଟେ ନିଦାନ ପାଣ୍ଠି ଉପରେ ସବିଶେଷ ଆଲୋଚନା ହୋଇଥିଲା । ଉକ୍ତ ବୈଠକ ରେ ରୋଗୀ କଲ୍ୟାଣ ସମିତି ର ସମସ୍ତ ସଭ୍ୟ ଓ ସଭ୍ୟା ଉପସ୍ଥିତ ରହିଥିବା ବେଳେ ଡା. ଚିରଞ୍ଜିବି ବ୍ରହ୍ମା, ବିପି ଏମ ଅରୁଣ କୁମାର ପାଢ଼ୀ, ଡା.ଶ୍ରୀବନ୍ତ ସ୍ୱାଇଁ, ସ୍ଥାନୀୟ ଜନତା ଓ ସ୍ୱାସ୍ଥ୍ୟ କେନ୍ଦ୍ର ର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଅନ୍ୟପଟେ ମୁଖ୍ୟ ସଚେତକ ଶ୍ରୀ ପ୍ରଧାନ ଆଡ଼େଣି ଗଡ଼ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଆୟୋଜିତ ହୋଇଥିବା ରୋଗୀ କଲ୍ୟାଣ ସମିତି ବୈଠକ ରେ ଯୋଗ ଦେବା ସହ ଆଡେଣି ଗଡ଼ ପଂଚାୟତ ବାରିଙ୍ଗି, ବଦଲା, ଓ ଉପାନ୍ତ ଅଞ୍ଚଳ ବୁଲି ସିଧା ସଳଖ ଲୋକଙ୍କ ମିଶି ମୌଳିକ ସମସ୍ୟା ଉପରେ ଆଲୋଚନା କରିଥିଲେ ।

# ପଦ୍ମଥପା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକଙ୍କ ଦବଙ୍ଗଗିରି

ଲାଞ୍ଜିଗଡ, ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ମୁହାଁ କରିବା ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ସରକାର ଛାତ୍ରଛାତ୍ରୀମାନଙ୍କୁ ୬ ଦିନକୁ ଛ ପ୍ରକାର ରନ୍ଧା ଖାଦ୍ୟ ମାଗଣା ପୋଷାକ, ଜୋତା ଓ ଶୀତ ବସ୍ତ୍ର ଯୋଗାଇ ଦେଉଛନ୍ତି। ହେଲେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ଅନେକ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ବହୁତ ଗୋଡ଼ାଏ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ହେଇଛନ୍ତି ସତ ହେଲେ ଶିକ୍ଷକ ଦୈନ୍ୟଦିନ ବିଦ୍ୟାଳୟକୁ ଆସୁନାହାନ୍ତି। ଏଭଳି ଏକ ଅଭିଯୋଗ ଆସିଛି କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଅଳଞ୍ଚ ଲାଞ୍ଜିଗଡ଼ ବ୍ଲକ ପଦ୍ମଥପା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ। ସୂଚନା ଅନୁସାରେ ଏହି ବିଦ୍ୟାଳୟରେ ୪୩ ଜଣ ଛାତ୍ରଛାତ୍ରୀ ପ୍ରଥମରୁ ପଞ୍ଚମ ପର୍ଯ୍ୟାନ୍ତ ଅଧ୍ୟୟନ କରୁଥିବା ବେଳେ ମାତ୍ର ଦୁଇଜଣ ଶିକ୍ଷକ ରହିଛନ୍ତି। ହେଲେ ସହଯୋଗୀ ଶିକ୍ଷକ ସିମାଞ୍ଚଳ ନାଏକ ଦିର୍ଘ ଦିନ ହେଲା




ଅନୁପସ୍ଥିତିରେ ରହୁଥିବା ସ୍କୁଲ ପରିଚାଳନା ସଭାପତି ଅଗସ୍ତି ହରିଜନ ପ୍ରକାଶ କରିଛନ୍ତି। ଶିକ୍ଷକ ଅନୁପସ୍ଥିତ ରହୁଥିବାରୁ ଶିକ୍ଷା ଦାନ ବାଧାପ୍ରାପ୍ତ ହେଉଥିବା ବେଳେ ଜଣେ ମାତ୍ର ପ୍ରଧାନଶିକ୍ଷକ ବବଲୁ ମେହେର ପାଞ୍ଚୋଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ସମ୍ଭବ ହୋଇପାରୁ ନାହିଁ ବୋଲି ପ୍ରକାଶ କରିଛନ୍ତି। ସହଯୋଗୀ ଶିକ୍ଷକ ଶ୍ରୀ ନାଏକ ବିଦ୍ୟାଳୟ ଆସୁନଥିବାକୁ ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରୁଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ସୂଚନା ଥାଉକି ସହଯୋଗୀ ଶିକ୍ଷକ ସିମାଞ୍ଚଳ ନାଏକଙ୍କ ବିରୁଦ୍ଧରେ ନିର୍ବାଚନ ସମୟରେ ନିର୍ବାଚିତ ଆଚରଣ ବିଧି ଉଲଘଂନ କରି ନିଲମ୍ବିତ ହୋଇଥିଲେ। ଶ୍ରୀ ନାଏକଙ୍କୁ ପଦ୍ମଥପା ବିଦ୍ୟାଳୟ ପରିଚାଳନା କମିଟି ବାରମ୍ବାର ତାଗିଦ କରିବା ସତ୍ତ୍ୱେ ମଧ୍ୟ ବିଦ୍ୟାଳୟ ଆସୁନଥିବାରୁ ପରିଚାଳନା କମିଟିର ସଭାପତି ଅଗସ୍ତି ହରିଜନ ଆମ ପିଲାଙ୍କ ଭବିଷ୍ୟାତ ସହିତ ଖେଳନ ଖେଳନ୍ତୁ ପାଠ ନ ପଢେଇବାର ଯଦି ଇଚ୍ଛା ନାହିଁ ତାହାଲେ ଅନ୍ୟତ୍ର ବଦଳି ହୋଇଯାହାନ୍ତୁ ବୋଲି କହିଥିବା ବେଳେ ଅପରପକ୍ଷରେ ଏହାକୁ ନେଇ ସଂପୃକ୍ତ ଶିକ୍ଷକ ପରିଚାଳନା କମିଟିର ସଭାପତି ନାମରେ ଦୁର୍ବବ୍ୟବହାର କରୁଛନ୍ତି ବୋଲି ବିଜେପୁର ଥାନାରେ ଏତଲା ଦେଇଛନ୍ତି। ହେଲେ ଏପଟେ ପରିଚାଳନା କମିଟି ଓ ଶିକ୍ଷକଙ୍କ ତୁତୁମେମେରେ ଛାତ୍ରଛାତ୍ରୀମାନଙ୍କ ଶିକ୍ଷାଦାନରେ ବାଧାପ୍ରାପ୍ତ ହେଉଛି। ଅନ୍ୟପଟେ ନିରବଦ୍ରଷ୍ଟା ସାଜିଛି ଶିକ୍ଷାବିଭାଗ। ଏହାକୁ ନେଇ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭରତ ଭୁଷଣ ସାହୁଙ୍କୁ ପରାରିବାରୁ ତଦନ୍ତ ପରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଅଜୟ ଦାଶଙ୍କ ସ୍ମୃତି ସମାଜ ଗଠନ ପାଇଁ ପଥ ପ୍ରଦର୍ଶକ: ଓଡିଶା ରାଜ୍ୟପାଳ

ବାରିପଦା ୨୭/୧୧ (ନି.ପ୍ର): ବାରିପଦା ସ୍ଥିତ ସହିଦ ସ୍ମୃତି ଭବନରେ ଆୟୋଜିତ ୧୩ତମ ଅଜୟ ଦାଶ ସ୍ମାରକୀ ସଭାରେ ଓଡ଼ିଶାର ମହାମାନ୍ୟ ରାଜ୍ୟପାଳ ଶ୍ରୀଯୁକ୍ତ ରଘୁବର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାରିପଦା ତଥା ମୟୂରଭଞ୍ଜର ବିକାଶ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅଜୟ ଦାଶଙ୍କ ସ୍ମୃତି ସମାଜ ଗଠନ ପାଇଁ ପଥ ପ୍ରଦର୍ଶକ ହୋଇ ରହିବ ବୋଲି କହିଥିଲେ । ଅଜୟ ଦାଶ ସ୍ମୃତି କମିଟିର ସଭାପତି ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଅର୍ଥନୀତି ପ୍ରାଧାପକ ଡ. ମୋହିତ କୁମାର ଷଡଙ୍ଗୀ, ସମ୍ମାନୀୟ ବକ୍ତା ଭାବେ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନୀୟ ଅତିଥି ଭାବେ ପୂର୍ବତନ ବ୍ଲକ ଚେୟାରମ୍ୟାନ ବୈଦ୍ୟନାଥ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ସ୍ୱର୍ଗତଃ ଦାଶଙ୍କ ଧର୍ମପତ୍ନୀ ସୁମତୀବାଳା ଦାଶ ମହାମହିମ ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ଏହି ପରିପ୍ରେକ୍ଷୀରେ ଚିକିତ୍ସା କ୍ଷେତ୍ରରେ ଡଃ. କରୁଣାକର ମହାପାତ୍ର, ରାଜନୀତି କ୍ଷେତ୍ରରେ




ଶ୍ରୀ ପଦ୍ମଲୋଚନ ହାଇବ୍ରୁ, ସାରସ୍ୱତ କ୍ଷେତ୍ରରେ ଡଃ କବିତା ବାରିକ, ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଦାଶ, କଳା କ୍ଷେତ୍ରରେ ଶ୍ରୀଯୁକ୍ତ ସୌର ବିହାରୀ ଦାସ, କ୍ରୀଡା କ୍ଷେତ୍ରରେ ଶ୍ରୀ ନନ୍ଦକିଶୋର ପଟ୍ଟନାୟକ(ମରଣୋତ୍ତର), ଆଇନ ଏବଂ ସମାଜସେବା କ୍ଷେତ୍ରରେ, କୃଷ୍ଣ ଚନ୍ଦ୍ର ଦାସ, ମନୋରଞ୍ଜନ ପଟ୍ଟନାୟକ, ସଂଗଠନ କ୍ଷେତ୍ରରେ, ଯୋଗଗୁରୁ ରାକେଶ ମହାନ୍ତ ଏବଂ ଶିକ୍ଷା କ୍ଷେତ୍ରରେ ଦଶମ ଶ୍ରେଣୀ ପରୀକ୍ଷାରେ ଜିଲ୍ଲାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ତିନି ବର୍ଗର ବିଦ୍ୟାର୍ଥୀ କୁମାରୀ ଜ୍ୟୋତିକା ମହାପାତ୍ର (ସାଧାରଣ), ମିନାକ୍ଷୀ ବେହେରା (ଦିବ୍ୟାଙ୍ଗ), ବୁଦ୍ଧେଶ୍ୱର ମୁର୍ମୁ (ଆଦିବାସୀ) ଙ୍କୁ ଅଜୟ ଦାଶ ମେଧା ବୃତ୍ତି ପାଞ୍ଚ ହଜାର ଟଙ୍କା ମହାମହିମ ରାଜ୍ୟପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା. ଶ୍ରୀଯୁକ୍ତ ଆଶିଷ କୁମାର ବଶା ମଂଚ ପରିଚାଳନା କରିଥିବାବେଳେ, କୃଷ୍ଣ ଚନ୍ଦ୍ର ଦାସ, ଜୟନ୍ତ ପଣ୍ଡା, ସନତ କୁମାର ଦାଶ, ଅଂଶୁମାନ ଦାସ, ଦେବୀଦତ୍ତ ଦାସ, ମନୋରଞ୍ଜନ ପଟ୍ଟନାୟକ ତଥା ଅଜୟ ଦାଶ ସ୍ମାରକୀ ସମିତିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

# କୋଟପାଡ଼ ଠାରେ ଫିଟନେସ ହୋବ ଉଦଘାଟନ

କୋଟପାଡ଼ ୨୭/୧୧ (ନି.ପ୍ର): ଆଜି କୋଟପାଡ଼ ସହରର କୁଞ୍ଜଗୁଡା ଠାରେ ବିକାଶ ଫିଟନେସ ହୋବ ମାନନୀୟ ମୁଖ୍ୟ ଅତିଥି ବିଧାୟକ ରୁପୁ ଭତରାଙ୍କ କରକମଳରେ ରିବନ କାଟି ଉଦ୍ଘାଟନ ହୋଇଯାଇଛି । ସନ୍ମାନିତ ଅତିଥି ଭାବରେ କୋରାପୁଟ ଜିଲ୍ଲା ବଡ଼ି ବିଲିଡ଼ିଙ୍ଗ ଆସସେସିୟନ ସଭାପତି ମନୋଜ କୁମାର ଆଚାର୍ଯ୍ୟ, ସମ୍ପାଦକ ଜି. ସଞ୍ଜୀବ କୁମାର, ନେସନାଲ ଜର୍ଜ ଲୋଲାଟେନ୍ଦୁ ପାତ୍ର, ନବରଙ୍ଗପୁର ସ୍ୱର୍ଣ୍ଣ ପଦକ ବିଜେତା ଶଶାଙ୍କ ଶେଖର ସାହୁ, ଛତିଶଗଡ ବଡ଼ି ବିଲଡର ମିଷ୍ଟର ଫିଜିକ, ଅଙ୍କିତ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ । ବିଶେଷକରି କୋଟପାଡ଼ ଅଞ୍ଚଳରେ ପ୍ରଥମଥର ପାଇଁ ଉଭୟ ପୁରୁଷ ଓ ମହିଳା ମାନେ ଏହି ଫିଟନେସ ହୋବରେ ବ୍ୟାୟାମ ଓ ଖେଳିବା ପାଇଁ ଉପକୃତ ହେବେ ବୋଲି ଏହି ଫିଟନେସ ହୋବ ର ଟ୍ରେନେର ବିକାଶ ସାହୁ ଉପସ୍ଥିତ ଗଣମାଧ୍ୟମଙ୍କୁ ପ୍ରକାଶ କରିଥିଲେ । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ରାମେଶ୍ୱର ଜେନା,ଗଣେଶ ପଣ୍ଡା,ସୁଧୀର ମହାନ୍ତି, ପଙ୍କଜ ପାତ୍ର, କୁଞ୍ଜବିହାରୀ ପାତ୍ର, ଭାରତ ମିଡ଼ିଆ ଆସସେସିୟନ ସଙ୍ଘର ସମସ୍ତ ସାମ୍ବାଦିକ ମାନଙ୍କ ସହିତ ବିକାଶ ସାହୁଙ୍କ ପରିବାର ସମସ୍ତ ସଦସ୍ୟ ଏବଂ କୋଟପାଡ଼ ଅଞ୍ଚଳର ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ ।

# ଉତ୍କଳ ସମ୍ମିଳନୀ କଟକ ପକ୍ଷରୁ ଭାଷା ଆନ୍ଦୋଳନ ଓଡିଶା ର ଅଶୋକ ପରିଡା ସମ୍ବର୍ଦ୍ଧିତ

କନ୍ଧମାଳ, ୨୭/୧୧ (ନି.ପ୍ର):ଉତ୍କଳ ସମ୍ମିଳନୀ ପକ୍ଷରୁ ମଧୁବାବୁଙ୍କ ସମ୍ମାନାର୍ଥେ ବାଲିଯାତ୍ରା ଅବସରରେ କଟକ ଠାରେ ମଧୁମଞ୍ଚରେ ଆମେ ଓଡ଼ିଆ ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ଓଡ଼ିଆ ଭାଷା ଆନ୍ଦୋଳନ,କନ୍ଧମାଳ ଶାଖାର ସଂଯୋଜକ ସାମାଜିକକର୍ମୀ ଅଶୋକ ପରିଡାଙ୍କୁ ମଞ୍ଚରେ ଅତିଥି ମାନେ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି ।ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଭଜମନ ବେହେରା ଉଦଘାଟକ ଭାବେ ଯୋଗଦେଇ ଥିବାବେଳେ, ସଦଗୁରୁ ହସପିଟାଲର ଅଧକ୍ଷ ଡଃ ପ୍ରଦୀପ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।ଉତ୍କଳ ସମ୍ମିଳନୀର ସଭାପତି ସରୋଜ ସିଂ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ସ୍ୱୟଂ ସେବକ ସଂଘର ଲକ୍ଷ୍ମଣ ଚାନ୍ଦାନୀ ଓ ପ୍ରଫେସର ସହଦେବ ପାତ୍ର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ମଧୁବାବୁଙ୍କ ଜୀବନ କାହାଣୀ ଉତ୍କଳର ଅର୍ଦ୍ଧ ଶତାବ୍ଦୀର ଇତିହାସ,ଓ ଡଗଡମାଳୀ ସମ୍ପର୍କରେ ଆଲୋଚନା କରିଥିଲେ ।ମଧୁବାବୁ ଉତ୍କଳ ସମ୍ମିଳନୀର ଆବାହକ ହିସାବରେ ଓଡ଼ଶାକୁ ଭାଷା ଭିତ୍ତିରେ ଦେଶ ସ୍ୱାଧିନତାର ୧୧ବର୍ଷ ପୂର୍ବରୁ ଇଂରେଜ ମାନଙ୍କ ଦ୍ୱାରା ସ୍ୱତନ୍ତ୍ର ପ୍ରଦେଶ ଘୋଷଣା କରାଇବାରେ ସଫଳ ହୋଇଥିଲେ। ହେଲେ ଆମ ରାଜ୍ୟର ନିର୍ବାଚିତ ସରକାର ଆମ ଓଡ଼ିଆ ଭାଷାକୁ ସରକାରୀ ଭାଷା ଭାବେ ଏଯାବତ କାର୍ଯ୍ୟ କରୀ ନ କରିବା ଦୁର୍ଭାଗ୍ୟ ଜନକ ।ଦେଶ ସ୍ୱାଧିନତାର ୧୫ବର୍ଷ ମଧ୍ୟରେ ପ୍ରାଦେଶିକ ଭାଷାକୁ ନିଜ ରାଜ୍ୟର ସରକାରୀ ଭାଷା ଭାବେ ପ୍ରଚଳନ କରିବାକୁ ସମ୍ବିଧାନରେ ବ୍ୟବସ୍ଥା ରହିଛି ।୧୯୫୪ମସିହାରେ ଓଡିଶା ବିଧାନସଭାର ପ୍ରଥମ ନିର୍ବାଚିତ ସରକାର ପ୍ରଥମ ଦିନର ପ୍ରଥମ ଅଧିବେଶନରେ ଭାଷା ଆଇନ ପ୍ରଣୟନ କରିଥିଲେ ।କିନ୍ତୁ ଉଲଂଘନ କରାକୁ ଦଣ୍ଡବିଧାନ ବ୍ୟବସ୍ଥା ନଥିବାରୁ ତାହା ସର୍ବତ୍ର କାର୍ଯ୍ୟକାରୀ ହୋଇପାରୁନାହିଁ ।ପରେ ୧୯୬୨ମସିହାରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀ ସମୟରେ ଅଗଣତାନ୍ତ୍ରିକ ଭାବେ ବିଧାନସଭାରେ ଓଡ଼ିଆ ଭାଷା ସହିତ ଇଂରାଜୀ ଭାଷା କାର୍ଯ୍ୟକାରୀ ହେବ ବୋଲି ଏକ ବିଧେୟକ ଆଣିଥିଲେ ଯାହା ଏକ ପ୍ରତିବନ୍ଧକ ସାଜିଥିଲା ।୨୦୧୫ମସିହା ଠାରୁ ଭାଷା ଆନ୍ଦୋଳନ ଓଡିଶା ପକ୍ଷରୁ ବରିଷ୍ଠ ସାହିତ୍ୟିକ ତଥା ସାମ୍ବାଦିକ ସୁବାଷ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ସବୁ ଜିଲାରେ କଳା ପତକା ମାଧ୍ୟମରେ ଓଡ଼ିଆ ଭାଷାକୁ ସରକାରୀ ଭାଷା କରିବାକୁ ଆନ୍ଦୋଳନ ଆରମ୍ଭ ହେବା ସହ ଗତ ସରକାରଙ୍କ ସହ ଆଲୋଚନା ହୋଇଥିଲା ।ଗତ ସରକାର ଏକ ମନ୍ତ୍ରୀ ସ୍ତରୀୟ କମିଟି ଗଠନ କରିଥିଲେ ହେଁ ସର୍ବତ୍ର ଓଡ଼ିଆ ଭାଷାର ବ୍ୟବହାର ଓ ଉଲଂଘନ କରାକୁ ଦଣ୍ଡବିଧାନ ପାଇଁ ନିୟମ ପ୍ରଣୟନ ହୋଇପାରିଲା ନାହିଁ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ